R.N.I. REGN. No. 65000/96 POSTAL REGN. No. OR/BN-32/12-14

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol.-XXIX, No.203, 30 April 2025, Wednesday, Sambalpur Price:5.00 Online Portal-www.odishasamaya.com, samayaepaper.com, odishasamaya, thesamayanews@gmail.com, www.samayalive.in

Bhubaneswar | Balasore | Angul | Berhampur | Sambalpur

### ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ପ୍ରସ୍ତୁତି

# ସେନାକୁ ସମ୍ପୂର୍ଣ୍ଣ ସ୍ୱାଧୀନତା



ନୂଆଦିଲ୍ଲୀ, ୨୯।୪ : ପହଲଗାମ୍ ଆକ୍ରମଣ ପରେ ଏକ ବଡ ଧରଣର କାର୍ଯ୍ୟାନୁଷ୍ଠାନ ପାଇଁ ସରକାର ପ୍ରସ୍ତୁତ ହେଉଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରୀ ବାସଭବନରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ୩ ସେନାକୁ ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଛି । ଆକ୍ରମଣର ଶୈଳୀ, ଲକ୍ଷ୍ୟ ଓ ସମୟ ସମ୍ପର୍କରେ ସେନା ନିଷ୍ପତ୍ତି ନେବ । ଭାରତୀୟ ସେନା ଉପରେ ତାଙ୍କର ସମ୍ପୂର୍ଣ୍ଣ ବିଶ୍ୱାସ ଥିବା ପ୍ରଧାନମନ୍ତ୍ରୀ କହିଥିବା (୯ ପୃଷ୍ଠାରେ)

**ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଗୁରୁତ୍ୱପୂର୍ଣ୍ଣ ବୈଠକ**

**ଅପରେସନ୍‌ର ଶୈଳୀ, ଲକ୍ଷ୍ୟ, ସମୟ ଧାର୍ଯ୍ୟ କରିବ ସେନା**

**ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ମୋହନ ଭାଗବତ, ଅମିତ୍ ଶାହା**

## ସଂସଦ ଅଧିବେଶନ ଡକାଯାଉ : କଂଗ୍ରେସ

ନୂଆଦିଲ୍ଲୀ, ୨୯।୪ : ପହଲଗାମ ଆତଙ୍କୀ ଆକ୍ରମଣ ପରିପ୍ରେକ୍ଷୀରେ ସୃଷ୍ଟି ହୋଇଥିବା ପରିସ୍ଥିତି ଏବଂ ଭବିଷ୍ୟତ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସଂସଦର ଉଭୟ ଗୃହର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି । କଂଗ୍ରେସ ସଭାପତି ତଥା ରାଜ୍ୟସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନେ ଖଡ୍‌ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏହି ମର୍ମରେ ଚିଠି ଲେଖିଛନ୍ତି । ସେହିଭଳି ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ସ୍ୱତନ୍ତ୍ର ଅଧିବେଶନ ଡାକିବା ଲାଗି ପୃଥକ୍ ଭାବେ ଅନୁରୋଧ କରିଛନ୍ତି ।

ଶ୍ରୀ ଖଡ୍‌ଗେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଏପ୍ରିଲ ୨୨ରେ ପହଲଗାମ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ ପର୍ଯ୍ୟଟକଙ୍କ ଜୀବନ ଯାଇଛି । ବର୍ତ୍ତମାନ ମୁହୂର୍ତ୍ତରେ ଦେଶର ଏକତା ଓ ସଂହତି (୯ ପୃଷ୍ଠାରେ)

## ଶ୍ରମିକଙ୍କ ସର୍ବନିମ୍ନ ଦୈନିକ ମଜୁରୀରେ ୧୦ ଟଙ୍କା ବୃଦ୍ଧି

ଭୁବନେଶ୍ୱର, ୨୯।୪ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରମିକ ମାନଙ୍କ ପାଇଁ ସର୍ବନିମ୍ନ ଦୈନିକ ମଜୁରୀରେ ୧୦ ଟଙ୍କା ବୃଦ୍ଧି ଘୋଷଣା କରିଛନ୍ତି । ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଆଜି ମଞ୍ଜୁରୀ ଦେଇଛନ୍ତି ।

ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ସୁନାମ ଅର୍ଜନ କରିଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଶ୍ରମିକ ମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ମଜୁରୀ ବୃଦ୍ଧି କରିଛନ୍ତି ।

ଏହି ନିଷ୍ପତ୍ତି ଅନୁଯାୟୀ ଅଣକୁଶଳୀ ଶ୍ରମିକ ମାନଙ୍କର ସର୍ବନିମ୍ନ ଦୈନିକ ମଜୁରୀ ୪୫୨ ଟଙ୍କାରୁ ୪୬୨ ଟଙ୍କାକୁ ବୃଦ୍ଧି ପାଇଛି । ସେହିପରି ଅର୍ଦ୍ଧକୁଶଳୀ ଶ୍ରମିକ ମାନଙ୍କ ମଜୁରୀ ୫୦୨ ଟଙ୍କାରୁ ୫୧୨ ଟଙ୍କା, କୁଶଳୀ ଶ୍ରମିକମାନଙ୍କ ଦୈନିକ ମଜୁରୀ ୫୫୨ ଟଙ୍କାରୁ ୫୬୨ ଟଙ୍କା ଏବଂ ଉଚ୍ଚ-କୁଶଳୀ ଶ୍ରମିକମାନଙ୍କର ସର୍ବନିମ୍ନ ଦୈନିକ ମଜୁରୀ ୬୦୨ ଟଙ୍କାରୁ ୬୧୨ ଟଙ୍କାକୁ ବୃଦ୍ଧି ପାଇଛି ।

DADLS- 17



ପବିତ୍ର ଅକ୍ଷୟ ତୃତୀୟା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

କୃଷିଭିତ୍ତିକ ପର୍ବ ପବିତ୍ର ଅକ୍ଷୟ ତୃତୀୟା ତଥା କୃଷକ ଦିବସ ଅବସରରେ ରାଜ୍ୟବାସୀଙ୍କୁ, ବିଶେଷ କରି ଆମର ଚାଷୀ ଭାଇଭଉଣୀ ମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ଚାଷୀ ଭାଇଙ୍କ ଅକ୍ଷି ମୁଠି ଅନୁକୂଳ ଶୁଭଙ୍କର ହେଉ । ଚଳିତ ବର୍ଷ ଚାଷୀ ଭାଇଭଉଣୀମାନଙ୍କ ପାଇଁ ସୁଖ ଓ ସମୃଦ୍ଧିର ବର୍ଷ ହେଉ, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ମୋର ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/13/0611/2526



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ପବିତ୍ର ଅକ୍ଷୟ ତୃତୀୟା ଅବସରରେ





ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଖରିଫ୍ ୨୦୨୫-୨୬

ସି ଏମ୍ କିଷାନ ସହାୟତା


ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ
ସହାୟତା ରାଶି ହସ୍ତାନ୍ତର

୫୦ ଲକ୍ଷରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷକ ପରିବାର ଉପକୃତ

୧୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ଡିବିଟି ମାଧ୍ୟମରେ ହସ୍ତାନ୍ତର



୩୦ ଏପ୍ରିଲ ୨୦୨୫ । ଶୈକ୍ଷିକ କୃଷି ଫାର୍ମ ଓୟୁଏଟି, ବରମୁଣ୍ଡା, ଭୁବନେଶ୍ୱର



କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

OIPR: 01102/13/0022/2526 DSPL-47



# ଅକ୍ଷୟ ତୃତୀୟା





ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟାକୁ 'ଅକ୍ଷୟ ତୃତୀୟା' କୁହାଯାଏ । ଏହି ଦିନରୁ ସତ୍ୟଯୁଗ ଆରମ୍ଭ ହୋଇଥିଲା ବୋଲି ବିଶ୍ୱାସ ରହିଛି, ତେଣୁ ଏ ଦିନ ବିଭିନ୍ନ ଦାନ, ଧାନ, ଧର୍ମ କରି ପ୍ରଭୁଙ୍କର ଅର୍ଚ୍ଚନା କରାଯାଏ । ପ୍ରଭୁ ଜଗନ୍ନାଥଙ୍କର ରଥଗଢ଼ା ସହ ଚନ୍ଦନଯାତ୍ରା ମଧ୍ୟ ଏଇ ଦିନରୁ ଆରମ୍ଭ ହୁଏ । ଏହି ଦିନଟିକୁ ଶୁଭଦିନ ରୂପେ ପରିଗଣିତ କରାଯାଇ ଗୃହନିର୍ମାଣ, ନିର୍ବନ୍ଧ, ବିବାହ, ଉପନୟନ ପ୍ରଭୃତି ଶୁଭକର୍ମ ଅନୁଷ୍ଠିତ ହୋଇଥାଏ । କୃଷକ ଏ ଦିନ ତା' ସ୍ତ୍ରୀ ଠାରୁ ହଳଦି, ଚନ୍ଦନ, ସିନ୍ଦୂର ଲେପିତ ବିହନ – ଧାନପୂର୍ଣ୍ଣ ନୂତନ ଗଉଣୀକୁ ଶଙ୍ଖ ହୁଳହୁଳି ମଧ୍ୟରେ ମୁଣ୍ଡରେ ଥୋଇ ଏବଂ ଅନ୍ୟ ଏକ ନୂତନ ଟୋକେଇରେ ପିଠାନେଇ ହଳଲଙ୍ଗଳ ଧରି କ୍ଷେତକୁ ଯାଏ । ସେଠାରେ ଲକ୍ଷ୍ମୀଠାକୁରାଣୀଙ୍କୁ ଭୋଗଦେଇ ଉକ୍ତ ନୈବେଦ୍ୟ କିଆରିର ଈଶାଣ କୋଣରେ ପୋତି ହଳ ବୁଲାଏ ଓ ମୁଠା ମୁଠା ବିହନ କିଆରିରେ ବୁଣେ, ଏହାକୁ ଅକ୍ଷିମୁଠି କହନ୍ତି । ସଧବା ସ୍ତ୍ରୀମାନେ ଏ ଦିନ 'ଷଠୀଦେବୀ'ଙ୍କର ପୂଜା କରନ୍ତିଓ। ଏଇ ତିଥିରେ ଯେଉଁ ଧର୍ମ ଅର୍ଜନ କରାଯାଏ, ତାହାର କ୍ଷୟ ନାହିଁ । ଅକ୍ଷୟ ତୃତୀୟା ଏକ ସର୍ବ ଭାରତୀୟ କୃଷି ଭିନ୍ନିକ ମୁଖ୍ୟ ପର୍ବ । ଆମ ଉତ୍କଳୀୟ ଜନଜୀବନରେ ସମସ୍ତ ପ୍ରକାର ଶୁଭକାର୍ଯ୍ୟ ଆରମ୍ଭର ଦିନ ହେଉଛି ଅକ୍ଷୟ ତୃତୀୟା। କଥାରେ ଅଛି ଯେ କୌଣସି ଶୁଭକାର୍ଯ୍ୟ ଏହି ଦିବସରେ ଆରମ୍ଭ କରାଗଲେ ବିନା ବିଘ୍ନରେ କାର୍ଯ୍ୟଟି ସମ୍ପାଦିତ ହୋଇଥାଏ । ଉତ୍କଳୀୟଙ୍କର ପ୍ରାଣ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପବିତ୍ର ଶ୍ରୀଗୁଣ୍ଡିଚା ରଥ ନିର୍ମାଣ କାର୍ଯ୍ୟ, ଚନ୍ଦନ ଉତ୍ସବ, ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବ ଜୀଉଙ୍କର ରଥକାର୍ଯ୍ୟ ତଥା ରେବତୀ ମା'ଙ୍କ ସହ ତାଙ୍କର ବିବାହ ଉତ୍ସବ, କୃଷକମାନଙ୍କ ଅକ୍ଷିମୁଠି ଅନୁକୂଳ ଆଦି ସମସ୍ତ ମାଙ୍ଗଳିକ କାର୍ଯ୍ୟ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ପାଳିତ ହୋଇଥାଏ । ପ୍ରତ୍ୟେକ କୃଷକ ପରିବାରର ଏହା ଆଦ୍ୟ କୃଷିପର୍ବ । ଧାନ ଆମ ପ୍ରଦେଶର ମୁଖ୍ୟ ଫସଲ ହୋଇଥିବାରୁ ଅକ୍ଷିମୁଠି ହିସାବରେ ଧାନକୁ ମହାଲକ୍ଷ୍ମୀଙ୍କ ସ୍ୱରୂପ ଭାବେ ଗ୍ରହଣ କରାଯାଇ ସେହି ଧାନରେ ହିଁ ମୁଠି ଅନୁକୂଳ କରାଯାଏ । ଅକ୍ଷୟ ତୃତୀୟା ପ୍ରସନ୍ନତା ଓ କୃଷକ ପରିବାର ପାଇଁ ଏକ ପବିତ୍ରତା, ଆଶା ଆକାଂକ୍ଷାର ପର୍ବ । ଉକ୍ତ ଦିବସ ନୂତନଗୃହ, ମନ୍ଦିର, କୂପ, ଜଳାଶୟାଦି ପ୍ରାରମ୍ଭ, ପ୍ରତିଷ୍ଠାର ଦିନ ତଥା ବିଦ୍ୟାରମ୍ଭ, ବ୍ୟବସାୟ ଆରମ୍ଭ, ବିବାହାଦି ନିର୍ବନ୍ଧ ପାଇଁ ସର୍ବଶ୍ରେଷ୍ଠ ସମୟ ।


**ପୁଷ୍ପମିତ୍ର ମହାପାତ୍ର**
ମୋ : ୯୪୩୭୨୨୫୬୮୯

## ସୋସିଆଲ କୋଟ୍ସ



" ବିଧୁ ବିନୋଦ ଯେତେବେଳେ କ୍ୟାରିୟରରେ ସଫଳ ହେଲେ, ସେତେବେଳେ ନିଜର ସାଙ୍ଗମାନଙ୍କୁ ଭୁଲିବାକୁ ଲାଗିଲେ । ଯେଉଁ ସାଙ୍ଗମାନେ ତାଙ୍କୁ ଅସମୟରେ ସାହାଯ୍ୟ କରିଥିଲେ ସେମାନଙ୍କୁ ସେ ସଫଳ ହେଲାପରେ ଭୁଲି ଯାଇଥିଲେ ।

**ପରେଶ ରାୱଲ, ଅଭିନେତା**



" ଛାବା ଫିଲ୍ମ ଦେଖିବାପରେ ମୁଁ ବ୍ରିଟିଶମାନଙ୍କୁ ଚାପୁଡ଼ା ମାରିବାକୁ ଚାହୁଁଛି । ଏହି ଫିଲ୍ମ ଦେଖିବା ପରେ ମୋତେ ଖୁବ ରାଗ ଆସିଥିଲା । ଦେଶର ଶତ୍ରୁଙ୍କୁ ମାରିବାକୁ ଇଚ୍ଛା ।


**ବିଜୟ ଦେବରକୋଣ୍ଡା, ଅଭିନେତା**



" ଯଦି ସଲମାନଙ୍କ ଫିଲ୍ମ ସାଉଥ୍ ଲୋକ ଦେଖୁନାହାନ୍ତି, ତେବେ ସେ ସୁପରଷ୍ଟାର କିଭଳି ହେଲେ ? ଏଭଳି ଦର୍ଶକଙ୍କର ନିନ୍ଦା କରିବା ଉଚିତ୍ ନୁହେଁ ।


**ଘଣ୍ଟା ନବୀନ ବାବୁ, ଅଭିନେତା**

## ଶୁଷ୍କପାଟି



ଶୁଷ୍କପାଟି ବା ଡ୍ରାଏ ମାଉଥ୍ ଏକପ୍ରକାର ସ୍ୱାସ୍ଥ୍ୟଗତ ସମସ୍ୟା ଯାହା ହେବା ଫଳରେ ରୋଗୀର ପାଟିରେ ଆବଶ୍ୟକ ପରିମାଣର ଲାଳ ନିର୍ଗତ ହୋଇ ନଥାଏ । ଏହି ରୋଗୀଙ୍କର ଲାଳ ନିର୍ଗତ କରୁଥିବା ଗ୍ଲାଣ୍ଡ୍ ସଠିକ୍ ଢଙ୍ଗରେ କାର୍ଯ୍ୟ କରିନଥାଏ, ଯାହା ଫଳରେ ଲାଳ କମ ପରିମାଣରେ ନିର୍ଗତ ହୋଇଥାଏ । ଏହି ରୋଗ ହେଲେ ରୋଗୀ ଖାଦ୍ୟର ସ୍ୱାଦ ଜାଣିବାରେ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି । କେବଳ ସ୍ୱାଦ ନୁହେଁ ଖାଦ୍ୟ ଚୋବାଇ ଖାଇବା, ଗିଳିବା, କଥା କହିବା ଆଦିରେ ରୋଗୀଙ୍କୁ ସମସ୍ୟା ହୋଇଥାଏ । ସେହିଭଳି ଏହି ରୋଗ କାରଣରୁ ପାଟିରେ ଅନ୍ୟ ସଂକ୍ରମଣ ମଧ୍ୟ ହେବାର ସମ୍ଭାବନା ରହିଥାଏ । ଏହାର ପ୍ରକୃତ କାରଣ ସାଲିଭାରୀ ଗ୍ଲାଣ୍ଡ କାମ ନକରିବା । ତେବେ ଏହାର କାରଣ ଅନେକ ରହିଛି, ଯାହା ରୋଗୀର ପରୀକ୍ଷା ହେବା ପରେ ଡାକ୍ତର ସେ ସମ୍ବନ୍ଧରେ ସୂଚନା ଦେଇ ପାରିବେ । ତେବେ ଏହାର ଲକ୍ଷଣ ଭାବେ ରୋଗୀମାନଙ୍କର ଖାଦ୍ୟ ଖାଇବା ବେଳେ ସମସ୍ୟା ଓ କଥା କହିବାରେ ସମସ୍ୟା ଦେଖିବାକୁ ମିଳିଥାଏ । ଦାନ୍ତ ଓ ମାଢ଼ିରେ ମଧ୍ୟ ସମସ୍ୟା ଦେଖିବାକୁ ମିଳିଥାଏ । ପାଟିର ବିଭିନ୍ନ ସଂକ୍ରମଣର କାରଣ ଏହି ସମସ୍ୟା ସାଜିଥାଏ । ତେଣୁ ଯଦି ଏଭଳି କୌଣସି ଲକ୍ଷଣ ଦେଖୁଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

୧୮୮୬– ଆମେରିକାର ଚିକାଗୋରେ ଶ୍ରମିକ ଦିବସ ପାଳନ ।
୧୯୧୪– ପ୍ରଥମ ଥର ପାଇଁ କାର୍ ନିର୍ମାଣ କମ୍ପାନୀ ଫୋର୍ଡ଼ ନିଜ କର୍ମଚାରୀଙ୍କ ପାଇଁ ୮ ଘଣ୍ଟା କାର୍ଯ୍ୟ ସମୟ ସ୍ଥିର କରିଥିଲା ।
୧୯୧୯– କଣ୍ଠଶିଳ୍ପୀ ମନ୍ନାଦେ'ଙ୍କ ଜନ୍ମ ।
୧୯୨୩– ଭାରତରେ ମେ' ଦିବସ ପାଳନର ଆରମ୍ଭ ।
୧୯୬୦– ମହାରାଷ୍ଟ୍ର ଏବଂ ଗୁଜରାଟ ଅଲଗା ଅଲଗା ରାଜ୍ୟ ଭାବେ ଗଠିତ ।
୧୯୭୨– ଦେଶରେ କୋଇଲା ଖଣିର ଜାତୀୟକରଣ ।
୧୯୮୮– ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କର ଜନ୍ମ ।




# ନୂଆ ବାଦଲ ଠାବ


ଅନେକ ସମୟରେ ବୈଜ୍ଞାନିକଙ୍କୁ ପୃଥିବୀର ଆକାଶରେ ଅନେକ ଆଶ୍ଚର୍ଯ୍ୟକର ବସ୍ତୁ ମିଳିଥାଏ । ସେହିଭଳି ଏକ ସୂଚନା ବର୍ତ୍ତମାନ ସୋସିଆଲ ମିଡିଆରେ ଟ୍ରେଣ୍ଡ୍ ହେବାରେ ଲାଗିଛି । ବୈଜ୍ଞାନିକଙ୍କୁ ଏକ ଗ୍ୟାସ୍ ଓ ଡଷ୍ଟରୁ ନିର୍ମିତ ହୋଇଥିବା ଖୁବ ବଡ ଆକାରର ବାଦଲ ମିଳିଛି । ସେହିଭଳି ଏହି ବାଦଲଟି ପୃଥିବୀ ଓ ସୂର୍ଯ୍ୟଠାରୁ ମାତ୍ର ୩୦୦ ଲାଇଟ୍ ଇୟର ଦୂରରେ ରହିଛି ବୋଲି ବୈଜ୍ଞାନିକମାନେ ସୂଚନା ଦେଇଛନ୍ତି । ଏହି ବାଦଲ ନିଜର ନିର୍ମାଣଶୈଳୀ ପାଇଁ ଏପର୍ଯ୍ୟନ୍ତ ଲୁଚି ରହିଥିବା ସେମାନେ ପ୍ରକାଶ କରିଛନ୍ତି । ଏହାର ନିର୍ମାଣ ଉଦ୍‌ଜାନ ମଲିକ୍ୟୁଲ୍‌ରୁ ହୋଇଥିବାରୁ ଏହା ଆଜି ପର୍ଯ୍ୟନ୍ତ ଲୁଚି ରହିଥିବା ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି । ବର୍ତ୍ତମାନ ବୈଜ୍ଞାନିକମାନେ ଏହାକୁ ଫାର୍ ଅଲ୍ଟ୍ରାଭାଓଲେଟ୍ ଲାଇଟ୍ ସାହାଯ୍ୟରେ ଖୋଜି ପାଇଛନ୍ତି । ଏହି ରଶ୍ମୀ କାରଣରୁ ବାଦଲରେ ଥିବା ଉଦଜାନ୍ ଏକ ଉଜ୍ଜ୍ୱଳ ଜ୍ୟୋତି ବିକିରଣ କରିଥିଲା ଯେଉଁକାରଣରୁ ବାଦଲକୁ ବୈଜ୍ଞାନିକମାନେ ଠାବ କରିବାରେ ସଫଳ ହୋଇଥିଲେ । ଏହି ବାଦଲର ଆକାର ଓ ଓଜନ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଠାରୁ ଅନେକ ଗୁଣ ଅଧିକ। ସେହିଭଳି ଏହି ବାଦଲରେ ଗ୍ୟାସ ଭରିରହିଥିବା ଏହି ଷ୍ଟଡିରେ ଜଣା ପଡିଛି । ଏହି ବାଦଲ ସହାୟତାରେ ବୈଜ୍ଞାନିକମାନେ ଧୂଳି ଓ ଗ୍ୟାସ ସମ୍ପର୍କରେ ବୈଜ୍ଞାନିକମାନେ ଅଧିକ ତଥ୍ୟ ପାଇପାରିବେ । ସେହିଭଳି କିଭଳି ଆଉ ଏକ ନକ୍ଷତ୍ର ଜନ୍ମ ହୋଇଥାଏ ସେ ସମ୍ପର୍କରେ ମଧ୍ୟ ତଥ୍ୟ ମିଳିପାରିବ । ଆଗକୁ ଏହି ବାଦଲରୁ ଆହୁରି ଅନେକ ତଥ୍ୟ ମିଳିବ ବୋଲି ବୈଜ୍ଞାନିକ ପ୍ରକାଶ କରିଛନ୍ତି ।



# ନୃତ୍ୟ କହିଥାଏ ମନକଥା

ବିଟାଉନ୍ ଅଭିନେତ୍ରୀ ସନ୍ଦିପା ଧର ସବୁବେଳେ ନିଜ ଅଭିନୟଠାରୁ ଅଧିକ ନୃତ୍ୟ ପାଇଁ ଚର୍ଚ୍ଚାରେ ରହିଥାଆନ୍ତି । ତାଙ୍କ ନୃତ୍ୟର ଅନେକ ଫ୍ୟାନ ରହିଛନ୍ତି । ତାଙ୍କ ଭଙ୍ଗୀ ଓ ନୃତ୍ୟ ଶୈଳୀକୁ ଦର୍ଶକ ଖୁବ ଭଲପାଇବା ଦେଇଥାଆନ୍ତି । ଅନେକ ସମୟରେ ସୋସିଆଲ ମିଡିଆରେ ତାଙ୍କ ଡ୍ୟାନ୍ସ ଭିଡିଓ ଭାଇରାଲ ହୋଇଥାଏ। କେବଳ ଦର୍ଶକ ନୁହେଁ ନିଜେ ସନ୍ଦିପା ମଧ୍ୟ ଅଭିନୟଠୁ ନୃତ୍ୟକୁ ବେଶି ଭଲ ପାଇଥାଆନ୍ତି ବୋଲି ଅନେକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ସେ ଅଭିନୟ ଠାରୁ ନୃତ୍ୟ ଭଲ କରନ୍ତି ବୋଲି ପ୍ରକାଶ କରିଛନ୍ତି । ତେବେ ସନ୍ଦିପାଙ୍କର ନୃତ୍ୟର ପ୍ରେରଣା ମାଧୁରୀ ଦିକ୍ଷିତ ବୋଲି ସେ ନିକଟରେ ପ୍ରକାଶ କରିଛନ୍ତି । ଛୋଟ ପିଲାଦିନୁ ସେ ମାଧୁରୀଙ୍କ ଡ୍ୟାନ୍ସ ଦେଖି ବଡ ହୋଇଛନ୍ତି । ମାଧୁରୀଙ୍କ ନୃତ୍ୟ ଦେଖି ତାଙ୍କର ମଧ୍ୟ ଏଥିପାଇଁ ଇଚ୍ଛା ବଢିଥିବା ସେ ଏହି ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ସେହିଭଳି ନୃତ୍ୟ ମନର ଭାଷା ପ୍ରକାଶ କରିବାକୁ ସବୁଠାରୁ ଭଲ ମାଧ୍ୟମ ବୋଲି ସେ ମତ ଦେଇଛନ୍ତି । ସେ ନିଜ ମନକଥା କହିବାକୁ ସବୁବେଳେ ଲାଜ କରୁଥିବାରୁ ନୃତ୍ୟ ଏଥିପାଇଁ ଭଲ ମାଧ୍ୟମ, ସେ ସବୁବେଳେ ନିଜ ମନକଥାକୁ ପ୍ରକାଶ କରିବାକୁ ନୃତ୍ୟର ସାହାଯ୍ୟ ନେଇଥାଆନ୍ତି ବୋଲି ପ୍ରକାଶ କରିଛନ୍ତି ।





**ହାଃହାଃ..**

ଦାନ୍ତ ଡାକ୍ତର – ଆପଣଙ୍କ ଦାନ୍ତ ଉପାଡିବାକୁ ପଡିବ ।
ରାଜୁ – କେତେ ପଇସା ଲାଗିବ ?
ଡାକ୍ତର – ୫୦୦ ଟଙ୍କା ।
ରାଜୁ – ଏତେ ପଇସା କଣ । ତୁମେ ୫୦ ଟଙ୍କା ନେଇ ଟିକେ ଢିଲା କରିଦିଅ, ତାପରେ ମୁଁ ନିଜେ ଓପାଡି ଦେବି ।

# କାର୍ଟୁନ ଆଙ୍କି ବିଶ୍ୱ ରେକର୍ଡ

ତାମିଲନାଡୁର କିଛି ବିଦ୍ୟାର୍ଥୀ ମିଶି ଏକ ନୂଆ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି । ୪୫ ଜଣ ଛାତ୍ରଛାତ୍ରୀ ମିଶି ମାତ୍ର ୫୧ ମିନିଟ୍‌ରେ ୧୦,୦୦୦ କାର୍ଟୁନ ଆଙ୍କି ଏହି ରେକର୍ଡ ସୃଷ୍ଟି କରିଛନ୍ତି । ଯେଉଁ କାରଣରୁ ଏହି ପିଲାଙ୍କ ନାଁ ବର୍ତ୍ତମାନ କଲାମ ବିଶ୍ୱ ରେକର୍ଡରେ ସାମିଲ ହୋଇଛି । ଏହି ପ୍ରତିଯୋଗିତାକୁ ସ୍ଥାନୀୟ ବିଦ୍ୟାଳୟ ଆୟୋଜନ କରିଥିବା ଜଣା ପଡିଛି । ଏହି ପ୍ରତିଯୋଗିତା ସାହାଯ୍ୟରେ ଯୁବ କଳାକାରଙ୍କ ପ୍ରତିଭାକୁ ପ୍ରୋତ୍ସାହିତ କରିବା ମୂଳଲକ୍ଷ । ପ୍ରତିଯୋଗିତାର ସର୍ତ୍ତ ଅନୁଯାୟୀ ୭୫ ମିନିଟ୍‌ରେ ୧୦ ହଜାର କାର୍ଟୁନ ଆଙ୍କିବାର ଥିଲା ହେଲେ ଏହି ପିଲାମାନେ ମାତ୍ର ୫୧ ମିନିଟ୍‌ରେ ଏହାକୁ ଆଙ୍କି ରେକର୍ଡ ସୃଷ୍ଟି କରିଛନ୍ତି । ଏହି ପ୍ରତିଯୋଗିତାରେ ପ୍ରଥମରୁ ଏକାଦଶଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଭାଗ ନେଇଥିଲେ ।

# ଭାକରୱାଡି ଚାଟ୍

**ସାମଗ୍ରୀ–** ଗୋଟିଏ କପ୍ ଛୋଟ ଭାକରୱାଡି, ଏକ କପ୍ କୁରମୁରା, ପିଆଜ ଗୋଟିଏ (କଟା), ଲଙ୍କା ୨ଟି, ଗୋଟିଏ ଟୋମାଟ (କଟା), କାକୁଡି, ସିଝା ଆଳୁ, ଏକ ଚାମଚ ଲେମ୍ବୁ ରସ, ଚାଟ ମସଲା, ଏକ ଚାମଚ ମହୁ, ସେଉ, ଧନିଆ ପତ୍ର ।

**ପ୍ରଣାଳୀ–** ପ୍ରଥମେ ଏକ ପାତ୍ରରେ ଭାକରୱାଡି, ପିଆଜ,କଞ୍ଚାଲଙ୍କା, ଟୋମାଟ, କାକୁଡି,ସିଝା ଆଳୁ,ଚାଟ ମସଲାକୁ ମିଶାନ୍ତୁ । ତାପରେ ଏଥିରେ ମହୁ, ଲେମ୍ବୁ ରସ ଓ କୁରମୁରା ପକାଇ ଗୋଳାନ୍ତୁ ।



### ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଆସାମୀ ନିର୍ଦ୍ଦୋଷରେ ଖଲାସ

# ୨୦ ବର୍ଷ ପରେ ଜେଲରୁ ମୁକୁଳିବେ ରାଜେନ୍ଦ୍ର ଜୈନ

କଟକ,(ସବ୍ୟୁ) : ଏକ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଆସାମୀ ରାଜେନ୍ଦ୍ର ଜୈନକୁ ହାଇକୋର୍ଟ ଆଜି ନିର୍ଦ୍ଦୋଷରେ ଖଲାସ କରିଛନ୍ତି । କେବଳ ସନ୍ଦେହ ଆଧାରରେ ଆସାମୀ ରାଜେନ୍ଦ୍ର ଜୈନକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲାବେଳେ ହାଇକୋର୍ଟ ଏହି ଆଦେଶକୁ ରଦ୍ଦ କରି ଦେଇଛନ୍ତି । ଏଥିସହ ରାଜେନ୍ଦ୍ର ଜୈନ ବିରୋଧରେ ଅନ୍ୟ କୌଣସି ମାମଲା ନଥିଲେ ତୁରନ୍ତ ତାକୁ ଜେଲ୍‌କୁ ଛାଡ଼ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସଙ୍ଗମ କୁମାର ସାହୁ ଏବଂ ଜଷ୍ଟିସ୍ ଚିତ୍ତରଞ୍ଜନ ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ଏହି ରାୟ ଦେଇଛନ୍ତି । ହାଇକୋର୍ଟଙ୍କ ଏହି ଆଦେଶ ଫଳରେ ୨୦୦୫ ମସିହାରୁ ଗିରଫ ହୋଇ ଜେଲ୍ରେ ଥିବା ଆସାମୀ ରାଜେନ୍ଦ୍ର ଜୈନ ଦୀର୍ଘ ୨୦ବର୍ଷ ପରେ ଜେଲରୁ ଛାଡ଼ ପାଇବାକୁ ଯାଉଛନ୍ତି ।

୨୦୦୫ ଡିସେମ୍ବର ୨୭ ତାରିଖରେ ମୃତକ ପିଙ୍କି ଜୈନଙ୍କ ସ୍ୱାମୀ ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଥାନାରେ ଏକ ଏତଲା ଦେଇଥିଲେ । ସେ ଅଭିଯୋଗ କରିଥିଲେ ଯେ, ବିବାହ ପରେ ସେ ତାଙ୍କ ପତ୍ନୀଙ୍କ ପାଳିତ ପିତାମାତା ରାଜେନ୍ଦ୍ର ଜୈନ ଏବଂ ମଞ୍ଜୁଙ୍କ ସହ ଗୋଟିଏ ଘରେ ରହୁଥିଲେ । ଷ୍କ୍ରାପ୍ ବ୍ୟବସାୟ କରି ସେମାନେ ଗୁଜୁରାଣ ମେଣ୍ଟାଉଥିଲେ । ଘଟଣା ଦିନ ସକାଳୁ ପିଙ୍କି ଜୈନଙ୍କ ସ୍ୱାମୀ ଲଖନପୁରକୁ ବ୍ୟବସାୟିକ କାର୍ଯ୍ୟରେ ଚାଲି ଯାଇଥିଲେ । ଶାଶୂ ମଧ୍ୟ ସ୍କ୍ରାପ ସାମଗ୍ରୀ ସଂଗ୍ରହ ପାଇଁ ଚାଲି ଯାଇଥିଲେ । ଘରେ ଶ୍ୱଶୁର ଏବଂ ପତ୍ନୀ ରହିଥିଲେ । ସେ ସଂଧ୍ୟାକୁ ଆସି ଘର ବାହାରୁ ତାଲା ପଡ଼ିଥିବା ଦେଖିବାକୁ ପାଇଥିଲେଛ ଏନେଇ ପାଖ ଜଣେ ଲୋକଙ୍କୁ ଅବଗତ କରିଥିଲେ । ଉଭୟ ମିଶି ଘର କବାଟି ଭାଙ୍ଗି ପଶିବା ପରେ ଭିତରେ ପତ୍ନୀଙ୍କ ରକ୍ତଭିଜା ମୃତ ଶରୀର ପଡ଼ିରହିଥିଲା । ଘଟଣା ସଂକ୍ରାନ୍ତରେ ଥାନାକୁ ଅବଗତ କରିଥିଲେ ।

ଥାନା ପକ୍ଷରୁ ଏତଲା ରୁଜୁ ହେବାସହ ପାଳିତ ପିତା ରାଜେନ୍ଦ୍ର ଜୈନଙ୍କୁ ଖୋଜା ଯାଇଥିଲା । ରାଜେନ୍ଦ୍ର ଜୈନ ପାଖ ଏକ ପୋଲ ଉପରେ ବିଷ ପିଇ ପଡ଼ିରହିଥିବା ଦେଖାଯାଇଥିଲା । ସେଠାରୁ ନେଇ ମେଡିକାଲରେ ଚିକିତ୍ସା କରାଯିବା ପରେ ରାଜେନ୍ଦ୍ର ଜୈନକୁ ଗିରଫ କରାଯାଇଥିଲା । ଏହି ମାମଲାର ଶୁଣାଣି ଝାରସୁଗୁଡ଼ା ଅତିରିକ୍ତ ସେସନ୍ସ ଜଜ୍‌ଙ୍କ ଅଦାଲତରେ ହୋଇଥିଲା । ଅଦାଲତ ୨୦୦୬ ନଭେମ୍ବର ୨୮ ତାରିଖରେ ଏହି ମାମଲାର ରାୟ ପ୍ରକାଶ କରି ଆସାମୀ ରାଜେନ୍ଦ୍ର ଜୈନକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ । ଏହି ଆଦେଶ ବିରୋଧରେ ଆସାମୀ ରାଜେନ୍ଦ୍ର ଜୈନ ହାଇକୋର୍ଟକୁ ଆସିଥିଲେ । ହାଇକୋର୍ଟ ଏହି ମାମଲାର ରାୟ ପ୍ରକାଶ କରିବା ଅବସରରେ କହିଛନ୍ତି ଯେ, ଆସାମୀ ବିରୋଧରେ କେବଳ ସନ୍ଦେହକୁ ଆଧାର କରି ଦଣ୍ଡିତ କରାଯାଇଛି । ଆସାମୀ ବିରୋଧରେ ସିଧାସଳଖ କୌଣସି ପ୍ରମାଣ ନାହିଁ । କୌଣସି ଘଟଣାରେ ଜଣକୁ ଦଣ୍ଡିତ କରିବା ପୂର୍ବରୁ ସେଥିରେ ଯେପରି କୌଣସି ପ୍ରକାର ଦ୍ୱନ୍ଦ୍ୱ ନରହିବା ଉଚିତ୍ । ଅପରପକ୍ଷରେ ଆସାମୀର ଆତ୍ମହତ୍ୟା ପଛର କାରଣ ମଧ୍ୟ ସ୍ପଷ୍ଟ ନୁହେଁଛ ଏପରିକି ଆସାମୀ ବିରୋଧରେ ମେଡିକାଲ ରିପୋର୍ଟ ମଧ୍ୟ ଯାଉନାହିଁ । ତେଣୁ କେବଳ ସନ୍ଦେହ ଆଧାରରେ ଜଣକୁ ଦଣ୍ଡିତ କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ମତଦେବା ସହ ନିମ୍ନ ଅଦାଲତଙ୍କ ଦଣ୍ଡାଦେଶକୁ ରଦ୍ଦ କରି ଦେଇଛନ୍ତି । ଏଥିସହ ଜେଲରେ ଥିବା ଆସାମୀକୁ ଛାଡ଼ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

### କଟକ ଦେଉଳସାହି ରଞ୍ଜିତ ଭୋଳଙ୍କ ଘରେ‘ଏନ୍‌ଆଇଏ ଟିମ୍’

# ପ୍ରତ୍ୟକ୍ଷଦର୍ଶୀ ୪ ଜଣଙ୍କ ୨୦ ମିନିଟର ବୟାନ୍ ରେକର୍ଡ : ୨ଘଣ୍ଟା ପଚରାଉଚରା

କଟକ, (ସବ୍ୟୁ): ଜମ୍ମୁ କାଶ୍ମୀର ପହଲଗାମର ଲୋମହର୍ଷଣକାରୀ ଘଟଣା ପରେ କେନ୍ଦ୍ର ଏନ୍‌ଆଇଏ ଟିମ୍ ସ୍ଥାନୀୟ ପୁଲିସ ର ସହଯୋଗରେ ପହଞ୍ଚିଛନ୍ତି କଟକ ସହରରେ । ଆଜି ଆଞ୍ଚଳିକ ଏନ୍‌ଆଇଏ ସ୍କ୍ୱାର୍ଡ ୩ଜଣ ଅଧିକାରୀ କଟକ'ର ଦେଉଳସାହି ସ୍ଥିତ ପହଲଗାମ ଘଟଣାକୁ ଅତି ନିକଟରୁ ଦେଖିଥିବା ଏକ ପରିବାରକୁ ପଚରାଉଚରା କରିଛନ୍ତି । ୨ଘଣ୍ଟାର ପଚରାଉଚରା କରିବା ପରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିବାପରେ ସେମାନଙ୍କ ୨୦ମିନିଟ୍ର ବୟାନ୍'କୁ ରେକର୍ଡ କରାଯାଇଛି । ଏଥି ସହିତ ସମ୍ପୃକ୍ତ ପରିବାରର ୪ଜଣ ସଦସ୍ୟଙ୍କ ମୋବାଇଲ୍'କୁ ଯାଞ୍ଚ କରାଯିବା ସହିତ ପହଲଗାମ୍‌ରେ ରେକର୍ଡ ହୋଇଥିବା ସମସ୍ତ ଭିଡ଼ିଓ କ୍ଲିପ୍‌କୁ ଜବତ କରାଯାଇଥିବା ବିଶେଷସୂତ୍ରରୁ ଜଣାପଡ଼ିଛି । ଜେରା କରିବାକୁ ଆସିଥିବା ଏନ୍‌ଆଇଏ ଟିମ୍ ସମ୍ପୃକ୍ତ ପରିବାରକୁ ପାଟି ନ ଖୋଲିବାକୁ ପରାମର୍ଶ ଦେବା ସହିତ ଗୋପନୀୟତାକୁ ଗୁରୁତ୍ୱ ଦେବାକୁ କହିଥିବା ପ୍ରକାଶ । ଦେଉଳସାହିର ରଞ୍ଜିତ୍ ଭୋଳ ଓ ତାଙ୍କ ପରିବାରକୁ ଏନ୍‌ଆଇଏ ଟିମ୍ ପଚରାଉଚରା କରୁଥିବା ବେଳେ ସେମାନଙ୍କ ବୟାନ୍‌କୁ ଭିଡ଼ିଓ ରେକର୍ଡିଂ କରାଯାଇଛି । ରଞ୍ଜିତ୍ ତାଙ୍କ ପତ୍ନୀ ଶଶିକୁମାରୀ ଓ ପୁଅ ସନ୍ଦିପ୍ ଭୋଳ ବାସ୍ତବରେ ଯାହା ଘଟିଛି ତାହା କହିଛନ୍ତି । କେଉଁ ପରିସ୍ଥିତିରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା, ଆତଙ୍କବାଦୀ ମାନେ କେଉଁ ଭାଷାରେ କଥା ହେଉଥିଲେ, କେମିତିଆ ପୋଷାକ ପିନ୍ଧିଥିଲେ, ସେମାନଙ୍କୁ କଣ କହିଲେ, କଲମା ପଢ଼ିବା ପାଇଁ କେମିତି ବାଧ୍ୟ କରିଥିଲେ, ଏସବୁ ବାବଦରେ ଏନ୍‌ଆଇଏ ଟିମ୍ ତଥ୍ୟ କରିଥିଲେ । ଆତଙ୍କବାଦୀଙ୍କ ଯେଉଁ ଫଟୋ ସାମ୍ନାକୁ ଆସିଛି ସେଗୁଡ଼ିକ ଦେଖାଇ ଚିହ୍ନଟ ବାସ୍ତବ'ରେ ସେମାନେ ସେଠି ଥିଲେ କି ନାହିଁ ତାହା ଯାଞ୍ଚ କରିଥିଲେ । ଏନ୍‌ଆଇଏ ଟିମର ଜଣେ ଏସପି ପାହ୍ୟାର ଅଧିକାରୀଙ୍କ ସହ ଜଣେ ଡିଏସପି ଓ ଜଣେ ଆଇଆଇସି ପାହ୍ୟାର ଅଧିକାରୀ ଏହି ପଚରାଉଚରା କରିଥିଲେ ।



### ମୋବାଇଲ୍'ର ସମସ୍ତ ଭିଡିଓ ଜବତ

### ଗୋପନୀୟତା ବଜାୟ ରଖିବାକୁ ପରାମର୍ଶ

ଅତଙ୍କବାଦୀ ଆକ୍ରମଣ ସମୟରେ ପହଲଗାମରେ କଟକ ଦେଉଳସାହି ସ୍ଥିତ ମଠସାହି ଲେନ୍ ବାସିନ୍ଦା ସନ୍ଦୀପ ଭୋଳ ଓ ପରିବାର ସେଠାରେ ଉପସ୍ଥିତ ଥିଲେ । ଗତ ୨୨ ଏପ୍ରିଲର ଲୋମହର୍ଷଣକାରୀ ଘଟଣା ସମ୍ପର୍କରେ ସେ କହିଛନ୍ତି ଯେ, ତାଙ୍କ ବାପା ରଞ୍ଜିତ କୁମାର ଭୋଳ, ମାଆ ଶଶୀ କୁମାରୀ ନାୟକ ଓ ପତ୍ନୀ ଲେଲିନା ଶୁଭଦର୍ଶନୀଙ୍କୁ ନେଇ ସେ ଗତ ୧୯ ତାରିଖରେ କଟକରୁ ବାହାରିଥିଲେ । ତାଙ୍କର ତୃତୀୟ ବିବାହ ବାର୍ଷିକ ୨୨ ତାରିଖରେ ଥିବାରୁ ଏହାକୁ ବାପା ମାଆଙ୍କ ସହ ପାଳିବାକୁ କାଶ୍ମୀର ଯାଇଥିଲେ । ୨୨ ତାରିଖ ଦିନ ୨ଟା ବେଳେ ସେଠାରେ ପହଞ୍ଚିଥିଲେ ଛ ପହଞ୍ଚିବାର କିଛି ଘଣ୍ଟା ମଧ୍ୟରେ ଏଭଳି ହୃଦୟବିଦାରକ ଘଟଣା ଘଟିଥିଲା । ସେଠାରେ ପ୍ରଥମେ ଫଲ୍ସ ଫାୟରିଂ ହୋଇଥିଲା । ତାହା ଶୁଣି ସନ୍ଦୀପ ସମସ୍ତଙ୍କୁ ତଳେ ଲୁଚିଯିବାକୁ କହିଥିଲେ । ପ୍ରାୟ ୪ ଜଣ ଆତଙ୍କବାଦୀ ସେଠାରେ ଥିଲେ, ହେଲେ ଜଣେ ଆତଙ୍କବାଦୀ ସନ୍ଦୀପଙ୍କ ପରିବାର ପାଖକୁ ଆସିଥିଲା । ସେଠାରେ ସେମାନେ ପୁରୁଷମାନଙ୍କୁ ଗୁଳି କରୁଥିଲେ ଏବଂ ତା ପୂର୍ବରୁ 'କଲମା' ପିବାକୁ କହୁଥିଲେ । ସେଠାରେ ସନ୍ଦୀପ କଲମା ପିଥିଲେ କିନ୍ତୁ ତାଙ୍କ ପରିବାରକୁ ବଞ୍ଚାଇ ଦେବାକୁ ମନରେ କେବଳ ହନୁମାନଙ୍କୁ ଡାକୁଥିଲେ ବୋଲି ଆଜି କଟକରେ ପହଞ୍ଚି ଦେଉଳସାହିସ୍ଥିତ ବାସ ଭବନରେ ଏଭଳି ଭୟଙ୍କର ତଥା ଦୃହୟବିଦାରକ ଅନୁଭୂତି ସମ୍ପୃକ୍ତ ପରିବାର କହିଥିଲେ ।

# ମେ’ ୨ରୁ ଓଜେଇଇ ପରୀକ୍ଷା

ଭୁବନେଶ୍ୱର(ସବ୍ୟୁ): ଆସନ୍ତା ମେ’ ୨ ତାରିଖରୁ ଆରମ୍ଭ ହେଉଛି ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା ବା ଓଜେଇଇ । ରାଜ୍ୟ ଭିତରେ ୩୦ଟି ଓ ରାଜ୍ୟ ବାହାରେ ୩ଟି କେନ୍ଦ୍ରରେ ଓଜେଇଇ ପରୀକ୍ଷା ହେବ । ୩ଟି ପର୍ଯ୍ୟାୟରେ ମଧ୍ୟ ପରୀକ୍ଷା ହେବ ।

କମ୍ପ୍ୟୁଟର ବେସଡ ଟେଷ୍ଟ ବା ସିବିଟି ମାଧ୍ୟମରେ ପରୀକ୍ଷା କରାଯିବ । ସକାଳ ୮ଟା ୩୦ରୁ ୧୦ଟା ୩୦, ମଧ୍ୟାହ୍ନ ୧୨ଟା ୩୦ରୁ ଅପରାହ୍ନ ୨ଟା ୩୦ ଏବଂ ଅପରାହ୍ନ ୪ଟା ୩୦ରୁ ସନ୍ଧ୍ୟା ୬ଟା ୩୦ ମଧ୍ୟରେ ପରୀକ୍ଷା ହେବ । ପରୀକ୍ଷା ଆସନ୍ତା ମେ’ ୨ ତାରିଖରୁ ଆରମ୍ଭ ହୋଇ ୧୨ ତାରିଖରେ ସରିବ । ଏହି ସମୟରେ ବି. ଫାର୍ମ, ଏମସିଏ, ବେସିକ ବିଏସସି ନର୍ସିଂ ଆଦି ପ୍ରବେଶିକା ପରୀକ୍ଷା ହେବ ।

ରାଜ୍ୟରେ ଥିବା ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟ ଓ କଲେଜର ବି ଫାର୍ମା, ଏମ୍‌ସିଏ, ଏମ୍.ଏସସି(କମ୍ପ୍ୟୁଟର ସାଇନ୍ସ), ଏମବିଏ, ଇଣ୍ଟିଗ୍ରେଟେଡ୍ ଏମବିଏ, ବି.କାର୍ଟ, ଏମ୍.ଟେକ୍, ଏମ୍.ଟେକ୍(ପାର୍ଟ-ଟାଇମ୍), ଏମ୍.ଆର୍କ, ଏମ୍.ପ୍ଲାନ୍, ଏମ୍.ଫାର୍ମା ଓ ଲାଟେରାଲ ଏଣ୍ଟ୍ରି ବି.ଟେକ୍ ଓ ଲାଟେରାଲ୍ ଏଣ୍ଟ୍ରି ବି.ଫାର୍ମା ପାଠ୍ୟକ୍ରମରେ ନାମଲେଖା ଲାଗି ଏହି ପ୍ରବେଶିକା ପରୀକ୍ଷା କରାଯିବ । ଏନେଇ ଓଜେଇଇ ପକ୍ଷରୁ ସୂଚନା ମିଳିଛି ।

# ସପିଂ ମଲକୁ ଗୁଳିମାଡ଼

ବାଲେଶ୍ୱର, (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ସୋର ବାଗୁଡି ବଜାରରେ ଥିବା ଭଗବତୀ ଟ୍ରେଡ଼ର୍ସ ସପିଂ ମହଲ ଉପରକୁ ଗୁଳିମାଡ଼ କରାଯାଇଛି।ମିଳିଥିବା ସୂଚନା ଅନୁସାରେ ବାଗୁଡି ବଜାରରେ ଥିବା ଭଗବତୀ ଟ୍ରେଡ଼ର୍ସରେ ମଙ୍ଗଳବାର ସନ୍ଧ୍ୟାରେ କର୍ମଚାରୀମାନେ ଥିବା ବେଳେ ରାତି ପ୍ରାୟ ୮ ଟା ସମୟରେ ଗୋଟିଏ ବାଇକରେ ତିନିଜଣ ଯୁବକ ଆସି ସପିଂ ସାମ୍ନାରେ ରହି ସପିଂ ମହଲର ଉପର ତାଲାରେ ଥିବା କାଚକୁ ଦୁଇ ରାଉଣ୍ଡ ଗୁଳିମାଡ଼ କରି ଫେରାର ହୋଇଯାଇଥିଲେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିବା ବେଳେ ଖବର ପାଇ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।ତେବେ ବ୍ୟବସାୟିକ ଶତ୍ରୁତାରୁ ଗୁଳି ଚାଳନା କରାଯାଇଥିବା ଅନୁମାନ କରାଯାଉଛି।

### ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଲାଗି ପ୍ରସ୍ତାବ

# ଚିଠି ଲେଖିଲେ କଂଗ୍ରେସ ବିଧାୟକ ଦଳ ନେତା

ଭୁବନେଶ୍ୱର(ସବ୍ୟୁ): ଓଡ଼ିଶା କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବା ଲାଗି ବାଚସ୍ପତି ସୁରମା ପାଢ଼ୀଙ୍କ ନିକଟକୁ ଚିଠି ଲେଖିଛନ୍ତି । ପହଲଗାମ୍ ଆତଙ୍କୀ ଆକ୍ରମଣ ନେଇ ଆଲୋଚନା ଲାଗି କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି ।

ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପହଲଗାମ୍ ଆତଙ୍କୀ ଆକ୍ରମଣ ଘଟଣା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖିବା ପରେ ଓଡ଼ିଶା କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବା ଲାଗି ବାଚସ୍ପତି ସୁରମା ପାଢ଼ୀଙ୍କ ନିକଟକୁ ଚିଠି ଲେଖିଛନ୍ତି । ପହଲଗାମ୍ ଆତଙ୍କୀ ଆକ୍ରମଣ ନେଇ ଆଲୋଚନା ଲାଗି କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି ।

### ଶିଶୁ ବାଟିକା, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାମାନଙ୍କ ଶିକ୍ଷା ପାଇଁ ଦିଆଯିବ ‘ଯାଦୁପେଡି’

# ପିଲାମାନଙ୍କୁ ପାଠପ୍ରତି ଆକୃଷ୍ଟ କରିବା ପାଇଁ ଏହା ଖୁବ ଉପଯୋଗୀ ହେବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନ ଠାରେ ଶିଶୁ ବାଟିକା ପିଲା ମାନଙ୍କ ପାଇଁ ଉଦ୍ଦିଷ୍ଟ ଯାଦୁପେଡି ଦେଖିବା ସହିତ, ପିଲାମାନଙ୍କ ପାଇଁ ଏହାର ଉପଯୋଗୀତା ବିଷୟରେ ବୁଝିଥିଲେ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶାଳିନୀ ପଣ୍ଡିତ ଯାଦୁପେଡି ଭିତରେ ଥିବା ବିଭିନ୍ନ ସାମଗ୍ରୀ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ ।



ମୁଖ୍ୟମନ୍ତ୍ରୀ ଏହି ପେଡି ଭିତରେ ଥିବା ସାମଗ୍ରୀ ଦେଖି ଖୁସି ବ୍ୟକ୍ତ କରି କହିଥିଲେ, ଛୋଟ ଛୋଟ ପିଲାମାନେ ନିଜ ପାରିପାର୍ଶ୍ୱିକ ଅଂଚଳରେ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ଏହାର ଉପଯୋଗୀତା ବିଷୟରେ ଏହି ଯାଦୁପେଡିରେ ଥିବା ଖେଳନାରୁ ଶିଖି ପାରିବେ । ଶିଶୁ ମାନଙ୍କୁ ଏହି ଯାଦୁପେଡ଼ିର ଖେଳନା ଗୁଡିକ ଶିଖିବା ସହିତ ପାଠ ପ୍ରତି ମଧ୍ୟ ଆକର୍ଷିତ କରିବ ।

ନୂତନ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ଛୋଟ ଛୋଟ ପିଲାମାନଙ୍କ ପାଇଁ ଏହି ଯାଦୁପେଡିର ପରିକଳ୍ପନା କରାଯାଇଛି । ଏହାକୁ ଏନ୍‌ସିଇଆରଟି ଦ୍ୱାରା ପ୍ରସ୍ତୁତ କରାଯାଇଛି । ଶିଶୁ ବାଟିକା, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାମାନଙ୍କ ପାଇଁ ଏହି କିଟ୍ ପ୍ରଦାନ କରାଯିବ । ପ୍ରତ୍ୟେକ କିଟ୍ ପାଇଁ ପ୍ରାୟ ୨୦ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି । ରାଜ୍ୟର ୪୫ ହଜାର ସ୍କୁଲରେ ଏହାକୁ ଆବଣ୍ଟିତ କରାଯିବ ଏବଂ ସମୁଦାୟ ୯୦ କୋଟି ଟଙ୍କା ଖର୍ଚ୍ଚ ହେବ ।

### ପାକିସ୍ତାନ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲା ମୁସଲିମ ଜମାତର

ଧାମନଗର,(ସବ୍ୟୁ):ଜାମ୍ମୁ କାଶ୍ମୀରର ପହଲଗାମ ଠାରେ ଆତଙ୍କବାଦୀମାନେ ସାଧାରଣ ଜନତାଙ୍କ ଉପରେ କରିଥିବା ଆକ୍ରମଣକୁ କଡ଼ା ନିନ୍ଦା କରିଛି ଧାମନଗର ମୁସଲିମ ଜମାତ। ଧାମନଗର ସ୍ଥିତ ଅବଦୁଲ କଲାମ ପାଠାଗାର କେନ୍ଦ୍ର ପରିସରରେ ମୁସଲିମ ଜମାତର ସଭାପତି ଗୋଲାମ ଜିଲାନି ହବିବ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସାଧାରଣ ସମ୍ପାଦକ ସେକ ଜାଫର ଆଲ୍ଲୀ ସଂଚାଳନା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଧାମନଗର ଏନଏସି ଉପାଧ୍ୟକ୍ଷ ଓସିମ ଏଜଦାନି କାଦରୀ, ସମାଜସେବୀ ସେକ ଅବଦୁଲ ହାକିମ,ଏମଡି ହବିବୁର ରହେମାନ,ସେକ ହମିଦ,ଏମଡି ସୈଫୁଲ୍ଲା,ସେକ ମକଦୁମ,ଏମଡି ଆମାନୁଲ୍ଲା,ମୀର ଖୁରସିଦ୍,ଏମଡି ବାବୁନୁ,ସେକ ତାରବାବୁଙ୍କ ସମେତ ବହୁ ସଂଖ୍ୟକ ମୁସଲିମ ଜମାତର କର୍ମକର୍ତ୍ତାମାନେ ଯୋଗ ଦେଇ ଜାମ୍ମୁ କାଶ୍ମୀର ପହଲଗାମ ଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ୨୮ଜଣ ନିରୀହ ପର୍ଯ୍ୟଟକ ମାନଙ୍କ ପ୍ରତି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ରାଜ୍ୟ ପରିବହନ ପ୍ରାଧିକରଣରେ ୨୧ ଟ୍ରାଫିକ ଏସଆଇ ନିଯୁକ୍ତି ପ୍ରସଙ୍ଗ

# ରାଜ୍ୟ ସରକାରଙ୍କୁ କୈଫିୟତ୍ ମାଗିଲେ ସୁପ୍ରିମକୋର୍ଟ

କଟକ,(ସବ୍ୟୁ): ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ)ରେ ୨୧ଟି ସବ୍-ଇନ୍ସପେକ୍ଟର(ଟ୍ରାଫିକ୍) ପଦରେ ସିଧାସଳଖ ନିଯୁକ୍ତି ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ତେବେ ଏହି ରାୟକୁ ବିରୋଧ କରି ସୁପ୍ରିମ କୋର୍ଟରେ ରୁଜୁ ହୋଇଥିବା ମାମଲାରେ ରାଜ୍ୟ ସରକାରଙ୍କୁ କୈଫୟତ କରିଛନ୍ତି । ତେବେ ନିଯୁକ୍ତି ପ୍ରକ୍ରିୟା ଚାଲିବ ଏବଂ ମାମଲାର ଶେଷ ନହେବା ପର୍ଯ୍ୟନ୍ତ ଚାରୋଟି ପଦବି ପୂରଣ ନକରିବାକୁ ଅନ୍ତରୀଣ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଫଳରେ ରାଜ୍ୟ ସରକାର ଏବେ ଅଡୁଆରେ ପଡ଼ିଯାଇଛନ୍ତି ।

ହରେକୃଷ୍ଣ ନାୟକ ଏବଂ ଅନ୍ୟ ୩ଜଣଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ସୁଧାଂଶୁ ଧୁଳିଆ ଏବଂ ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି । ମାମଲାର ଶୁଣାଣି ଆସନ୍ତା ଜୁଲାଇ ୧୬ କୁ ଧାର୍ଯ୍ୟ ହୋଇଛି । ମାମଲାରୁ ଜଣାଯାଇଛି ଯେ, ୨୧ଟି ଟ୍ରାଫିକ୍ ସବ୍-ଇନ୍ସପେକ୍ଟର ପଦବି ପୂରଣ ପାଇଁ ଏସ୍ଟିଏ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏହି ୨୧ଟି ଯାକ ପଦବିରେ ସିଧାସଳଖ ନିଯୁକ୍ତି ଦିଆଯିବ ବୋଲି କୁହାଯାଇଥିଲା । ଏହାକୁ ଚାଲେଞ୍ଜ କରି ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା । ହାଇକୋର୍ଟର ଜଣିକିଆ ବିଚାରପତି ୨୦୨୪ ନଭେମ୍ବର ୨୭ ତାରିଖରେ ଏକ ରାୟ ପ୍ରଦାନ କରି ଏହି ୨୧ଟି ପଦ ମଧ୍ୟରୁ ୫୦% ପଦବିରେ ବିଭାଗୀୟ ପଦୋନ୍ନତି ଆଧାରରେ ନିଯୁକ୍ତି ଦେବାକୁ କହିଥିଲାବେଳେ ବାକି ୫୦% ପଦରେ ସିଧାସଳଖ ନିଯୁକ୍ତି ଦେବାକୁ କହିଥିଲେ । ଏହାକୁ ଚାଲେଞ୍ଜ କରି ଏସ୍ଟିଏ ହାଇକୋର୍ଟକୁ ଆସିଥିଲା । ହାଇକୋର୍ଟ ଗତ ମାର୍ଚ୍ଚ ୧୭ ତାରିଖରେ ରାୟ ପ୍ରକାଶ କରି ଜଣିକିଆ ବିଚାରପତିଙ୍କ ଆଦେଶକୁ ରଦ୍ଦ କରିବା ସହ ସିଧାସଳଖ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ଆଦେଶ ବିରୋଧରେ ଆବେଦନକାରୀମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସୁପ୍ରିମକୋର୍ଟ ମାମଲାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରଞ୍ଜନ କୁମାର ଦୁବେ, ଆଇନଜୀବୀ ଗୌତମ ଭୋଳ ଏବଂ ଆଇନଜୀବୀ ସତ୍ୟରଞ୍ଜନ ପତି ଏହି ମାମଲା ପରିଚାଳନା କରୁଛନ୍ତି । ସୁଚନାଥାଉକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ୨୧ ଟି ଟ୍ରାଫିକ ସବଇନିସ୍ପେକ୍ଟର ପଦବୀ ପାଇଁ ଗତ ରବିବାର ଦିନ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି ।

# କଂଗ୍ରେସର ନୀତି ଆଦର୍ଶକୁ ଆପଣାଇଲେ ବହୁ କର୍ମୀ

ମୋରଡା ,(ସବ୍ୟୁ) : ଭୁବନେଶ୍ୱର ସ୍ଥିତ ପ୍ରଦେଶ କଂଗ୍ରେସ ଭବନ ପରିସରରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ଏବଂ ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲାଲୁଙ୍କ ନେତୃତ୍ୱରେ ସମବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଏବଂ ମୋରଡା ନିର୍ବାଚନମଣ୍ଡଳୀରୁ ଅନ୍ୟ ଦୋଳ ଛାଡି ବହୁ ପୁରୁଖା ନେତା କଂଗ୍ରେସର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ମୋରଡା ନିର୍ବାଚନ ମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ପ୍ରଭାସକର ମହାପାତ୍ରଙ୍କ ନେତୃତ୍ୱରେ କଂଗ୍ରେସରେ ସାମିଲ ହୋଇଛନ୍ତି । ବେତନଟୀ ବ୍ଲକ ନହଣ୍ଡାଶୋଳ ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ତ୍ରିଲୋଚନ ମହାନ୍ତ, ପୂର୍ବତନ ୱାର୍ଡ ସଭ୍ୟ ମନୋଜ ମହାନ୍ତ,୧୧ ନମ୍ବର ୱାର୍ଡ ସଭ୍ୟ କ୍ଷୀରୋଦଚନ୍ଦ୍ର ମହାନ୍ତ, ପୂର୍ବତନ ସରପଞ୍ଚ ଦୁଃଖିରାମ ମାଝୀ ମୋରଡା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଶୁଳିଆପଦା ବ୍ଲକର ଧାତିକା ପଞ୍ଚାୟତର ସରପଞ୍ଚ ସୁକୁଲ ସୋରେନ, ସମିତି ସଭ୍ୟା ସୁକାନ୍ତି ଟୁଡୁ,ମୋରଡା ବ୍ଲକ ଅଧୀନ ସୁରେଇଡ଼ିହି ପଞ୍ଚାୟତର ପୂର୍ବତନ ସରପଞ୍ଚ ସୀତା ସିଂ ପ୍ରମୁଖ କଂଗ୍ରେସରେ ବିଧିବଦ୍ଧ ଭାବେ ଯୋଗଦାନ କରିଛନ୍ତି।

### ମେ’ରେ ବାତ୍ୟା ଭୟ

# ସଜାଗ ରହିବାକୁ ସବୁ ବିଭାଗକୁ ନିର୍ଦ୍ଦେଶ

ଭୁବନେଶ୍ୱର(ସବ୍ୟୁ): ପ୍ରାକ୍ ବାତ୍ୟା ପ୍ରସ୍ତୁତି ବୈଠକ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି । ୨୦୧୯ ମସିହା ମେ’ରେ ଗ୍ରୀଷ୍ମକାଳୀନ ବାତ୍ୟା ‘ଫନୀ’ର ଅଭିଜ୍ଞତାକୁ ଭିତ୍ତି କରି ରାଜ୍ୟରେ ଗ୍ରୀଷ୍ମକାଳୀନ ବାତ୍ୟା ପରିଚାଳନା ନେଇ ବୈଠକରେ ବିଭିନ୍ନ ବିଭାଗର ପ୍ରସ୍ତୁତି ସଂପର୍କରେ ଆଲୋଚନା ହୋଇଥିଲା ।

ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ସମୀକ୍ଷା କରି ସମ୍ଭାବ୍ୟ ବାତ୍ୟା ଓ ବନ୍ୟା ପରିପ୍ରେକ୍ଷୀରେ ସମସ୍ତ ପ୍ରକାର ପ୍ରସ୍ତୁତି କରିବାକୁ ସଂପୃକ୍ତ ବିଭାଗଗୁଡ଼ିକୁ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ପରାମର୍ଶ ଦେଇଥିଲେ । ବର୍ତ୍ତମାନ ରାଜ୍ୟରେ ବାତ୍ୟା ନେଇ କୌଣସି ସୂଚନା ନଥିବାବେଳେ ଯେକୌଣସି ବିପର୍ଯ୍ୟୟର ସମ୍ମୁଖୀନ କରିବା ପାଇଁ ପ୍ରତି ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ସେ କହିଥିଲେ । ଏତଦବ୍ୟତୀତ ବାତ୍ୟା ସୂଚନା ତଳସ୍ତରରେ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ଖୁବ୍‌ଶୀଘ୍ର ପହଞ୍ଚାଇବା ପାଇଁ ଥିବା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କୁ ଶ୍ରୀ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ଦେଓ ରଞ୍ଜନ କୁମାର ସିଂହ ଯୋଗଦେଇ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ସଂପର୍କରେ ସୂଚନା ଦେଇଥିଲେ । ଓସ୍‌ଡମା ପକ୍ଷରୁ ବାତ୍ୟା ପ୍ରସ୍ତୁତି ସଂପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରାଯାଇଥିଲା । ପାଣିପାଗର ପୂର୍ବାନୁମାନ ସ୍ଥିତି ସଂପର୍କରେ ଅବଗତ କରି ବାତ୍ୟା କିମ୍ବା ପାଣିପାଗ ସତର୍କ ସୂଚନା ପ୍ରସାରଣ ପାଇଁ ବର୍ତ୍ତମାନର ବ୍ୟବସ୍ଥା, ଡିଜିଟାଲ ବ୍ୟବସ୍ଥା ମାଧ୍ୟମରେ ସତର୍କ ସୂଚନା ଜାରି ରହିଛି । ଗୋପାଳପୁର ଓ ପାରାଦ୍ୱୀପଠାରେ ଡପଲର୍ ୱେଦର ରାଡାର ବ୍ୟବସ୍ଥାର ସୁଦୃଢ଼ୀକରଣ କରାଯାଇଥିବା ସଂପର୍କରେ ତଥ୍ୟ ଉପସ୍ଥାପନ କରାଯାଇଥିଲା । ଏଥିସହ ବାଲେଶ୍ୱର ଓ



ସମ୍ବଲପୁରଠାରେ ଡପଲର୍ ପାଣିପାଗ ରାଡାର ଷ୍ଟେସନ୍ ପ୍ରତିଷ୍ଠା ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ଓସଡମା ପକ୍ଷରୁ କୁହାଯାଇଥିଲା ।

ସେହିଭଳି ଅଗ୍ନିଶମ ସେବାର ମହାନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀ ବିଭାଗର ପ୍ରସ୍ତୁତି ସଂପର୍କରେ ପ୍ରକାଶ କରିବା ସହ ବାତ୍ୟା ସମୟରେ ଟେଲି ଯୋଗାଯୋଗ ବ୍ୟବସ୍ଥା ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟ ପକ୍ଷରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ କହିଲେ ଯେ ୟୁନିଫାଇଡ୍ କମାଣ୍ଡ ସିଷ୍ଟମ୍ ସୁଦୃଢ଼ୀକରଣ କରାଯାଇ ବିପର୍ଯ୍ୟୟ ପରବର୍ତ୍ତୀ ସମୟରେ ତ୍ୱରିତ ସେବା ପ୍ରଦାନ କରାଯାଇପାରିବ । ସହରାଞ୍ଚଳରେ ବନ୍ୟା ଜଳ ନିଷ୍କାସନ ପ୍ରସ୍ତୁତି ସଂପର୍କରେ ମହାନଗର ନିଗମ ପ୍ରଶାସନ ନିର୍ଦ୍ଦେଶକ ଅରବିନ୍ଦ ଡାକୁଆ ମତାମତ ଦେଇଥିଲେ । ବାତ୍ୟା ଆଶ୍ରୟସ୍ଥଳୀ, ସ୍ଥାନୀୟ ବ୍ଲକ୍ ପ୍ରଶାସନ, ସରପଞ୍ଚ ଓ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ଓ ସହଯୋଗତାରେ କାର୍ଯ୍ୟ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା । ସେହିପରି ଜଳସମ୍ପଦ, ଖାଦ୍ୟଯୋଗାଣ, ଡ୍ରେନେଜ୍ ବ୍ୟବସ୍ଥା, ଡାକ୍ତରୀ ସେବା, ମହିଳା ଓ ଶିଶୁ ବିକାଶ ଆଦି ପ୍ରସ୍ତୁତି ସଂପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଛି।

### ଅତ୍ୟାବଶ୍ୟକ ଯନ୍ତ୍ରପାତି ମହଜୁଦ ଉପରେ ଗୁରୁତ୍ୱାରୋପ

# କାଟିନେଲେ ୧୦ଲକ୍ଷ ଟଙ୍କା ମୂଲ୍ୟର ଚନ୍ଦନ ଗଛ

ସାକ୍ଷୀଗୋପାଳ ,(ସବ୍ୟୁ) : ଚନ୍ଦନ ଯାତ୍ରା ଅବ୍ୟବହିତ ପୂର୍ବରୁ ସାକ୍ଷୀଗୋପାଳ ଠାକୁରଙ୍କ ଚନ୍ଦନ ପୋଖରୀକୁ ଲାଗି ରହିଥିବା ନଅର ବଗିଚାରୁ ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ପ୍ରାୟ ୧୦ ଲକ୍ଷ ଟଙ୍କା ମୂଲ୍ୟର ଚନ୍ଦନ ଗଛ କାଟି ନେଇଛନ୍ତି । ମଙ୍ଗଳବାର ବଗିଚାରୁ ଚନ୍ଦନ ଗଛ ଚୋରି ଘଟଣା ପ୍ରଥମେ ବଗିଚା ରକ୍ଷକ ଜାଣିବାପରେ ମନ୍ଦିର ବଗିଚା ପରିଦର୍ଶକ ମନୋରଞ୍ଜନ ମହାନ୍ତିଙ୍କୁ ଜଣାଇଥିଲେ। ପ୍ରାୟ ୪୦ ବର୍ଷରୁ ଅଧିକ ପୁରୁଣା ଏହି ଗଛଟିର ଗୋଲେଇ ପ୍ରାୟ ୨ ଫୁଟ ଓ ଉଚ୍ଚତା ୧୦ ଫୁଟ ଲମ୍ବ ହେବ ବୋଲି ମନୋରଞ୍ଜନ ମହାନ୍ତି କହିଛନ୍ତି। କରତ ସାହାଯ୍ୟରେ ଗଛଟି ମୁଳରୁ କାଟି ନିଆ ଯାଇଅଛି ବୋଲି ଅନୁମାନ କରାଯାଇଛି। ଗଛମୂଳରେ ଡାଳପତ୍ର ପଡ଼ିଥିବା ଦେଖିବାକୁ ମିଳିଛି। ଖବର ପାଇ ସତ୍ୟବାଦୀ ତହସିଲଦାର ତଥା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ପାଣିଗ୍ରାହୀ ଘଟଣା ସ୍ଥଳର ପରିଦର୍ଶନ କରିବାପରେ ଏନେଇ ସତ୍ୟବାଦୀ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ସତ୍ୟବାଦୀ ପୋଲିସ ତରଫରୁ ଘଟଣାର ତଦନ୍ତ ଆରମ୍ଭ ହୋଇଅଛି ବୋଲି ଆଇ ଆଇ ସି ବିଜୟ କେତନ ବେହେରା ସୂଚନା ପ୍ରଦାନ କରିଥିଲେ ।



# କର୍କଟ ରୋଗୀଙ୍କ ପାଇଁ ରକ୍ତଦାନ ଶିବିର

ନିମାପଡା,(ସବ୍ୟୁ) : ରାଜ୍ୟରେ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଖରା ଦିନରେ ରକ୍ତର ଅଭାବ ଯୋଗୁଁ ଆବଶ୍ୟକତା ପଡିଲେ ହଠାତ ରୋଗୀଙ୍କୁ ରକ୍ତ ମିଳୁନି । ଏହାକୁ ଆଖି ଆଗରେ ରଖି ନେକ୍ସସ ହେଲ୍ଥ ଫାଉଣ୍ଡେସନ ପକ୍ଷରୁ ଆଜି ନିମାପଡା ବ୍ଲକ ଭଗବତୀପୁର ସ୍କୁଲରେ କର୍କଟ ରୋଗୀଙ୍କ ଉଦ୍ଦେଶ୍ୟରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଏହି ଶିବିରରେ ଅତିଥିଭାବେ ଭୁବନେଶ୍ୱର ଏସ୍‌ବିଆଇ ଶାଖାର ସନ୍ଦୀପ କୁମାର ମହାପାତ୍ର,ସରପଂଚ ଦେବାଶିଷ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ମୋଟ ୨୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ସଂଗୃହିତ ରକ୍ତ କେବଳ କର୍କଟ ରୋଗୀଙ୍କ ହିତରେ ଲାଗିବ ବୋଲି ନେକ୍ସସ ହେଲ୍ଥ ଫାଉଣ୍ଡେସନର ସଭାପତି ସୁବ୍ରତ ମଲ୍ଲିକ ପ୍ରକାଶ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଫାଉଣ୍ଡେସନର ମାର୍ଗଦର୍ଶକ ପ୍ରଶାନ୍ତ କୁମାର ରାଉତ,ସ୍ୱାଗତମ ସାହୁ,ସତ୍ୟ ନାରାୟଣ ସାହୁ,ସଦସ୍ୟ ଶ୍ରୀକାନ୍ତ ସାହୁ,ସର୍ବଜିତ ମିଶ୍ର,ଚନ୍ଦନ ପରିଡା ପ୍ରମୁଖ ଉପସ୍ଥିତଥିଲେ ।



ପ୍ରଭୁ ଲିଙ୍ଗରାଜଙ୍କ ଚାପ ଖେଳ ପାଇଁ ଭୁବନେଶ୍ୱର ବିନ୍ଦୁସରୋବରରେ ଡଙ୍ଗା ପ୍ରସ୍ତୁତ

## ସମ୍ବିଧାନ ବଞ୍ଚାଅ ଅଭିଯାନ ପାଇଁ କଂଗ୍ରେସ ପର୍ଯ୍ୟବେକ୍ଷକ ନିଯୁକ୍ତ

ଭୁବନେଶ୍ୱର (ସବ୍ୟୁ): ଅଖିଳ ଭାରତ କଂଗ୍ରେସ କମିଟିର ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକର ନିଷ୍ପତ୍ତି ଅନୁଯାୟୀ ଦେଶବ୍ୟାପି କଂଗ୍ରେସ ଦଳ ପକ୍ଷରୁ ୪୦ ଦିନିଆ 'ସମ୍ବିଧାନ ବଞ୍ଚାଅ ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାପାଇଁ ନିର୍ଦ୍ଦେଶ ଆସିଛି । ଏହିକ୍ରମରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ରାଜ୍ୟସ୍ତରୀୟ ସମ୍ବିଧାନ ବଞ୍ଚାଅ କାର୍ଯ୍ୟକ୍ରମ ଗତ ୨୮ ତାରିଖ ଦିନ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି। ମଇ ୩ ତାରିଖଠାରୁ ୧୦ ତାରିଖ ମଧ୍ୟରେ ଜିଲ୍ଲାସ୍ତରୀୟ'ସମ୍ବିଧାନ ବଞ୍ଚାଅ ରାଲି' ଏବଂ ମଇ ୧୧ ତାରିଖ ଠାରୁ ମଇ ୧୭ ତାରିଖ ମଧ୍ୟରେ ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ 'ସମ୍ବିଧାନ ବଞ୍ଚାଅ ରାଲି' ଏବଂମଇ ୨୦ ତାରିଖ ଠାରୁ ମଇ ୩୦ ତାରିଖ ପର୍ଯ୍ୟନ୍ତ 'ଘରକୁ ଘର ସଚେତନତା କାର୍ଯ୍ୟକ୍ରମ' ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଦଳ ପକ୍ଷରୁ ୫୮ଜଣ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଛି ।

ଏଥିରେ ଅନୁଗୁଳ ପାଇଁ ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ ଓ ଲଲାଟେନ୍ଦୁ ଦାସ, ବାଲେଶ୍ୱର ପାଇଁ ପୂର୍ବତନ ମହିଳା ଅଧ୍ୟକ୍ଷ ବନ୍ଦିତା ପରିଡ଼ା ଓ ପଦ୍ମାକରଗୁରୁ, ବରଗଡ଼ ପାଇଁ ପୂର୍ବତନ ବିଧାୟକ ଜାକବ ପ୍ରଧାନ ଓ ଫାରୁକୁ ମହମ୍ମଦ, ଭଦ୍ରକ ପାଇଁ ପୂର୍ବତନ ବିଧାୟକ ଦେବୀ ପ୍ରସାଦ ଚାନ୍ଦ ଓ ମାଗୁଣିଜେନା, ଭୁବନେଶ୍ୱର ପାଇଁ ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ ଓ ଜାନକୀବଲ୍ଲଭ ପଟ୍ଟନାୟକ, ବଲାଙ୍ଗୀର ପାଇଁ ବିଜୟାନନ୍ଦ ଚାଉଳିଆ, ବୌଦ୍ଧ ପାଇଁ ନକୁଳ ନାୟକ, କଟକ ନଗର ପାଇଁଲଲାଟେନ୍ଦୁମହାପାତ୍ର ଓ ମନୋଜ ବିଶ୍ୱାଳ, କଟକ ଗ୍ରାମ୍ୟ ପାଇଁ ଲଲାଟେନ୍ଦୁ ମହାପାତ୍ର ଓ ହିମାଂଶୁ ଲେଙ୍କା, ଦେଓଗଡ଼ ପାଇଁ ପୂର୍ବତନ ବିଧାୟକ ଶ୍ୟାମ ଚରଣ ହାଂସଦା ଓ ସଂଗ୍ରାମ ଦାସ, ଢ଼େଙ୍କାନାଳ ପାଇଁଚିନ୍ମୟ ପ୍ରସାଦ ଦାସ ଓ ଅଭିଳାଷ ମାଣିଆ, ଗାମ ପୂର୍ବ ପାଇଁ ପ୍ରଦୀପ କୁମାର ଦାସ, ଗଞ୍ଜାମ ପଶ୍ଚିମ ପାଇଁ ପୂର୍ବତନ ବିଧାୟକ ଅର୍ନ୍ତଜ୍ୟାମି ବେହେରା ଓ ବିଜୟକୁମାର ପ୍ରଧାନ, ଗଜପତି ପାଇଁ ପୂର୍ବତନ ବିଧାୟକ ଡ. ତ୍ରିନାଥ ବେହେରା, ଜଗତସିଂହପୁର ପାଇଁ ରାଜକିଶୋର ବାରିକ ଓ ସିର୍ଦ୍ଧାଥ ମହାନ୍ତି, ଯାଜପୁର ପାଇଁସୁର୍ଦଶନ ଦାସ ଓ ଆଲୋକ ମିଶ୍ର, ଝାରସୁଗୁଡ଼ା ପାଇଁସିଦ୍ଧାର୍ଥ ସ୍ୱରୂପ ଦାଶ, କଳାହାଣ୍ଡି ପାଇଁମନୋରଞ୍ଜନ ତ୍ରିପାଠୀ ଓ ଅଜିତ ଦାସ ଆଦିଙ୍କୁ ନିଯୁକ୍ତ କରାଯାଇଥିଲା। ବେଳେ ଅନ୍ୟ ଅଞ୍ଚଳ ପାଇଁ ମଧ୍ୟ ପର୍ଯ୍ୟନ୍ତବେକ୍ଷକ ନିଯୁକ୍ତି ଦିଆଯାଇଛି ।

**ଯୁଗମ୍ ଇନୋଭେସନ କନକ୍ଲେଭ**

# ଦେଶର ଯୁବବର୍ଗଙ୍କ ମଧ୍ୟରେ ଇନୋଭେସନ ପରମ୍ପରାକୁ ବଢ଼ାଇବ : ଧର୍ମେନ୍ଦ୍ର




ଭୁବନେଶ୍ୱର (ସବ୍ୟୁ): ଏକବିଂଶ ଶତାବ୍ଦୀର ଆବଶ୍ୟକତା ଅନୁସାରେ ଆମେ ଦେଶର ଶିକ୍ଷା ବ୍ୟବସ୍ଥାକୁ ଆଧୁନିକୀକରଣ କରୁଛୁ ବୋଲି ମଙ୍ଗଳବାର ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଯୁଗମ ଇନୋଭେସନ କନକ୍ଲେଭ – ୨୦୨୫ରେ ଯୋଗଦେବା ଅବସରରେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଶିକ୍ଷା ମନ୍ତ୍ରଣାଳୟ ଏବଂ ୱାଧୱାନୀ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଜାତୀୟ ଶିକ୍ଷା ନୀତି ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଦେଶର ଭବିଷ୍ୟତ ଦେଶର ଯୁବପିଢ଼ିଙ୍କ ଉପରେ ନିର୍ଭରଶୀଳ । ଏଥିପାଇଁ ଆମେ ଦେଶର ଶିକ୍ଷା ବ୍ୟବସ୍ଥାକୁ ଏକବିଂଶ ଶତାବ୍ଦୀର ଆବଶ୍ୟକତା ଅନୁସାରେ ଆଧୁନିକୀକରଣ କରୁଛୁ । ଦେଶରେ ନୂଆ ଶିକ୍ଷା ନୀତି ମଧ୍ୟ ପ୍ରଣୟନ କରାଯାଇଛି, ଯେଉଁ ନୀତିରେ ଶିକ୍ଷାକୁ ବିଶ୍ୱମାନର ମାପଦଣ୍ଡକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି ।

ଏହି କନକ୍ଲେଭରେ ଉପସ୍ଥିତ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଯୁଗମ କନକ୍ଲେଭ ବିକଶିତ ଭାରତର ଲକ୍ଷ୍ୟକୁ ପୂରଣ କରିବା ପାଇଁ ଶିକ୍ଷାନୁଷ୍ଠାନ, ଶିଳ୍ପ ଏବଂ ନବପ୍ରବର୍ତ୍ତକଙ୍କୁ ଗୋଟିଏ ମଞ୍ଚରେ ଆଣିବାର ପ୍ରୟାସ । ଆଜିର ଏହି ଆୟୋଜନ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତର ଇନୋଭେସନ କାପାସିଟି ଏବଂ ଡିପଟେକରେ ଭାରତର ଭୂମିକାକୁ ବଢ଼ାଇବା ପ୍ରୟାସକୁ ଅଧିକ ଗତି ପ୍ରଦାନ କରିବ । ଯୁଗମ କନକ୍ଲେଭ ଦେଶର ଯୁବବର୍ଗଙ୍କ ମଧ୍ୟରେ ଇନୋଭେସନ ପରମ୍ପରାକୁ ବଢ଼ାଇବା ଦିଗରେ ବଡ ଭୂମିକା ନିର୍ବାହ କରିବ । ଶ୍ରୀ ପ୍ରଧାନ କହିଛନ୍ତି, ଏକାଡେମିଆ, ଇଣ୍ଡଷ୍ଟ୍ରି ଏବଂ ଇନୋଭେଟର୍ସ ମଧ୍ୟରେ ସମନ୍ୱୟ, ସହଯୋଗ ଏବଂ ସମାନତା ବଢ଼ାଇବା ପାଇଁ ୧୪୦୦ କୋଟି ଟଙ୍କାର ଯେଉଁ ନୂଆ ପ୍ରକଳ୍ପର ମୂଳଦୁଆ ପଡିଛି, ତାହାର ସବୁଠୁ ଅଧିକ ଲାଭ ଅନୁସନ୍ଧାନ ନ୍ୟାସନାଲ ରିସର୍ଚ୍ଚ ଫାଉଣ୍ଡେସନ (ଏଏନଆରଏଫ୍), ଆମର ଆଇଆଇଟି, ଆଇଆଇଏସସି ଏବଂ ଆମର ଯୁବା ଇନୋଭେଟରଙ୍କୁ ମିଳିବ । ୨୦୧୪ରେ ପ୍ରଥମେ ଦେଶର ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକରେ କେବଳ ୩ଟି ରିସର୍ଚ୍ଚ ପାର୍କ ଥିଲା, ଯାହା ଏବେ ୬କୁ ବୃଦ୍ଧି ହୋଇଛି । ଭାରତ ସରକାରଙ୍କ ସାମୂହିକ ପ୍ରୟାସରେ ୧୩ ନୂଆ ରିସର୍ଚ୍ଚ ପାର୍କର ମଧ୍ୟ କଳ୍ପନା କରାଯାଇଛି । ରାଷ୍ଟ୍ରୀୟ ଶିକ୍ଷା ନୀତି ଅଧୀନରେ ଅନୁସନ୍ଧାନ ନ୍ୟାସନାଲ ରିସର୍ଚ୍ଚ ଫାଉଣ୍ଡେସନ ଏକ ସହଯୋଗୀ ସ୍ତମ୍ଭ ରୂପରେ କାର୍ଯ୍ୟ କରୁଛି । ଅଟଳ ଇନୋଭେସନ ମିଶନ ଅନ୍ତର୍ଗତ ୧୦,୦୦୦ ସ୍କୁଲରେ ଅଟଳ ଟିଙ୍କରିଂ ଲ୍ୟାବ୍ କାର୍ଯ୍ୟକ୍ଷମ ଅଛି । ଏହାର ସଫଳତାକୁ ଦେଖି ୨୦୨୫-୨୬ରେ ଆର୍ଥିକ ବର୍ଷ କେନ୍ଦ୍ର ବଜେଟରେ ଅଧିକ ୫୦,୦୦୦ ଅଟଳ ଟିଙ୍କରିଂ ଲ୍ୟାବ୍ ପ୍ରତିଷ୍ଠା କରିବା ପାଇଁ ମଞ୍ଜୁର ପ୍ରଦାନ କରାଯାଇଛି । ଆମର ଲକ୍ଷ୍ୟ ହେଉଛି, ଆମର ଯୁବଶକ୍ତି ଦେଶର ଆବଶ୍ୟକତା ଏବଂ ପ୍ରାଥମିକତା ଗୁଡ଼ିକୁ କେନ୍ଦ୍ରରେ ରଖି ନବସୃଜନ କ୍ଷେତ୍ରରେ ଅଧିକ ଯୋଗଦାନ ଦିଅନ୍ତୁ । ଭାରତରେ ହିଁ ଆଇଡ଼ିଆରୁ ଉତ୍ପାଦର ସମ୍ପୂର୍ଣ୍ଣ ଶୃଙ୍ଖଳା ବିକଶିତ ହେଉ, ଏହା ଆମର ସଂକଳ୍ପ ଶ୍ରୀ ପ୍ରଧାନ ମତ ପ୍ରକାଶ କରିଥିଲେ ।

## ଯାଜପୁର ଜିଲ୍ଲା ଯୁବ ଓକିଲ ସଂଘ ପକ୍ଷରୁ ଆଇନଜୀବୀ ଦିବସ

ପାଣିକୋଇଲ,(ସ ବ୍ୟୁ): ପାଣିକୋଇଲସ୍ଥିତ ସୁଭାଷ ବୋଷ ଇଂଲିସ ମିଡିୟମ ସ୍କୁଲ ପରିସରରେ ଯାଜପୁର ଜିଲ୍ଲା ଯୁବ ଓକିଲ ସଂଘ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୭ତମ ଜୟନ୍ତୀ ଓ ଜିଲ୍ଲା ସ୍ତରୀୟ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି । ଅବାହକ ରାକେଶ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇନଜୀବୀ ରାଜୀବ ମହାନ୍ତି, ପ୍ରତାପ ରାୟ, ଚନ୍ଦ୍ରଶେଖର ପଣ୍ଡା, ନାରାୟଣ ପ୍ରସାଦ ପତି, ବିବେକାନନ୍ଦ ମହାନ୍ତି, ଶଶାଙ୍କ ଶତପଥି, ସୁବାସ ନନ୍ଦ, ମନିନ୍ଦ୍ର ଧଳ, ବ୍ରଜ ପତି ଅତିଥି ଭାବେ ଯୋଗଦେଇଥିଲେ । ଆଇନଜୀବୀ ଶରତ ଖଣ୍ଡାଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁକିନ୍ଦାବାରର ସମ୍ପଦ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଯାଜପୁର ବାରର ସନ୍ତୋଷ ଦାସ, ସନ୍ଦୀପ ସାମଲ, ଚଣ୍ଡିଖୋଲ ବାରର ଜ୍ଞାନେଶ ମହାନ୍ତି, ବ୍ୟାସନଗର ବାରର ପ୍ରୀତି ପ୍ଲାଜା ମହାପାତ୍ର ଓ ପ୍ରଶାନ୍ତ ବେହେରାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶେଷରେ ରମେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଚନ୍ଦ୍ରକାନ୍ତ ଖଣ୍ଡାଇ, ସଦାଶିବ ସେଠୀ, ରବିନାରାୟଣଣ ପଣ୍ଡା, ଶୁଭଙ୍କର ମହାପାତ. ସୁଶାନ୍ତ ବେହେରା, ରଂଜିତ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ବିବାହ ଭୋଜିରେ ହଙ୍ଗାମା କଲେ ନିଶାସକ୍ତ ବହିଷ୍କୃତ ପୁଲିସ

ଅସ୍ତରଙ୍ଗ,(ସବ୍ୟୁ): ଅସ୍ତରଙ୍ଗରେ ଏକ ବିବାହ ଭୋଜିରେ ନିଶାସକ୍ତ ଅବସ୍ଥାରେ ଚିତ୍ରସେନ ପ୍ରଧାନ ନାମକ ଜଣେ ବହିଷ୍କୃତ ପୁଲିସ କର୍ମଚାରୀ ଉପସ୍ଥିତ ଲୋକଙ୍କୁ ଅସଭ୍ୟ ଭାଷାରେ ଗାଳିମନ୍ଦ ଓ ଧମକଚମକ ଦେଇଥିବା ଅଭିଯୋଗ ହୋଇଛି। ବହିଷ୍କୃତ ପୁଲିସ କର୍ମଚାରୀ ଜଣକ ଅସ୍ତରଙ୍ଗ ସରପଞ୍ଚ, ବିଜେପି କର୍ମୀ ଓ ଜଣେ ସାମ୍ବାଦିକଙ୍କୁ ଅପମାନିତ କରିଛନ୍ତି।ଘଟଣାକୁ ଭିତ୍ତିକରି ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି ଅସ୍ତରଙ୍ଗ ଥାନାରେ ଅଭିଯୋଗ ପରେ ୮୪/୨୫ରେ ଏକ ମାମଲା ରୁଜୁ ହୋଇଛି। ଅସ୍ତରଙ୍ଗ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି ନଥିବାରୁ ଅସ୍ତରଙ୍ଗ ବ୍ଲକର ବିଜେପି କର୍ମୀ ଏହାର ଦୃଢ ନିନ୍ଦା କରିବା ସହ ଥାନା ଅଧିକାରୀଙ୍କୁ ଭେଟିବା ସହ ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଦାବି କହିଛନ୍ତି। ସୂଚନାନୁସାରେ ଅସ୍ତରଙ୍ଗରେ ମାନସ ବେହେରାଙ୍କ ଭାଇଙ୍କର ବିବାହ ଭୋଜିରେ ଯୋଗ ଦେବାବେଳେ ଏଭଳି ଅଭାବନୀୟ ଘଟଣା ଘଟିଛି। ନିଶାସକ୍ତ ଅବସ୍ଥାରେ ବ୍ୟକ୍ତି ଜଣକ ପ୍ରଥମେ ସରପଞ୍ଚ ରାମଚନ୍ଦ୍ର କାଣ୍ଡିଙ୍କ ସହ ଯୁକ୍ତିତର୍କ ଓ ଗାଳିମନ୍ଦ କରିଥିଲେ। ଏହା ପରେ ଜଣେ ସାମ୍ବାଦିକ ,ବିଜେପି ନେତା ଦିବାକର ଛାଟୋଇ ସମେତ ଅନ୍ୟ କର୍ମୀଙ୍କୁ ଅସଭ୍ୟ ଭାଷାରେ ଗାଳି କରି ଧମକଚମକ ଦେଇଥିଲେ।ରାତି ପ୍ରାୟ ସାଢେ ୧୦ଟାରେ ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି ଅସ୍ତରଙ୍ଗ ଥାନାରେ ପହଞ୍ଚି ସମ୍ପୂର୍ଣ୍ଣ ଘଟଣା ବିଷୟରେ ଲିଖିତ ଅଭିଯୋଗ କରିବାରେ ପୁଲିସ ତୁରନ୍ତ ଏକ ମାମାଲା ରୁଜୁ କରି ଘଟଣା ଘଟିଥିବା ବିବାହ ଭୋଜି ସ୍ଥଳକୁ ଯାଇଥିଲା। ତେବେ କୌଣସି ସୂତ୍ରରୁ ଖବର ପାଇ ଘଟଣା ଘଟାଇଥିବା ଚିତ୍ରସେନ ପ୍ରଧାନ ଚମ୍ପଟ ମାରିଥିଲେ। ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ ନକରିବାରୁ ବିଜେପି କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିଲା।

### ସୋଆ ପ୍ରତିଷ୍ଠାତା ସଭାପତିଙ୍କୁ ସାକ୍ଷାତ କଲେ

## ଆଇଟିଇଆରର ପୂରାତନ ଛାତ୍ର ତଥା ଓଡ଼ିଶା ସୋସାଇଟି ଅଫ୍ ୟୁକେର ସମ୍ପାଦକ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜ ରଞ୍ଜନ ନାୟକଙ୍କୁ ମଙ୍ଗଳବାର ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ବିଶ୍ୱବିଦ୍ୟାଳୟ ଅଧିନସ୍ଥ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ୨୦୧୦ ବ୍ୟାଚର ଛାତ୍ର ତଥା ରାଇଡ୍‌ସ୍କାନ୍, ୟୁନାଇଟେଡ୍ କିଙ୍ଗଡମ୍‌ର ସହ-ପ୍ରତିଷ୍ଠାତା ଲୋହିତ କୁମାର ଦାସ । ଶ୍ରୀ ଦାସ ପୂର୍ବରୁ ୱିପ୍ରୋରେ କାର୍ଯ୍ୟରତ ରହିସାରିଥିବା ବେଳେ ଲଣ୍ଡନ୍ ବିଜିନେସ୍ ସ୍କୁଲରୁ ଏମ୍‌ବିଏ ମଧ୍ୟ କରିଛନ୍ତି । ସେହିପରି ସେ ଉଭୟ ୟୁକେ ଏବଂ ଭାରତରେ କାର୍ଯ୍ୟକ୍ରମ ଥିବା ଏକ ଏଆଇ ଆନାଲିଟିକ୍ସ କମ୍ପାନୀରେ ମଧ୍ୟ ଆଂଚଳିକ ନିର୍ଦ୍ଦେଶକ ଭାବେ କାର୍ଯ୍ୟ ତୁଲାଇଛନ୍ତି । ସେ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସର ନୈତିକତା ଓ ସୁରକ୍ଷାକୁ ଗୁରୁତ୍ୱ ରଖି ଏକ ଏଆଇ ରୋବୋଟିକ୍ସ କମ୍ପାନୀ ମଧ୍ୟ ଆରମ୍ଭ କରିଛନ୍ତି । ବର୍ତମାନ ଶ୍ରୀ ଦାସ ଓଡ଼ିଶା ସୋସାଇଟି ଅଫ୍ ୟୁକେର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ ତୁଲାଇବା ସହ ବିଭିନ୍ନ ମାନସିକ ସ୍ୱାସ୍ଥ୍ୟ ସଚେତନତାମୂଳକ କାର୍ଯ୍ୟକ୍ରମ ମଧ୍ୟ ହାତକୁ ନେଇଛନ୍ତି । ପ୍ରଫେସର ନାୟକଙ୍କ ସହିତ ସାକ୍ଷାତ ସମୟରେ ସାରା ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଥିବା ସୋଆର ପୂର୍ବତନ ଛାତ୍ରଛାତ୍ରୀମାନଙ୍କୁ କିଭଳି ଅଧିକ ମାତ୍ରାରେ ଏକତ୍ରିତ କରାଯାଇ ପାରିବ ସେ ସମ୍ପର୍କରେ ଶ୍ରୀ ଦାସ ଆଲୋଚନା କରିଥିଲେ। ସେହିପରି ସୋଆର ଛାତ୍ରଛାତ୍ରୀମାନଙ୍କୁ ଅଧିକ ମାତ୍ରାରେ ସ୍ୱାବଲମ୍ବୀ ହେବା କ୍ଷେତ୍ରରେ କିଭଳି ଅଧିକ ଗୁରୁତ୍ୱ ଦିଆଯାଇ ପାରିବ ସେ ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ । ଏହି ଅବସରରେ ସୋଆର କର୍ପୋରେଟ ରିଲେସନ୍ସ ଆଣ୍ଡ ପ୍ଲେସ୍‌ମେଂଟ ଡିନ୍ ଡକ୍ଟର ରାଜ କୁମାର ହୋତା। ଉପସ୍ଥିତ ଥିଲେ ।



## ୟୁକୋ ବ୍ୟାଙ୍କର ଚତୁର୍ଥ ତ୍ରୈମାସରେ ୬୫୨ କୋଟି ଟଙ୍କାର ନେଟ୍ ଲାଭ

ଭୁବନେଶ୍ୱର, (ସବ୍ୟୁ): ରାଷ୍ଟ୍ରାୟତ୍ତ ୟୁକୋ ବ୍ୟାଙ୍କର ଚତୁର୍ଥ ତ୍ରୈମାସିକ ଆର୍ଥିକ ଫଳାଫଳ ପ୍ରକାଶ ପାଇଛି। ବ୍ୟାଙ୍କ ମାର୍ଚ୍ଚ ମାସ ଶେଷ ସୁଦ୍ଧା, ଚତୁର୍ଥ ତ୍ରୈମାସରେ ଶତକଡା ୨୩.୯୮ ପ୍ରତିଶତ ଅଭିବୃଦ୍ଧି ହାର ହାସଲ କରି ୬୫୨ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିପାରିଛି ଯାହା ପୂର୍ବ ବର୍ଷ ଏହି ସମୟରେ ୫୨୬ କୋଟି ଟଙ୍କା ରହିଥିଲା । ବ୍ୟାଙ୍କର ସକଳ ଅଗ୍ରୀମରେ ଶତକଡା ୨୫.୭୪ ପ୍ରତିଶତ ବୃଦ୍ଧି ଘଟି ୧,୨୨, ୬୧୩ କୋଟିରେ ପହଞ୍ଚିଛି । ମାର୍ଚ୍ଚ ମାସ ଶେଷ ସୁଦ୍ଧା ବ୍ୟାଙ୍କର ସମୁଦାୟ ବ୍ୟବସାୟିକ ଅଭିବୃଦ୍ଧିରେ ଶତକଡା ୧୪.୧୨ ପ୍ରତିଶତ ବୃଦ୍ଧି ଘଟି ୫,୧୩,୫୨୭ କୋଟିରେ ପହଞ୍ଚିଛି । ବ୍ୟାଙ୍କର ନେଟ୍ ସୁଧ ଆୟରେ ଶତକଡା ୨୩.୩୫ ପ୍ରତିଶତ ବୃଦ୍ଧି ଘଟି ୨,୬୯୮ କୋଟିରେ ପହଞ୍ଚିଛି । ଚତୁର୍ଥ ତ୍ରୈମାସିକ ସୁଦ୍ଧା ବ୍ୟାଙ୍କର ନେଟ୍ ସୁଧ ମାର୍ଜିନ ଶତକଡା ୩.୦୮ ପ୍ରତିଶତ ବୃଦ୍ଧି ପାଇଥିବା ସହ ପୁଞ୍ଜି ସ୍ୱଚ୍ଛଳତା ହାର (ସିଆର୍‌ଏଆର୍) ଶତକଡା ୧୮.୪୯ ପ୍ରତିଶତ ବୃଦ୍ଧି ପାଇଛି। ବ୍ୟାଙ୍କର ପ୍ରୋଭିଜନ୍ କଭରେଜ ରେସିଓ (ପିସିଆର୍) ଶତକଡା ୯୬.୬୯ ପ୍ରତିଶତରେ ପହଞ୍ଚିଛି । ବ୍ୟାଙ୍କର ପରିଚାଳନାଗତ ଲାଭ ଶତକଡା ୩୩.୪୮ ପ୍ରତିଶତ ଅଭିବୃଦ୍ଧି ହାରରେ ୧,୬୯୯ କୋଟ ହୋଇଛି । ବ୍ୟାଙ୍କର ମୋଟ୍ ଏନ୍‌ପିଏ ୭୭ ବିପିଏସ୍ ହ୍ରାସ ପାଇ ଶତକଡା ୨.୬୯ ପ୍ରତିଶତରେ ରହିଛି । ବ୍ୟାଙ୍କର ନେଟ୍ ଏନ୍‌ପିଏ ୩୯ ବିପିଏସ୍ ହ୍ରାସ ପାଇ ଶତକଡା ୦.୫୦ ପ୍ରତିଶତରେ ପହଞ୍ଚିଛି । ଚଳିତ ବର୍ଷ ମାର୍ଚ୍ଚ ମାସ ଶେଷ ସୁଦ୍ଧା ୟୁକୋ ବ୍ୟାଙ୍କର ୩,୩୦୨ଟି ଘରୋଇ ଶାଖା ରହିଥିବା ବେଳେ ହଂକ୍‌କଙ୍ଗ୍ ଓ ସିଙ୍ଗାପୁରରେ ୨ଟି ଶାଖା ରହିଛି ଏବଂ ଇରାନ୍‌ରେ ଗୋଟିଏ ପ୍ରତିନିଧି କାର୍ଯ୍ୟାଳୟ ରହିଛି। ବ୍ୟାଙ୍କର ୨,୫୨୨ ଟି ଏଟିଏମ୍ ଓ ୧୦୬୫୩ ଟି ବିସି ପଏ ରହିଛି ।

### ସେଲ୍‌ସଫୋର୍ସ ଏଜେଣ୍ଟଫୋର୍ସକୁ ଗ୍ରହଣ କରିଥିବା

## ପ୍ରଥମ ସ୍ୱାସ୍ଥ୍ୟସେବା ଅନୁଷ୍ଠାନରେ ପରିଣତ ହୋଇଛି ଉତ୍କଳ ହସ୍ପିଟାଲ

ଭୁବନେଶ୍ୱର, (ସବ୍ୟୁ) : ବିଶ୍ୱର ଏକ ନମ୍ବର ଏଆଇ ସିଆର୍‌ଏମ, ସେଲ୍‌ସଫୋର୍ସ ଓଡିଶାର ଘରୋଇ କ୍ଷେତ୍ରର ସର୍ବବୃହତ ସ୍ୱତନ୍ତ୍ର ହସ୍ପିଟାଲ ଉତ୍କଳ ହସ୍ପିଟାଲ ସହ ସହଭାଗିତା ସମ୍ପର୍କରେ ଘୋଷଣା କରିଛି। ଏହି ସହଭାଗିତା ସହିତ ଉତ୍କଳ ହସ୍ପିଟାଲ ସେଲ୍‌ସଫୋର୍ସ ଏଜେଂଟଫୋର୍ସକୁ ଗ୍ରହଣ କରିଥିବା ପୂର୍ବ ଭାରତର ପ୍ରଥମ ସ୍ୱାସ୍ଥ୍ୟସେବା ଅନୁଷ୍ଠାନରେ ପରିଣତ ହୋଇଛି। ଏଜେଣ୍ଟଫୋର୍ସ ଓ ସେଲ୍‌ସଫୋର୍ସ ହେଲ୍‌ଥ କ୍ଲାଉଡର କାର୍ଯ୍ୟକାରିତା ମାଧ୍ୟମରେ ଏହି ରଣନୈତିକ ସହଭାଗିତା ରୋଗୀମାନଙ୍କ ତଥ୍ୟକୁ ଏକତ୍ରିତ କରି, ପରିଚାଳନାକୁ ଶୃଙ୍ଖଳିତ କରି ଏବଂ ସେଲ୍ଫ-ସର୍ଭିସ କ୍ଷମତାଗୁଡିକ ସହ ରୋଗୀଙ୍କୁ ସଶକ୍ତ କରି ଡିଜିଟାଲ ରୂପାନ୍ତରଣକୁ ଆଗକୁ ବଢାଇବା ପାଇଁ ଲକ୍ଷ୍ୟ ରଖିଛି, ଯାହା ଅଂଚଳରେ ସ୍ୱାସ୍ଥ୍ୟସେବା ଉଦ୍ଭାବନ ପାଇଁ ଏକ ନୂଆ ମାନଦଣ୍ଡ ସ୍ଥାପନ କରିଛି। ଉତ୍କଳ ହସ୍ପିଟାଲ ରୋଗୀଙ୍କ ଯୋଗଦାନକୁ ଉନ୍ନତ କରିବା ଓ ପରିଚାଳନାଗୁଡିକୁ ଶୃଙ୍ଖଳିତ କରିବା ପାଇଁ ଏଜେଂଟଫୋର୍ସ, ସେଲ୍‌ସଫୋର୍ସ ସେଡ୍ୟୁଲର ଓ ଏଆଇ ପରିଚାଳିତ ଚାଟ୍‌ବଟ ସମେତ ସେଲ୍‌ସଫୋର୍ସ ଟୁଲଗୁଡିକର ଏକ ରେର ବ୍ୟବହାର କରିବ। ହସ୍ପିଟାଲ ଇନ୍‌ଫର୍ମେଶନ ମ୍ୟାନେଜମେଣ୍ଟ ସିଷ୍ଟମ (ଏଚଆଇଏମ୍‌ଏସ), ଇଲେକ୍‌ଟ୍ରୋନିକ ମେଡିକାଲ ରେକର୍ଡ (ଇଏମଆର) ଓ ଏକ୍ସେଲ ଭଳି ଭିନ୍ନ ଭିନ୍ନ ସିଷ୍ଟମରୁ ରୋଗୀଙ୍କ ତଥ୍ୟକୁ ଏକ ସିଙ୍ଗଲ ୩୬୦ ଡିଗ୍ରୀ ଭ୍ୟୁରେ ଏକତ୍ରିତ କରି ହସ୍ପିଟାଲ ଏହାର କଲ ସେଂଟର, ମେଡିସିନ ଅର୍ଡର ଓ ସେଲ୍ଫ-ସର୍ଭିସ ପୋର୍ଟାଲରେ ସୁଗମ ସହଯୋଗିତା ସୁନିଶ୍ଚିତ କରିପାରିବ। ଉତ୍କଳର କମ୍ପ୍ୟୁଟର ଟେଲିଫୋନି ଇଂଟିଗ୍ରେଶନ (ସିଟିଆଇ) ଟେଲିଫୋନି ସିଷ୍ଟମଗୁଡିକରେ ଗଭୀର ଏକତ୍ରୀକରଣ ସହିତ ସେଲ୍‌ସଫୋର୍ସ ରିଅଲ-ଟାଇମ, ଅଟୋମେଟେଡ ସପୋର୍ଟକୁ ସକ୍ଷମ କରିବ, ମାନୁଆଲ ପ୍ରୋସେସଗୁଡିକ ଉପରେ ନିର୍ଭରଶୀଳତାକୁ ବହୁମାତ୍ରାରେ ହ୍ରାସ କରିବ ଏବଂ ସାମଗ୍ରିକ ରୋଗୀ ଅନୁଭୂତିକୁ ଉନ୍ନତ କରିବ ।

## ପ୍ରସନ୍ନ ରାଉତ ବ୍ଲକ ବିଜେଡି ସଭାପତି

ଧର୍ମଶାଳା,(ସ ବ୍ୟୁ): ବିଜେଡି ରାଜ୍ୟ ସଭାପତି ନିର୍ବାଚନ ପରେ ଜିଲ୍ଲା ଗୁଡିକରେ ଦଳୀୟ ସଭାପତି ଚୟନ କରାଯାଇଥିବା ବେଳେ ଇବହସ ବ୍ଲକ ସ୍ତରୀୟ ବିଜେଡି ସଭାପତି ଚୟନ କରାଯାଇଛି । ଧର୍ମଶାଳା ବ୍ଲକ ପାଇଁ ବିଜେଡିର ନୂତନ ସଭାପତି ଭାବେ ପ୍ରସନ୍ନ କୁମାର ରାଉତଙ୍କୁ ନିଯୁକ୍ତି ଦିଆଯାଇଛି । ଏନେଇ ଯାଜପୁର ଜିଲ୍ଲା ସଭାପତି ସରୋଜ କୁମାର ମହାପାତ୍ର ଚିଠି ମାଧ୍ୟମରେ ଆଜି ଘୋଷଣା କରିଛନ୍ତି । ପୁର୍ବରୁ ଜଳଧର ମହାନ୍ତି ଧର୍ମଶାଳା ବ୍ଲକର ବିଜେଡି ସଭାପତି ଭାବେ କାର୍ଯ୍ୟ ତୁଲାଉଥିଲେ । ଏବେ ଶ୍ରୀ ମହାନ୍ତିଙ୍କ ସ୍ଥାନରେ ଥାନୁଆଳ ପଂଚାୟତର ପ୍ରସନ୍ନ କୁମାର ରାଉତଙ୍କୁ ଦାୟିତ୍ୱ ଦିଆଯାଇଛି । ପୁର୍ବରୁ ପ୍ରସନ୍ନ ବିଜେଡିର ବ୍ଲକ ଓ ଜିଲ୍ଲା ସ୍ତରୀୟ ବିଭିନ୍ନ ପଦପଦବୀରେ ରହି ସୁଚାରୁ ରୁପେ କାର୍ଯ୍ୟ କରିଆସିଛନ୍ତି । ଧର୍ମଶାଳା ବ୍ଲକ ବିଜେଡି ସଭାପତି ଭାବେ ନିଯୁକ୍ତି ପାଇଥିବାରୁ ସେ ପୁର୍ବତନ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକ, ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର ଓ ଧର୍ମଶାଳା ପୁର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏଥିସହ ଆଗାମୀ ଦିନରେ ଧର୍ମଶାଳା ବ୍ଲକରେ ବିଜେଡିକୁ ଅଧିକ ଶସକ୍ତ ଓ ସୁଦୃଢ କରିବାକୁ ଚେଷ୍ଟା ଜାରିରଖିବେ ବୋଲି ଶ୍ରୀ ରାଉତ କହିଛନ୍ତି ।

## ତୃଣମୂଳସ୍ତରରେ ଭଲିବଲର ବିକାଶ ନେଇ କିସ୍ ଓ ଏଫ୍‌ଆଇଭିବି ଆଲୋଚନା

ଭୁବନେଶ୍ୱର, (ସବ୍ୟୁ): କିସ୍ ଜରିଆରେ ତୃଣମୂଳସ୍ତରରେ ଭଲିବଲର ବିକାଶ ନେଇ କିଟ୍-କିସ୍ ଓ ଏଫ୍‌ଆଇଭିବି ମଧ୍ୟରେ ଆଲୋଚନା ହୋଇଛି । ଏ ସମ୍ପର୍କରେ ଆଲୋଚନା ପାଇଁ କିଟ୍ ଓ କିସ୍ ପକ୍ଷରୁ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସୁଇଜରଲ୍ୟାଣ୍ଡ ସ୍ଥିତ ଏଫ୍‌ଆଇଭିବି ମୁଖ୍ୟାଳୟକୁ ନିମନ୍ତ୍ରଣ କରାଯାଇଥିଲା । ଏଫ୍‌ଆଇଭିବି ହେଉଛି ଭଲିବଲର ସର୍ବୋଚ୍ଚ ଆନ୍ତର୍ଜାତିକ ସଂଗଠନ। ଭାରତରେ ବିଶେଷ କରି ଓଡ଼ିଶାର ବିଦ୍ୟାଳୟଗୁଡ଼ିକରେ ତୃଣମୂଳସ୍ତରରେ ଭଲିବଲର ପ୍ରସାର ଉପରେ ସୋମବାର ଏଫ୍‌ଆଇଭିବି କର୍ତ୍ତୃପକ୍ଷ ଓ ଶ୍ରୀ ସାମନ୍ତଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ଏହି ଆଲୋଚନାରେ ଅଚ୍ୟୁତ ସାମନ୍ତଙ୍କ ସହ ଏଫ୍‌ଆଇଭିବି ଭଲିବଲ୍ ଫାଉଣ୍ଡେସନ୍ ସଭାପତି ଡ. ଆରି ଗ୍ରାକା, ଏଫଆଇଭିବି ସଭାପତି ଫାବିଓ ଆଜେଭେଦୋ, ଏଫ୍‌ଆଇଭିବି ଜେନେରାଲ୍ ଡାଇରେକ୍ଟର ଷ୍ଟିଭ୍ ଟଟନ୍ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଶ୍ରୀ ସାମନ୍ତ ଭାରତୀୟ ଭଲିବଲ୍ ସଂଘର ସଭାପତି ଭାବେ ପଦ ଛାଡ଼ିବା ପରେ ଭାରତରେ ଭଲିବଲ୍‌ର ଆଖିଦୃଶିଆ ଉନ୍ନତି ପରିଲକ୍ଷିତ ହୋଇନଥିବା ଏହି ଆଲୋଚନା ଅବସରରେ ଏଫ୍‌ଆଇଭିବି କର୍ତ୍ତୃପକ୍ଷ ପ୍ରକାଶ କରିଥିଲେ । ତେବେ ଖୁବ୍ ଶୀଘ୍ର କିଟ୍ ଓ କିସ୍ ଜରିଆରେ ଭାରତ ବିଶେଷକରି ଓଡ଼ିଶାରେ ଭଲିବଲର ପ୍ରସାର ନିମନ୍ତେ କିସରେ ଅନେକଗୁଡ଼ିଏ ସେଣ୍ଟର ଅଫ୍ ଏକ୍ସଲେନ୍ସ ଖୋଲାଯିବ ବୋଲି ଏଫ୍‌ଆଇଭିବି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଏହି କେନ୍ଦ୍ରଗୁଡ଼ିରେ ଖେଳାଳି ଓ ପ୍ରଶିକ୍ଷକମାନଙ୍କୁ ଉନ୍ନତ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଏହା ସହିତ ଭଲିବଲ୍ କୋଚ୍ ଓ ରେଫରୀମାନଙ୍କ ପାଇଁ ଏକ ଏକାଡେମିକ୍ ପ୍ରୋଗ୍ରାମ ମଧ୍ୟ ଚାଲୁ କରାଯିବ । ଆଗାମୀ ଦିନରେ ଓଡ଼ିଶାରେ ୪ଶହ ବିଦ୍ୟାଳୟକୁ ଏହି ବିକାଶଧାରାରେ ସାମିଲ କରାଯିବ ଏବଂ ପ୍ରତ୍ୟେକ ବିଦ୍ୟାଳୟକୁ ଭଲିବଲ୍ ଓ ନେଟ୍ ଯୋଗାଇ ଦିଆଯିବ ବୋଲି ଏଫ୍‌ଆଇଭିବି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଛନ୍ତି । ସେହିପରି ବିଚ୍ ଭଲିବଲ୍‌ର ବିକାଶ ପାଇଁ ମଧ୍ୟ ଏଫ୍‌ଆଇଭିବି ପକ୍ଷରୁ ପ୍ରଶିକ୍ଷକ ଯୋଗାଇ ଦିଆଯିବ। ଏହା ସହ ପ୍ରତିବର୍ଷ ଏଫ୍‌ଆଇଭିବି କିଟ୍ ଓ କିସ୍ ପରିଦର୍ଶନରେ ଆସି ଓଡ଼ିଶାରେ ହୋଇଥିବା ଭଲିବଲ୍ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିବ । ଏଥିରେ ସନ୍ତୋଷ ବ୍ୟକ୍ତ କରି ଶ୍ରୀ ସାମନ୍ତ କହିଛନ୍ତି, ଏହା ଦ୍ୱାରା ଓଡ଼ିଶାରେ ଭଲିବଲ୍ ଓ ବିଚ୍ ଭଲିବଲ୍ର ଯଥେଷ୍ଟ ବିକାଶ ଘଟିବା ସହ ପାଇଁ ତୃଣମୂଳସ୍ତରରେ କ୍ରୀଡ଼ା ପ୍ରତିଭା ସୃଷ୍ଟି ହୋଇପାରିବେ ।



## ସୋଆ ପ୍ରାଚୀନ ପକ୍ଷରୁ ଲେଖା ସମ୍ପାଦନ ଉପରେ ୫-ଦିନିଆ କର୍ମଶାଳା ଉଦ୍‌ଯାପିତ



ଭୁବନେଶ୍ୱର, (ସବ୍ୟୁ): ପୁରାତନ ଓଡ଼ିଆ ପୋଥିଗୁଡ଼ିକର ଲେଖା ସମ୍ପାଦନା ବିଷୟରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସେଂଟର ଫର ପ୍ରୋପାଗେସନ୍ ପ୍ରିଜରଭେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଆନ୍‌ସିଏଂଟ କଲ୍ଚାରାଲ ଆଣ୍ଡ ହେରିଟେଜ ଅଫ୍ ଇଣ୍ଡିଆ (ପ୍ରାଚୀନ) ପକ୍ଷରୁ ସୋମବାର ଏଠାରେ ୫-ଦିନିଆ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଏହି କର୍ମଶାଳାରେ ଲେଖା ସମ୍ପାଦନାରେ ଦକ୍ଷତା ବୃଦ୍ଧି ପାଇଁ ୧୫ ଜଣ ଗବେଷକଙ୍କୁ ତାଲିମ ଦିଆଯିବା ସହ ମାନପତ୍ର ପ୍ରଦାନ କରାଯାଇଛି। ସୋଆ, ଉତ୍କଳ ବିଶ୍ୱବିଦ୍ୟାଳୟ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟର ଗବେଷକମାନେ ଏହି କର୍ମଶାଳାରେ ଯୋଗ ଦେଇଥିଲେ । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପ୍ରାଚୀନର ମୁଖ୍ୟ ପ୍ରଫେସର ଗାୟତ୍ରୀବାଳା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରି କହିଥିଲେ ଯେ ଏ ପର୍ଯ୍ୟନ୍ତ ଓଡ଼ିଶାରେ ଏହି ଧରଣର କର୍ମଶାଳା ଆୟୋଜିତ ହୋଇ ନଥିଲା। ଏହି କର୍ମଶାଳାରେ ଗବେଷକମାନେ ପୋଥି ସାହିତ୍ୟ ଓ ପୋଥି ସମ୍ବନ୍ଧୀୟ ଜ୍ଞାନ ଆହରଣ କରିପାରିଛନ୍ତି ।

ଏହି କ୍ଷେତ୍ରରେ ବିଶେଷ ପାରଦର୍ଶିତା ଥିବା ତିନି ଜଣ ବିଶେଷଜ୍ଞ ପ୍ରଫେସର ଗୌରାଙ୍ଗ ଚରଣ ଦାଶ, ପ୍ରଫେସର ପ୍ରଦୀପ୍ତ କୁମାର ପଣ୍ଡା ଓ ପ୍ରଫେସର ସନ୍ତୋଷ କୁମାର ରଥ କର୍ମଶାଳାରେ ଯୋଗ ଦେଇଥିବା ଗବେଷକମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଗବେଷକମାନଙ୍କୁ ପ୍ରଶିକ୍ଷିତ କରିବା ସହ ସେମାନଙ୍କର ଦକ୍ଷତା ବୃଦ୍ଧି କରିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ। ପ୍ରାଚୀନ ସାହିତ୍ୟ ସଂପର୍କରେ ଧାରଣା ପାଇବା ସହିତ ପୋଥିର ଲେଖନୀ ଶୈଳୀ ଓ ଶବ୍ଦ ସଂଯୋଜନା ଓ ସବିଶେଷରେ ସୂଚନା ଓ ଶିକ୍ଷା ଲାଭ କରିପାରିଛିଁ ବୋଲି ପ୍ରଫେସର ପଣ୍ଡା କହିଥିଲେ। ଏଭଳି ପ୍ରୟାସ ଦ୍ୱାରା ଗବେଷଣା କ୍ଷେତ୍ରରେ ଛାତ୍ରଛାତ୍ରୀ ଓ ଗବେଷକମାନଙ୍କୁ ବିଶେଷ ସହାୟକ ହେବ ବୋଲି ଗବେଷକମାନେ ନିଜ ଅନୁଭୂତି ମାଧ୍ୟମରେ ପ୍ରକାଶ କରିଥିଲେ। ଏହି ଅବସରରେ ସୋଆ ପ୍ରାଚୀନର ସଂସ୍କୃତି ଓ ଅଧ୍ୟୟନ ବିଭାଗର ପ୍ରଫେସର ସନ୍ତୋଷ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଡକ୍ଟର ନିହାର ରଂଜନ ମିଶ୍ର ଓ ଜୀବନ କୁମାର ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବିଭୂତି ପ୍ରସାଦ ସାହୁ ଓ ସମ୍ବିତ ପଟ୍ଟନାୟକ ସହଯୋଗ କରିଥିଲେ।

## ଶାନ୍ତି ମହିଳା ୱାର୍କର୍ସ କ୍ଲବ୍ ପକ୍ଷରୁ
# ଯଶୋଦା ସଦନରେ ଖାଦ୍ୟ ଓ ପାଠ୍ୟ ଉପକରଣ ବଣ୍ଟନ



କଟକ, (ସ୍ୱପ୍ର) : ବିଭିନ୍ନ ସମୟରେ ସମାଜ କଲ୍ୟାଣ ମୂଳକ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶାନ୍ତି ମହିଳା ୱାର୍କର୍ସ କ୍ଲବ୍ ପକ୍ଷରୁ ସ୍ଥାନୀୟ ଯୋବ୍ରା ସ୍ଥିତ ଯଶୋଦା ସଦନରେ ଖାଦ୍ୟ, ପାନୀୟ ସହ ପିଲାମାନଙ୍କୁ ବହି, ଖାତା, କଲମ ଆଦି ବଣ୍ଟନ କରାଯାଇଛି । କ୍ଲବ୍‌ର ଡିଷ୍ଟ୍ରିକ୍ ଡେପୁଟି ଗଭର୍ଣ୍ଣର (୧୦୪) ମମତା ରାଉତରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କଲ୍ୟାଣକାରୀ କାର୍ଯ୍ୟକ୍ରମରେ କ୍ଲବର ସମସ୍ତ ମହିଳା ସଦସ୍ୟାମାନେ ଉପସ୍ଥିତ ରହି ଅନାଥ ପିଲାମାନଙ୍କୁ ଖାଦ୍ୟ, ପାନୀୟ ସହ ପାଠ୍ୟ ଉପକରଣ ବହି, ଖାତା, କଲମ ଆଦି ବଣ୍ଟନ କରିଥିଲେ । କ୍ଲବ୍‌ର ଏପରି କାର୍ଯ୍ୟକ୍ରମକୁ ଯଶୋଦା ସଦନର କର୍ମକର୍ତ୍ତାମାନେ ପ୍ରଶଂସା କରିଥିଲେ ।

## ଯାତ୍ରୀବାହୀ ବସ୍ ଧକ୍କାରେ ଏଏନ୍ଏମ୍ ଦିଦିଙ୍କ ମୃତ୍ୟୁ

ବୁଗୁଡା, (ସବ୍ୟୁ) : ବୁଗୁଡ଼ା ଉପକଣ୍ଠସ୍ଥ ବଡଶଙ୍ଖ ନିକଟରେ ଏକ ଯାତ୍ରୀବାହୀ ବସ୍ ଧକ୍କାରେ ଜଣେ ସ୍କୁଟି ଆରୋହୀ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତା ମହିଳା ଜଣକ ହେଲେ କାନସୁକାର ଏଏନଏମ ଦିଦି ରଚନା କୁମାରୀ ପ୍ରଧାନ (୪୨)। ପ୍ରକାଶ ଯେ, ଆଜି ଅପରାହ୍ନରେ ରଚନା ଏକ ଭୋଜି କାର୍ଯ୍ୟକ୍ରମରେ ଯୋଗ ଦେଇ ବୁଗୁଡ଼ାରୁ କାନସୁକା ଗାଁକୁ ସ୍ୱାମୀଙ୍କ ସହ ସ୍କୁଟିରେ ଫେରୁଥିବାବେଳେ ବଡଶଙ୍ଖ ନିକଟରେ ମା' ସାରଳା ନାମକ ଯାତ୍ରୀବାହୀ ବସ୍ ସହ ଧକ୍କା ହୋଇଥିଲା। ଫଳରେ ସେ ଛିଟିକି ପଡିଥିଲେ। ଦୁର୍ଘଟଣା ଯୋଗୁଁ ତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ଦୁର୍ଘଟଣା ସ୍ଥଳରୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଅଣାଯାଇଥିଲେ ହେଁ ସେଠାରେ ଡ଼ାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ବସ୍ ଓ ସ୍କୁଟିକୁ ଜବତ କରି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି। ପୋଲିସ ଥାନାରେ କେସ୍ ନଂ ୨୮୨/୨୫ରେ ଏକ ମାମଲା ରୁଜୁ ହୋଇଥିବା ନେଇ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା ସୂଚନା ଦେଇଛନ୍ତି ।

## ଶିଶୁ ବିଦ୍ୟାମନ୍ଦିରରେ ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ



ଭଞ୍ଜନଗର, (ସବ୍ୟୁ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଡିହପଡାଳ ଠାରେ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଶିକ୍ଷା ନୀତି – ୨୦୨୦ ୨୦୨୫–୨୦୨୬ ଶିକ୍ଷା ବର୍ଷ ଠାରୁ ଲାଗୁ ହେବାକୁ ଯାଉଥିବା ବେଳେ ଶିଶୁ ମାନଙ୍କର ସର୍ବାଙ୍ଗୀନ ବିକାଶ ନିମନ୍ତେ ପ୍ରଥମ ଶ୍ରେଣୀର ଅଭିଭାବକ ମାନଙ୍କୁ ନେଇ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ ଅନୁଷ୍ଠିତ ହୋଇଯାଇଛି। ଏଥିରେ କନ୍ଧମାଳ ଜିଲ୍ଲା ସହ ପ୍ରମୁଖ ତ୍ରିନାଥ ଗୌଡ଼ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟିର ଯୁଗ୍ମ ସମ୍ପାଦକ ଗଙ୍ଗାଧର ଦାଶ, କୋଷାଧ୍ୟକ୍ଷ ଏସ. ଗୁପ୍ତେଶ୍ୱର ସୁବୁଦ୍ଧି ଯୋଗ ଦେଇଥିଲେ। ଗୁରୁମା ମାଧୁରୀ ଜେନା ଶିଶୁଙ୍କ ସର୍ବାଙ୍ଗୀନ ବିକାଶ ଦିଗରେ ମାର୍ଗଦର୍ଶନ କରିଥିବାବେଳେ ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣ ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ଉତ୍ତମ କୁମାର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୁରୁମା ରଶ୍ମିତା ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ, କୃତଜ୍ଞତା ଜ୍ଞାପନ କରିଥିଲେ ଗୁରୁମା ଅନିତା କୁମାରୀ ଜେନା। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ ।

## ସୃଜନଶୀଳତା ଓ ପ୍ରଗତିର ଭାବନା ନେଇ
# ନବସୃଜନ ଦିବସ ପାଳନ କଲା ଟିପିଏସ୍ଓଡିଏଲ୍



ବ୍ରହ୍ମପୁର, (ସବ୍ୟୁ): ସୃଜନଶୀଳତା, ସହଯୋଗ ଓ ନିରନ୍ତର ଉଦ୍ଭାବନର ସଂସ୍କୃତିକୁ ପ୍ରୋତ୍ସାହିତ କରି ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍ଓଡିଏଲ୍) ବ୍ରହ୍ମପୁର ସ୍ଥିତ ନିଜର କର୍ପୋରେଟ୍ କାର୍ଯ୍ୟାଳୟରେ ବିଶ୍ୱ ନବସୃଜନ ଦିବସ–୨୦୨୫ ପାଳନ କରିଛି। 'ଟିଆଣ୍ଡଡି ଇନୋଭେସନ୍ କାର୍ନିଭାଲ୍' ଶୀର୍ଷକରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ଉଦ୍‌ଘାଟନ କରିଥିବାବେଳେ ଏହି ଅବସରରେ କମ୍ପାନୀର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଟିପିଏସ୍ଓଡିଏଲର ନେଟୱର୍କ ଇଞ୍ଜିନିୟରିଂ ଆଣ୍ଡ ପ୍ଲାନିଂ(ଏନଇପି), ସୁରକ୍ଷା, ଅପରେସନ୍, ଟେକ୍ନୋଲୋଜି ଓ ବାଣିଜ୍ୟ ଭଳି ବିଭିନ୍ନ ବିଭାଗ ପକ୍ଷରୁ ଅଭିନବ ପ୍ରକଳ୍ପମାନ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ କର୍ମଚାରୀମାନେ ନିଜର ସୃଜନଶୀଳ ଚେତନାକୁ ପରସ୍ପର ମଧ୍ୟରେ ବାଣ୍ଟିବା ସହ ଶକ୍ତି ତଥା ବିଜୁଳି ଯୋଗାଣ କ୍ଷେତ୍ର କିଭଳି ଅଧିକ ସୁଦୃଢ଼ ହୋଇପାରିବ ସେନେଇ ବିଚାରବିମର୍ଶ କରିଥିଲେ । ଦଳଗତ ପ୍ରଦର୍ଶନ, ଅଭିନବ ଉଦ୍ୟମ ଓ ନିରନ୍ତର ପ୍ରଗତି ନିମନ୍ତେ କମ୍ପାନୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ୟାନେଲ ଅଧିବେଶନ ସହ ଶକ୍ତି ବିଭାଗର ଅନେକ ପ୍ରମୁଖ ପ୍ରସଙ୍ଗ ଉପରେ ବିସ୍ତୃତରେ ଆଲୋଚନା ହୋଇଥିଲା। କିଭଳି ଭାବେ ସୃଜନଶୀଳତାକୁ ବ୍ୟବହାରିକ ଜ୍ଞାନକୌଶଳରେ ପରିଣତ କରାଯାଇପାରିବ ସେନେଇ ବରିଷ୍ଠ ଅଧିକାରୀମାନେ ମତପୋଷଣ କରିଥିଲେ । ସ୍ମାର୍ଟ ଅଟୋମେସନ୍ କଣ୍ଟ୍ରୋଲର, ସ୍କାଡା ସିଷ୍ଟମର ଉନ୍ନତ ବ୍ୟବହାର, ଲୋ ଟେନସନ୍ (ଏଲ୍ଟି) ଅଟୋମେସନ୍ ଏବଂ ବିଦ୍ୟୁତ୍ ସମସ୍ୟାକୁ ଏଡ଼ାଇବା ପାଇଁ ନୂତନ ସୁରକ୍ଷା ବ୍ୟବସ୍ଥା ସମ୍ପର୍କିତ ବିଭିନ୍ନ ପ୍ରକଳ୍ପ ଏହି ପ୍ରଦର୍ଶନୀରେ ଦେଖିବାକୁ ମିଳିଥିଲା। ଏହି ପଦକ୍ଷେପଗୁଡିକୁ ଆଗାମୀ ଦିନରେ ବାସ୍ତବତାର ରୂପ ଦିଆଯିବ, ଫଳରେ ଉପଭୋକ୍ତାଙ୍କୁ ଅଧିକ ଭରସାଯୋଗ୍ୟ ବିଜୁଳି ଯୋଗାଣ ସମ୍ଭବ ହେବ । ସୁରକ୍ଷିତ ତଥା ଗୁଣାତ୍ମକ ବିଜୁଳି ଯୋଗାଣ ଟିପିଏସ୍ଓଡିଏଲର ମୂଳ ଲକ୍ଷ୍ୟ। ସ୍କାଡା, ଜିଆଇଏସ୍ ଓ ସ୍ମାର୍ଟ ଆଇସୋଲସନ୍ ସିଷ୍ଟମ୍ ଭଳି ଜ୍ଞାନକୌଶଳ ଗ୍ରହଣ କରି କମ୍ପାନୀ ବିଜୁଳି ଯୋଗାଣ କ୍ଷେତ୍ରକୁ ଅଧିକ ସଶକ୍ତ କରିପାରିଛି । ଟିପିଏସ୍ଓଡିଏଲ୍ ଓଡ଼ିଶା ପ୍ରଥମ ବିଜୁଳି ଯୋଗାଣ କମ୍ପାନୀ ଭାବରେ ନିଜର ସମସ୍ତ ସର୍କଲରେ ସ୍କାଡା ପରିଚାଳିତ ଏପିଏସସିସି ସ୍ଥାପନ କରିଛି, ଯାହା ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ଅଧିକ ସହଜ କରିପାରିଛି । ସେହିଭଳି ଜିଆଇଏସ୍, ସ୍କାଡା ଓ ଏଡିଏମଏସର ଏକୀକରଣ, ଡ୍ରୋନ୍ ନିରୀକ୍ଷଣ ବ୍ୟବସ୍ଥା ଓ ମୋବାଇଲ୍ ଟ୍ରାନ୍ସଫର୍ମର ଇତ୍ୟାଦି କମ୍ପାନୀର ଦକ୍ଷତା ବୃଦ୍ଧିରେ ସହାୟକ ହୋଇପାରିଛି । ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ଟିପିଏସ୍ଓଡିଏଲ୍ ସଦାସର୍ବଦା ଅଭିନବତା ତଥା ସୃଜନଶୀଳତାକୁ ପ୍ରୋତ୍ସାହିତ କରିଆସୁଛି। ଏହା ଉପଭୋକ୍ତାମାନଙ୍କୁ ଉନ୍ନତ ସେବା ପ୍ରଦାନରେ ସହାୟକ ହୋଇପାରିଛି । ଶକ୍ତି କ୍ଷେତ୍ରରେ ପ୍ରଗତି କରିବା ଓ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ସେବା ପ୍ରଦାନ କରିବାକୁ ହେଲେ ଅଭିନବ ଉଦ୍ୟମ କରିବା ଏକାନ୍ତ ଆବଶ୍ୟକ। କମ୍ପାନୀର କର୍ମଚାରୀମାନେ ସଦାସର୍ବଦା କିଛି ନୂଆ କରିବାର ପ୍ରୟାସ କରୁଛନ୍ତି ଯାହା ମୋତେ ସନ୍ତୁଷ୍ଟି ଦେଉଛି । ଆମେ ସମସ୍ତେ ଏକତ୍ରୀତ ହୋଇ ଶକ୍ତି କ୍ଷେତ୍ରକୁ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ଆଡ଼କୁ ଅଗ୍ରସର କରାଇବାକୁ ପ୍ରଚେଷ୍ଟା କରୁଛୁ ।

## ପଞ୍ଚମ ଦିନରେ ବୁଗୁଡ଼ା ପଞ୍ଚ ଠାକୁରାଣୀ ଯାତ୍ରା

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ଠାକୁରାଣୀ ଯାତ୍ରାର ପଞ୍ଚମ ଦିବସରେ ପଞ୍ଚ ଠାକୁରାଣୀଙ୍କ ଘଟ ପରିକ୍ରମାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି। ମଙ୍ଗଳବାର ପୂର୍ବାହ୍ନରେ ବଡଦାଣ୍ଡସ୍ଥିତ ଅସ୍ଥାୟୀ ପୂଜା ମଣ୍ଡପରେ ଯଥା ରୀତିନୀତି ପ୍ରକାରେ ପୂଜାର୍ଚ୍ଚନା ଓ ହୋମକାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ଝୁଣା ସେବା ଓ ୧୦୮ ଆଳତି ପରେ ଘଟ ପରିକ୍ରମା ଆରମ୍ଭ ହୋଇଥିଲା। ପାଞ୍ଚ ଜଣ ମାନସିକଧାରୀ ମହିଳା ମିତା ନାୟକ, ଯାଜ୍ଞସେନୀ ସ୍ୱାଇଁ, ପୂର୍ଣ୍ଣିମା ରାଣୀ ପ୍ରଧାନ, ପି.ରତ୍ନମାଳା ପ୍ରଧାନ ଓ ମଣି ମହାରଣା ପ୍ରମୁଖ ପଞ୍ଚ ଠାକୁରାଣୀଙ୍କ ଘଟ ଧାରଣ କରି ଆସ୍ଥାନରୁ ବାହାରି ବଳଦେବ ମନ୍ଦିର, ପୋଲସରା ରୋଡ, ମଦନ ମୋହନ ଛକ, ପରିବା ମାର୍କେଟ୍, ଶାସ୍ତ୍ରୀ ନଗର, ଅନ୍ନପୂର୍ଣ୍ଣା ନଗର, କାଳି ମନ୍ଦିର ସାହି, ମହିମାନଗର, ଅମିତ ନଗର, ବ୍ଲକ ଛକ, ମେଡିକାଲ ଛକ, ପୋଲସରା ରୋଡ, ସୋମନାଥ ନଗର, ବଳଦେବ ମନ୍ଦିର ପଥ ଦେଇ ଆସ୍ଥାନକୁ ଫେରିଥିଲେ। ପରିକ୍ରମା କାଳରେ ବିଭିନ୍ନ ବାଦ୍ୟ ବାଜଣା ଓ ହୁଳହୁଳିରେ ପରିବେଶ ପ୍ରକମ୍ପିତ ହୋଇ ଉଠିଥିବା ବେଳେ ସାହି ବାସିନ୍ଦାମାନେ ନିଜ ନିଜର ଘର ଆଗରେ ପୂଜା ସାମଗ୍ରୀ ଏବଂ ପୂର୍ଣ୍ଣ କୁମ୍ଭ ବାଡି ପ୍ରଦୀପ ପ୍ରଜ୍ୱଳନ ସହକାରେ ପଞ୍ଚ ଠାକୁରାଣୀଙ୍କୁ ସ୍ୱାଗତ କରିଥିଲେ । ଶ୍ରଦ୍ଧାଳୁଙ୍କ ଗହଣରେ ମା'ଙ୍କ ଘଟ ପରିକ୍ରମା କାଳରେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ନିୟୋଜିତ ରହିଥିଲେ। ଏ ଅବସରରେ ଯାତ୍ରା ଉପଲକ୍ଷେ ମାନସିକଧାରୀଙ୍କ ରାମ–ଲକ୍ଷ୍ମଣ–ସୀତା ଓ ହନୁମାନଙ୍କ ବେଶ ଧାରଣ ବେଶ ଆକର୍ଷଣୀୟ ଥିଲା ।

## ସିନିୟର ସିଟିଜେନ୍ ଫୋରମ୍ ପକ୍ଷରୁ ସାଧାରଣ ସଭା

ବାରିପଦା, (ସବ୍ୟୁ) : ସିନିୟର ସିଟିଜେନ୍ ଫୋରମ ମୟୂରଭଞ୍ଜ ତରଫରୁ ମଧୁବନ ବାରୁଣୀରୋଡ ସ୍ଥିତ କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ଭବନ ଠାରେ ସାମୁଖ୍ୟର ସଭାପତି ଡକ୍ଟର ଯୋଗେନ୍ଦ୍ର ନାଥ ପଣ୍ଡାଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ସଭ୍ୟଙ୍କ ଉପସ୍ଥିତିରେ ମୁଖ୍ୟଅତିଥି ପୂର୍ବତନ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ତଥା ବରିଷ୍ଠ ଭେଷଜ ବିଶେଷଜ୍ଞ କୈଳାସ ଚନ୍ଦ୍ର ମହାନ୍ତି, ସଭାପତି ଡଃ ଯୋଗେନ୍ଦ୍ର ନାଥ ପଣ୍ଡା, ଉପ–ସଭାପତି ରଘୁନାଥ ପଣ୍ଡା, ସମ୍ପାଦକ ବସନ୍ତ କୁମାର ଦାସ, କୋଷାଧ୍ୟକ୍ଷ ରବୀନ୍ଦ୍ର ନାଥ ନାୟକ, ପରାମର୍ଶଦାତା ତଥା ପୂର୍ବତନ ମୁଖ୍ୟଯନ୍ତ୍ରୀ ସର୍ବେଶ୍ୱର ଭୂୟାଁ ମଞ୍ଚାସୀନ ଥିଲେ। ପ୍ରଥମେ ଉପ–ସଭାପତି ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ପରେ ମୁଖ୍ୟଅତିଥି ଡଃ ମହାନ୍ତି ବରିଷ୍ଠ ନାଗରିକ ମାନଙ୍କର ସୁସ୍ଥ ରହିବାର ଉପାୟ, ଅଳ୍ପ ମାତ୍ରାରେ ସଠିକ୍ ଔଷଧ ସେବନ କରି ଯୋଗ ଓ ପ୍ରାକୃତିକ ଉପାୟରେ ନିରୋଗ ଓ ସୁସ୍ଥ ରହିବାର ଅନେକ ଉପାୟ ଏବଂ ତଥ୍ୟ ଉପସ୍ଥାପନ କରିଥିଲେ । ଏଥିରେ ଉପସ୍ଥିତ ଅନେକ ବରିଷ୍ଠ ନାଗରିକ ସେମାନଙ୍କର ସ୍ୱାସ୍ଥ୍ୟ ସମାସ୍ୟା ଓ ତାର ନିରାକରଣ ବିଷୟରେ ଅନେକ ପ୍ରଶ୍ନ ଉପସ୍ଥାପନ କରିଥିଲେ। ଡକ୍ଟର ମହାନ୍ତି ଅତି ସରଳ ଓ ସହଜ ଭାବେ ତାର ଉତ୍ତର ସମାଧାନର ଦିଗ୍‌ଦର୍ଶନ ଦେଇଥିଲେ। ଉପ–ସଭାପତି ଶ୍ରୀ ପଣ୍ଡା, ବରିଷ୍ଠ ନାଗରିକ ମାନେ ନିଜକୁ ସବୁ ସମୟରେ ସକାରାତ୍ମକ ଭାବନା, ଖାଦ୍ୟ, ପେୟ ଓ ନିତ୍ୟ ଚଳନୀର ନିୟନ୍ତ୍ରଣ ରଖୁ ଏବଂ ପରମାତ୍ମାଙ୍କ ନିକଟରେ ସମର୍ପଣ କରିବାକୁ ପରାମର୍ଶ ଦେଇଥିଲେ। କୋଷାଧ୍ୟକ୍ଷ ରବୀନ୍ଦ୍ର ନାଥ ନାୟକ ସରକାରଙ୍କ ଦ୍ୱାରା ପ୍ରଦତ୍ତ ୫୦ହଜାର ଟଙ୍କାର ଅନୁଦାନ ସରକାରୀ ଗାଇଡ୍ ଲାଇନରେ କିପରି ଖର୍ଚ୍ଚ କରିବାକୁ ହେବ ତାର ବିବରଣୀ ପ୍ରଦାନ କରିଥିଲେ । ସଭାପତି ଡକ୍ଟର ପଣ୍ଡା ତାଙ୍କର ସଭାପତିତ୍ୱ ଭାଷଣରେ ସମସ୍ତ ବରିଷ୍ଠ ନାଗରିକ ପ୍ରତ୍ୟେକ ସମୟରେ ନିଜକୁ ନିରୋଗ ମନେ କରି, ଚାପମୁକ୍ତ ହୋଇ ଆନନ୍ଦମୟ ଭାବରେ ଜୀବନ ଯାପନ କରି ଆଗାମୀ ଯୁବ ପିଢିକୁ ନୂତନ ଦିଗଦର୍ଶନ ଦେଲେ ବରିଷ୍ଠ ନାଗରିକଙ୍କର ମୁଖ୍ୟ ଉଦ୍ଦେଶ୍ୟ ସଫଳ ହେବ ବୋଲି ମତବ୍ୟକ୍ତ କରିଥିଲେ । ପରାମର୍ଶଦାତା ଶ୍ରୀ ଭୂୟାଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରମୋଟର ବିକ୍ରମ କେଶରୀ ଜେନା, ପରାମର୍ଶଦାତା ରଞ୍ଜନ କୁମାର ପାତ୍ର ଓ ସୁବୋଧ କୁମାର ପଲେଇ ମିଳିତ ଭାବେ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




## ବରିଷ୍ଠ ନାଗରିକ ସଂଘର ବାର୍ଷିକ ଅଧିବେଶନ ଓ ନିର୍ବାଚିତ ସଦସ୍ୟଙ୍କ ଶପଥ ଗ୍ରହଣ

କଟକ, (ସ୍ୱପ୍ର): ସ୍ଥାନୀୟ ସିଆରଆର୍‌ଆଇ ବରିଷ୍ଠ ନାଗରିକ ସଂଘର ବାର୍ଷିକ ଅଧିବେଶନ ବୁଢ଼ୀ ଜାଗୁଲାଇ ମନ୍ଦିର ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଜୟ କୁମାର ମହାରଣା ନବ ନିର୍ବାଚିତ କର୍ମକର୍ତ୍ତାମାନଙ୍କର ଶପଥ ପାଠ କରାଇଥିଲେ। ସଂଘର ସଭାପତି ଦୁର୍ଯ୍ୟୋଧନ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଅଧିବେଶନରେ ବରିଷ୍ଠ ନାଗରିକ ମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସିଏମସିର ୫୫ ନମ୍ବର ୱାର୍ଡ କର୍ପୋରେଟର ବିଶ୍ୱ ବନ୍ଦିତା ପଣ୍ଡା ଅତିଥିଭାବରେ ଯୋଗଦେଇ ବରିଷ୍ଠ ନାଗରିକ ମାନଙ୍କର ଏକ କାର୍ଯ୍ୟାଳୟ ସ୍ଥାପନ ପାଇଁ ଆବଶ୍ୟକ ଜମି ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସିଆରଆର୍‌ଆଇ ଥାନାର ଭାରପ୍ରାପ୍ତ ଅଧିକାରୀ ବିଜୟ କୁମାର ବାରିକ ଅନ୍ୟତମ ଅତିଥି ଭାବରେ ଯୋଗଦେଇ ବରିଷ୍ଠ ନାଗରିକ ମାନଙ୍କର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅଧିବେଶନରେ କଟକ ମହାନଗର ନିଗମ ବରିଷ୍ଠ ନାଗରିକ ସଂଘର ସମ୍ପାଦକ ବିଷ୍ଣୁ ମୋହନ ଦାସ ସାମନ୍ତ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ଅଲେଖ ଚନ୍ଦ୍ର ହୋତା ସଂପାଦକୀୟ ବିବରଣୀ ପାଠ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରାଜେନ୍ଦ୍ର ଚୌଧୁରୀ, ବୈରାଗୀ ଚରଣ ମହାରଣା, ସରୋଜ କୁମାର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସଂଘର ସ୍ୱର୍ଗୀୟ ସଭ୍ୟ ଏବଂ ପହେଲଗାମଠାରେ ଆତଙ୍କିଙ୍କ ଆକ୍ରମଣରେ ମୃତକଙ୍କ ଲାଗି ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଆଗାମୀ ତିନି ବର୍ଷ ଲାଗି ନୂତନ କର୍ମକର୍ତ୍ତା ମାନେ ହେଲେ ସଭାପତି ଭାବେ ବାବୁଲି ଧର ନାୟକ, ଉପ ସଭାପତି କେଦାରନାଥ ପଣ୍ଡା, ସାଧାରଣ ସମ୍ପାଦକ ଶ୍ରୀଧର ପଣ୍ଡା, ସହକାରୀ ସଂପାଦକ ହରିହର ମହାରଣା, ସଂଗଠନ ସମ୍ପାଦକ ଅପର୍ତି ସାହୁ, କୋଷାଧ୍ୟକ୍ଷ ଭାବରେ ନିତ୍ୟାନନ୍ଦ ମହାନ୍ତି, ଅଡିଟର ଭାବରେ ସରୋଜ କୁମାର ଚୌଧୁରୀ ଓ ସଂଘର ଉପଦେଷ୍ଟା ଭାବରେ ବିଜୟ କୁମାର ମହାରଣା, ଭାଗିରଥି ସାହୁ, ରାଜେନ୍ଦ୍ର ଚୌଧୁରୀ ନିର୍ବାଚିତ ହୋଇଥିଲେ । ଏଥିରେ ୧୧ ଜଣଙ୍କୁ ଏକ୍ଜିକ୍ୟୁଟିଭ କମିଟିର ସଭ୍ୟ ଭାବେ ଗ୍ରହଣ କରାଯାଇଛି । ଶେଷରେ ହରିଶ୍ଚନ୍ଦ୍ର ଶତପଥି ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଜୀବିଏ ପକ୍ଷରୁ ଆଇନଜୀବୀ ଦିବସ



ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଓକିଲ ସଂଘ ପକ୍ଷରୁ ଆଇନଜୀବୀ ଦିବସ (ଲୟର୍ସ ଡେ' )ଅବସରରେ ସୋମବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୭ ତମ ଜୟନ୍ତୀ ପାଳନ କରାଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦିତ୍ୱୀୟ ଏମଏସିଟି ରାମଶଙ୍କର ହୋତା ଆଇନଜୀବୀମାନଙ୍କ ଭୂମିକା ସମ୍ପର୍କରେ କହିଥିଲେ। ସେହିପରି ଉତ୍କଳ ଗୌରବଙ୍କ ବହୁମୁଖୀ ପ୍ରତିଭାର ଦୃଷ୍ଟାନ୍ତ ଦେବା ସହ ଆଇନଜୀବୀମାନଙ୍କ ଭୂମିକାକୁ ସେ ଉଚ୍ଚପ୍ରଶଂସା କରିଥିଲେ । ଏହି ଅବସରରେ ସଭାପତି ମନୋଜ ପଟ୍ଟନାୟକ ଉପସଭାପତି ତ୍ରିମୁଲ କୁମାର ରେଡ୍ଡୀ, ସମ୍ପାଦକ ଟି. ଭେଙ୍କଟ ରାଓ, ସହ ସମ୍ପାଦକ ଅସିତ ସାବତ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଗଞ୍ଜାମ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବା ବେଳେ ସଭାପତି, ଉପସଭାପତି ଓ ସମ୍ପାଦକ ଜିଲ୍ଲାଜଜ୍‌ଙ୍କ ବାର୍ତ୍ତା ପଠନ କରିଥିଲେ। ବରିଷ୍ଠ ଆଇନଜୀବୀ ଅକ୍ଷୟ ପଟ୍ଟନାୟକ ଉତ୍କଳଗୌରବ ମଧୁସୂଦନ ଦାଶଙ୍କ ଓଡ଼ିଶାର ସାମଗ୍ରୀକ ବିକାଶ ତଥା ନିସ୍ୱାର୍ଥପର ସେବା ପାଇଁ ନିଜକୁ ଉତ୍ସର୍ଗୀକୃତ କରିଥିବା କହିଥିଲେ। ଆଜିର ଯୁବ ଆଇନଜୀବୀମାନେ ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ସେ ଆହ୍ୱାନ୍ କରିଥିଲେ। ବରିଷ୍ଠ ଆଇନଜୀବୀ ପ୍ରମୁଖ ଉତ୍କଳ ଗୌରବଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଫେମିଲି ଜଜ ଜାନକୀ ବିଶ୍ୱାଳ, ଓପିଆଇଡି ଜଜ ସଙ୍ଗୀତା ପାଣି, ସବ ଜଜ ବ୍ୟମକେଶ ନାୟକ ଏସଡ଼ିଜେଏମ କୁମାର ସ୍ପନ୍ଦନ, ଜେଏମଏଫସି ସସ୍ମିତା ସାମଲ ଉପସ୍ଥିତ ଥିଲେ। ବରିଷ୍ଟ ଆଇନଜୀବୀ ପ୍ରମୋଦ କୁମାର ସାହୁ, ପ୍ରଫୁଲ କୁମାର ଦଳାଇ, ପ୍ରଦୀପ କୁମାର ମିଶ୍ର, କୃଷ୍ଣ କୁମାର ପଟ୍ଟନାୟକ, ବି.ଡ଼ି. ତ୍ରିପାଠୀ , ସୁଶାନ୍ତ କୁମାର ପାଣିଗ୍ରାହୀ, ୱାଇ .ଭି. ରାମମୂର୍ତ୍ତି, ଦୀପକ ପଟ୍ଟନାୟକ, ରାମଚନ୍ଦ୍ର ସାହୁ ଓ ସୁରେନ୍ଦ୍ରନାଥ ପାଢ଼ୀ ପ୍ରମୁଖଙ୍କୁ ମାନପତ୍ର ଓ ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଏସ.ରାମ କୁମାର, ମୋହନ ସିଙ୍ଗାରି, ଶିଶିର ପାଢ଼ୀ, କପିଳ ପଟ୍ଟନାୟକ, ରଘୁନାଥ ପ୍ରସାଦ ପାଣିଗ୍ରାହୀ, ବରୁଣ ଗୌଡ଼, ଲିଙ୍ଗରାଜ ମିଶ୍ର, ବିଭୁ ସାମନ୍ତରା ପ୍ରଦୀପ ବେହେରା, ପିଣ୍ଟୁ ବେହେରା, ରାଜେନ୍ଦ୍ର ସାବତ, ରବି ପାଣିଗ୍ରାହୀ , କମଳ ପଣ୍ଡା, ସଞ୍ଜୀୟ ମିଶ୍ର, ସୁଧୀର ମିଶ୍ର, ସୁଧି ମହାପାତ୍ର, ପ୍ରଦୀପ ଶତପଥୀ ସମେତ ତିନି ଶହରୁ ଉର୍ଦ୍ଧ ଆଇନଜୀବୀ ଉପସ୍ଥିତ ଥିଲେ। ଶେଷରେ ଉପ ସଭାପତି ତ୍ରିମୁଲ କୁମାର ରେଡ୍ଡୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୀବନ ପାତ୍ର ଗଳିରେ ଜୀବନ ପ୍ରତି ବିପଦ, ପ୍ରତିକାର ଦାବି

ବୁଗୁଡ଼ା, (ସବ୍ୟୁ): ଦୁର୍ଘଟଣାକୁ ଡାକୁଛି ଜୀବନ ପାତ୍ର ଗଳି । ଜୀବନ ପାତ୍ର ଗଳିରେ ପୁଣି ଦେଖା ଦେଇଛି ଜୀବନ ପ୍ରତି ବିପଦ । କେତେବେଳେ କାହାର ଜୀବନ ଚାଲିଯିବ ସେହି ଆଶଙ୍କାରେ ଏବେ ସାହି ବାସିନ୍ଦା। ବର୍ତ୍ତମାନ ରାସ୍ତା ମଝିରେ ଏବେ ବିରାଟ ଖାଲ । କେହି ଯଦି ଅସାବଧାନତା ବଶତଃ



ଚାଲିଯିବ ତେବେ ଦୁର୍ଘଟଣା ନିଶ୍ଚୟ ଘଟିବ । ବୁଗୁଡ଼ା ସହରର ଜୀବନ ପାତ୍ର ଗଳି ବିପଦପୂର୍ଣ୍ଣ ହୋଇ ପଡିଛି । ଏହି ଗଳି ମଝିରେ ଡ୍ରେନ ନିର୍ମାଣ କରାଯାଇଥିବା ବେଳେ ଏହି ଡ୍ରେନ ଉପରେ ପଡ଼ିଥିବା କଭର ପ୍ଲେଟ ପ୍ରତିବର୍ଷ ଭାଙ୍ଗି ଯାଉଛି । ଏହାର ସ୍ଥାୟୀ ସମାଧାନ ନକରି କେବଳ କାମଚଳା ମରାମତି କରି ଦିଆଯାଉଥିବାରୁ ପ୍ରତିବର୍ଷ ଏପରି ଅବସ୍ଥା ସୃଷ୍ଟି ହେଉଛି । ଏହି ରାସ୍ତା ଉପରେ ପ୍ରାୟ ୫ଟି ସାହିର ଲୋକ, ଛାତ୍ରଛାତ୍ରୀ ନିର୍ଭର କରୁଥିବାବେଳେ ପିଲାମାନଙ୍କୁ ନେବା ଆଣିବା କରିବା ପାଇଁ ବିଭିନ୍ନ ସ୍କୁଲର ଗାଡି ମଟର ଏହି ରାସ୍ତାରେ ଯିବା ଆସିବା କରନ୍ତି। ତେବେ ରାସ୍ତା ମଝିରେ ଥିବା ଡ୍ରେନ ପ୍ଲେଟ ଭାଙ୍ଗି ଗର୍ତ୍ତ ସୃଷ୍ଟି ହୋଇଛି। ରାତିରେ ବାରମ୍ବାର ବିଦ୍ୟୁତ୍ କାଟ୍ ଯୋଗୁଁ ଅନ୍ଧାର ସମୟରେ ସେହି ରାସ୍ତାରେ ଯାତାୟତ ବେଳେ ଜନସାଧାରଣଙ୍କ ଜୀବନ ପ୍ରତି ବିପଦ ରହିଛି। ସମ୍ପ୍ରତି ବୁଗୁଡାରେ ଠାକୁରାଣୀ ଯାତ୍ରା ଚାଲିଥିବାରୁ ଲୋକଙ୍କ ଗହଳି ହେଉଥିବାରୁ ଖୁବଶୀଘ୍ର ଯଦି ବିକଳ୍ପ ବ୍ୟବସ୍ଥା କରା ନଯାଏ ତାହେଲେ ଅନେକ ଦୁର୍ଘଟଣା ଘଟିବା ଆଶଙ୍କା ଦେଖା ଦେଇଛି। ତେଣୁ ଏନ୍ଏସି ପ୍ରଶାସନ ପକ୍ଷରୁ ଯଥାଶୀଘ୍ର ଏଥି ପ୍ରତି ପ୍ରତିକାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି ।

## ବୃଦ୍ଧଙ୍କୁ ଦଳି ଦେଲେ ହାତୀପଲ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ରେଞ୍ଜରେ ୨୩ ଟିକିଆ ହାତୀପଲ ଉତ୍ପାତ କରୁଛନ୍ତି । ଉକ୍ତ ରେଞ୍ଜ ଅଧୀନ ରାସଗୋବିନ୍ଦପୁର ବ୍ଲକର ପୂର୍ଣ୍ଣଚନ୍ଦ୍ରପୁର ଅଞ୍ଚଳରେ ବ୍ୟାପକ ପାଚିଲା ଧାନ ନଷ୍ଟ କରୁଥିବାବେଳେ କିଛି ଚାଷୀମାନେ ହାତୀକୁ ଘଉଡ଼ାଇବାକୁ ଚେଷ୍ଟା କରୁଥିଲେ । ଏକ ଦନ୍ତାହାତୀ ଆକ୍ରମଣରେ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମର ହେମନ୍ତ ଜେନା ଗୁରୁତର ହୋଇଥିଲେ। ସଙ୍ଗେ ସଙ୍ଗେ ବନବିଭାଗର କର୍ମଚାରୀମାନଙ୍କ ସହିତ ସ୍ଥାନୀୟ ଲୋକେ ନିକଟସ୍ଥ ଅମର୍ଦା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ପରେ ତାଙ୍କୁ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। କିନ୍ତୁ ସେତେବେଳକୁ ହେମନ୍ତ ଜେନାଙ୍କ ମୃତ୍ୟୁ ହୋଇସାରିଥିଲା। ତାଙ୍କର ବୟସ ୫୧ ବର୍ଷ ବୋଲି ଜଣାଯାଇଛି। ଅପରପକ୍ଷରେ ଉକ୍ତ ରେଞ୍ଜ ଅଧୀନ ମୋରଡା ବ୍ଲକର ଖୁଣ୍ଟାପାଳ ଗ୍ରାମ ନିକଟରେ ୭୦ଟିକିଆ ହାତୀପଲ ଥିବାବେଳେ ବନବିଭାଗ କର୍ମଚାରୀମାନେ ଘଉଡାଇବାକୁ ଚେଷ୍ଟା କରୁଥିବା ଜଣାପଡ଼ିଛି।

# ଆୟୁର୍ବେଦିକ କଲେଜ ପୁଣି ଖୋଲିବା ଦାବିରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଦାବିପତ୍ର



ବାରିପଦା, (ସବ୍ୟୁ) : ଦୀର୍ଘ ଦିନରୁ ବନ୍ଦ ହୋଇ ପଡିଥିବା ଆୟୁର୍ବେଦିକ କଲେଜକୁ ଖୋଲିବା ନିମନ୍ତେ ଜିଲ୍ଲା କଂଗ୍ରେସ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ତେବେ ବାରିପଦା ଠାରେ ୨୦୦୮ ମସିହା ଠାରୁ ଆୟୁର୍ବେଦିକ କଲେଜ ବନ୍ଦ ହୋଇ ପଡିରହିଛି । ବହୁବାର ଜିଲ୍ଲାବାସୀ ଏହି ଅନୁଷ୍ଠାନକୁ ଖୋଲିବା ନିମନ୍ତେ ଦାବି କରି ଆସୁଥିଲେ ମଧ୍ୟ, ପୂର୍ବତନ ମୁଖ୍ୟମନ୍ତ୍ରୀ କଲେଜ ଖୋଲିବା ନିମନ୍ତେ କୌଣସି ପଦକ୍ଷେପ ନେଇ ନଥିଲେ। କିନ୍ତୁ ବର୍ତ୍ତମାନ ନୂଆ ସରକାରର ମୁଖ୍ୟମନ୍ତ୍ରୀ ରାଇରଙ୍ଗପୁର ଠାରେ ଏକ ନୂଆ ଆୟୁର୍ବେଦିକ କଲେଜ ଖୋଲିବା ନିମନ୍ତେ ବଜେଟ୍‌ରେ ବ୍ୟୟ ବରାଦ କରିଛନ୍ତି । କିନ୍ତୁ ବାରିପଦା ଠାରେ ଥିବା ସର୍ବପୁରାତନ ଆୟୁର୍ବେଦ କଲେଜମ, ଯାହାର କି ଉଚିତ୍ ଭିତ୍ତିଭୂମି ଅଛି, ବିଲ୍ଡିଂ ଅଛି, କିନ୍ତୁ ତାହା କାର୍ଯ୍ୟକାରୀ କରିବା ପାଇଁ କୌଣସି ପଦକ୍ଷେପ ନେଲେ ନାହିଁ । ମୁଖ୍ୟମନ୍ତ୍ରୀ ବାରିପଦା ସ୍ଥିତ ଆୟୁର୍ବେଦିକ କଲେଜ ଖୋଲିବା ନିମନ୍ତେ ପଦକ୍ଷେପ ନେଲେ ଜିଲ୍ଲାବାସୀ ଉପକୃତ ହେବେ । ତେଣୁ ଜିଲ୍ଲା କଂଗ୍ରେସ ପକ୍ଷରୁ ବାରିପଦାରେ ଥିବା ସରକାରୀ ଆୟୁର୍ବେଦିକ କଲେଜକୁ ପୁନଶ୍ଚ ଖୋଲିବା ନିମନ୍ତେ ମୁଖ୍ୟମନ୍ତ୍ରୀ ବିହିତ ପଦକ୍ଷେପ ନିଅନ୍ତୁ ବୋଲି ଦାବି କରିଛନ୍ତି, ନଚେତ୍ ଆଗାମୀ ଦିନରେ ଜନଆନ୍ଦୋଳନ ସୃଷ୍ଟି ହେବ ବୋଲି ଚେତବାନୀ ଦେଇଛନ୍ତି । ଏଥିରେ ପୂର୍ବତନ ନଗର କଂଗ୍ରେସ ସଭାପତି ଶାନ୍ତନୁ ପାଲଙ୍କ ନେତୃତ୍ୱରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ହେମନ୍ତ ଦାସ, ଅଶୋକ ଅଧିକାରୀ, ଜ୍ୟୋତିପ୍ରକାଶ ରଥ, ମୀନକେତନ ବେହେରା, ସୁସ୍ମିତା ଘୋଷାଲ, ଅରବିନ୍ଦ ଦାସ, ସଞ୍ଜୀବ ପଣ୍ଡା, ନିର୍ମଳ ପ୍ରଧାନ,ଦୀପକ ଦାଶ, ଶିବାନନ୍ଦ ଦାସ, କିଶୋର ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ପର୍ଶୁରାମ ଜୟନ୍ତୀ ଅବସରରେ ପ୍ରତିଭା ଅନ୍ୱେଷଣ



ବରଗଡ଼,(ସବ୍ୟୁ): ବରଗଡ଼ ଜିଲ୍ଲା ବ୍ରାହ୍ମଣ ମହାସଭା ଓ ଜିଲ୍ଲା ପର୍ଶୁରାମ ବାହିନୀର ମିଳିତ ସହଯୋଗରେ ପ୍ରଭୁ ପର୍ଶୁରାମ ଜୟନ୍ତୀ ସମାରୋହ ଅବସରରେ ସ୍ଥାନୀୟ ସାଇ କ୍ରୀଷ୍ଣା ପେଲେସ ଠାରେ ବ୍ରାହ୍ମଣ ସମାଜର ଏକ ପାରିବାରିକ ବନ୍ଧୁ ମିଳନ ସହ କୁନି କୁନି ପୁଅ ଝିଅଙ୍କ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ବେଦ ମନ୍ତ୍ର ଉଚ୍ଚାରଣ ସହ ଜିଲ୍ଲା ବ୍ରାହ୍ମଣ ମହାସଭାର ସଭାପତି ପଣ୍ଡିତ ଗୋପବନ୍ଧୁ ଦାଶ, କାର୍ଯ୍ୟକାରୀ ସଭାପତି ପଣ୍ଡିତ କୁଳମଣୀ ମହାପାତ୍ର, ସାଧାରଣ ସମ୍ପାଦକ ରବି ପଣ୍ଡା , ଜିଲ୍ଲା ପର୍ଶୁରାମ ବାହିନୀ ସଭାପତି ଦୀପକ ଦାଶ , ବରଗଡ଼ ବ୍ଲକ ବ୍ରାହ୍ମଣ ସମାଜ ସମ୍ପାଦକ ପଣ୍ଡିତ ଶୁଭ୍ରାଂଶୁ ମିଶ୍ର ପ୍ରଭୁ ପର୍ଶୁରାମ ଓ ମାତା ଗାୟତ୍ରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ ।

ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ , ଭଟଲି ବିଧାୟକ ଈରାଶିଷ ଆଚାର୍ଯ୍ୟ ଉପସ୍ଥିତ ରହି କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିବା ସହ ବ୍ରାହ୍ମଣ ସମାଜର ଭାରତ ବର୍ଷରେ ସାମାଜିକ ଅଭିବୃଦ୍ଧିରେ ଅବଦାନ ଉପରେ ଆଲୋକପାତ କରିଥିଲେ । ଉଭୟ ବିଧାୟକ ଜିଲ୍ଲା ବ୍ରାହ୍ମଣ ମହାସଭା ର ଅଫିସ ଗୃହ , ପର୍ଶୁରାମ ଭବନ ଆଦି ନିର୍ମାଣ ରେ ସମ୍ପୂର୍ଣ ସହଯୋଗ ର ପ୍ରତିଶ୍ରୁତି ଦେଇଥିଲେ । ବ୍ରାହ୍ମଣ ମହାସଭା ପକ୍ଷରୁ ବିଧାୟକ ଶ୍ରୀ ଷଡ଼ଙ୍ଗୀ ଓ ଶ୍ରୀ ଆଚାର୍ଯ୍ୟଙ୍କୁ ଉତ୍ତରୀୟ ଓ ସ୍ମାରକୀ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ସବ ଜୁନିୟର ବୟସ ବର୍ଗ ନୃତ୍ୟରେ ୧୦ ଜଣ , ଜୁନିୟର ବୟସ ବର୍ଗରେ ନୃତ୍ୟ ରେ ୨୦ ଜଣ, ଶ୍ଳୋକ ଉଚ୍ଚାରଣରେ ୧୦ ଜଣ ପ୍ରତିଯୋଗୀ ଭାଗ ନେଇ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ ।

# ଗର୍ଜିଲେ ଚାଷୀ, ବର୍ଜନ କଲେ ବୈଠକ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲାସ୍ତରୀୟ ରବି ଧାନ କ୍ରୟ କମିଟି ବୈଠକକୁ ଚାଷୀ ମାନେ ବିରୋଧ କରିଛନ୍ତି । ବୈଠକରେ ଚାଷୀଙ୍କୁ ଅବହେଳା, ବ୍ୟାପକ କଟନୀଛଟନୀ ବନ୍ଦ, ଏନାଲାଇଜର ମେସିନ ହଟାଇବାକୁ ଦାବି କରିବା ସହ ଜିଲ୍ଲାପାଳଙ୍କ ଅଫିସ ମୁଖ୍ୟ ଫାଟକରେ ଧାରଣାରେ ବସିଥିଲେ । ଭାରପ୍ରାପ୍ତ ଯୋଗାଣ ଅଧିକାରୀ ବିରେନ୍ଦ୍ର ସୋରେଙ୍ଗ ଆନ୍ଦୋଳନରତ ଚାଷୀଙ୍କ ସହ ଆଲୋଚନା କରିଥିଲେ । ସମ୍ବଲପୁର ଜିଲ୍ଲା କୃଷକ ସଙ୍ଗଠନକୁ ଚିଠି କରି ବୈଠକକୁ ଡାକିବାକୁ ଚାଷୀ ମାନେ ଅଡି ବସିଥିଲେ । ଜିଲ୍ଲାପାଳଙ୍କ ଚିଠି ନେଇ ଅତିରିକ୍ତ ଯୋଗାଣ ଅଧିକାରୀ ଆନ୍ଦୋଳନ ସ୍ଥଳକୁ ଯାଇଥିଲେ । ଏହାପରେ ଚାଷୀ ପ୍ରତିନିଧି ମାନେ ବୈଠକକୁ ଯିବା ପାଇଁ ନିଷ୍ପତି ନେଇଥିଲେ । ତେବେ ଉପସ୍ଥିତ ପୋଲିସ ଅଧିକାରୀ ସେମାନଙ୍କୁ ବୈଠକକୁ ଯିବାପାଇଁ ଛାଡିନଥିଲା । ଏହାକୁ



ନେଇ ଉତ୍ତେଜନା ପରିସ୍ଥିତ ଉପୁଜିଥିଲା । ଚାଷୀ ମାନେ ହୋହାଲ୍ଲା କରିବା ସହ ବିଭିନ୍ନ ବିରୋଧି ନାରା ଦେଇଥିଲେ । ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ଚାଷୀ ପ୍ରତିନିଧିଙ୍କୁ ବୁଝାସୁଝା କରିଥିଲେ । ମାତ୍ର ସେମାନଙ୍କୁ ଅପମାନିତ କରାଯାଇଥିବାରୁ ବୈଠକ ବର୍ଜନ କରିଥିଲେ । ଏଥିରେ ଚାଷୀ ନେତା ଅଶୋକ ପ୍ରଧାନ, ଉମେଶ ମିଶ୍ର, ବ୍ୟୋମକେଶ ଠାକୁର, ଦେବେନ୍ଦ୍ର ପ୍ରଧାନ, ବିପିନ ଭୋଇ, ପ୍ରଶାନ୍ତ ପଣ୍ଡା, ନନ୍ଦଲାଲ ବେହେରା, ନରେନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଖାଦାନରେ ବୁଡ଼ି ମହିଳାଙ୍କ ମୃତ୍ୟୁ

ରାଉରକେଲା,(ସବ୍ୟୁ) : ସୁନ୍ଦରଗଡ଼ ଜିଲ୍ଲା ଝିରିପାଣି ଥାନା ଅନ୍ତର୍ଗତ ଜଗଦା ନୀଳଶୈଳ କଲେଜ ନିକଟରେ ଥିବା ଏକ ଖଦାନରୁ ମଙ୍ଗଳବାର ସକାଳେ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମହିଳା ଜଣକ ଦଳପୋଷ ଅଞ୍ଚଳର ଗୀତା ବଡାଇକ୍ ବୋଲି ଜଣାପଡ଼ିଛି।

ସୂଚନା ଅନୁସାରେ ଝିରିପାଣି ଥାନା ଅନ୍ତର୍ଗତ ଜଗଦା ନୀଳଶୈଳ କଲେଜ ନିକଟରେ ଥିବା ଏକ ଖଦାନରେ ଗାଧୋଉଥିବା ବେଳେ ଗୋଡ଼ ଖସି ଯିବାରୁ ଗୀତାଙ୍କ ମୃତ୍ୟୁ ହୋଇଥିବା କେତେକ କହୁଥିବା ବେଳେ ଅନ୍ୟ କେତେକ ଲୋକ ତାଙ୍କ ମୃତ୍ୟୁରେ ସନ୍ଦେହ ପ୍ରକାଶ କରିଛନ୍ତି। ଗୀତାଙ୍କ ସ୍ୱାମୀ ଅଟୋ ଚଳାଉ ଥିବା ବେଳେ ତାଙ୍କର ଏକ ୧୦ ବର୍ଷର ପୁଅ ଅଛି। କେଉଁ ପରୀପ୍ରେକ୍ଷୀରେ ଗୀତାଙ୍କ ମୃତ୍ୟୁ ହେଲା ପୁଲିସ୍ ତାର ତଦନ୍ତ କରୁଛି। ଏ ବାବଦରେ ଝିରିପାଣି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିସ୍ଥିତି ଦେଖାଯାଇଛି।

## ଗଛରେ ପିଟି ହେଲା ଆଇସକ୍ରିମ୍ ଗାଡି
# ଚାଳକଙ୍କ ସମେତ ତିନି ଗୁରୁତର

ନବରଙ୍ଗପୁର,(ସବ୍ୟୁ) : ନବରଙ୍ଗପୁର ଜିଲ୍ଲା ଝରିଗାଁ ଥାନା ଅନ୍ତର୍ଗତ ଧନପୁର ଗ୍ରାମ ନିକଟରେ ଏକ ଆଇସକ୍ରିମ୍ ଗାଡ଼ି ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଗଛରେ ପିଟି ହେବା ଯୋଗୁଁ ଚାଳକଙ୍କ ସମେତ ତିନି ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ହେଲେ ଶୁଭଙ୍କର ହଲଦାର(୨୪), ରାଜୁ ବିଶ୍ୱାସ (୨୮) ଓ ମୁକେଶ ଗଲଦାର(୨୨)।

ଝରିଗାଁ ଠାରେ ଚାଲିଥିବା ଠାକୁରାଣୀ ଯାତ୍ରାରେ ଆଇସକ୍ରିମ ବ୍ୟବସାୟ କରିବା ପାଇଁ ପଶ୍ଚିମବଙ୍ଗର ଉତ୍ତର ଚବିଶି ପରଗନା ଜିଲ୍ଲା ବାନଗାଁ ଗ୍ରାମର ଶୁଭଙ୍କର ହଲଦାର ଏବଂ ରାଜୁ ବିଶ୍ୱାସ ଆସିଥିଲେ। ଝରିଗାଁ ଠାରେ ଠାକୁରାଣୀ ଯାତ୍ରା ଶେଷ ହେବା ପରେ ସୋମବାର ରାଇଘର ବ୍ଲକ ଭାରଶୁଣ୍ଡି ମେଳାକୁ ଯାଇ ବ୍ୟବସାୟ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥି ପାଇଁ ଏକ ପିକ୍‌ଅପ୍ ଭ୍ୟାନ୍ (ଓଡି ୦୮ପି ୩୬୬୭) ଯୋଗେ ଅପରାହ୍ନ ପ୍ରାୟ ୩ଟାରେ ଭାରଶୁଣ୍ଡି ଗ୍ରାମର ଗାଡ଼ି ଚାଳକ ମୁକେଶ ଗଲଦାରଙ୍କ ସହ ଶୁଭଙ୍କର ଏବଂ ରାଜୁ ଯାଉଥିଲେ।

ମେଳାକୁ ଯିବା ବାଟରେ ଝରିଗାଁ-ଉମରକୋଟ ମୁଖ୍ୟ ରାସ୍ତାରେ ଥିବା ଧନପୁର ଗ୍ରାମ ନିକଟରେ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତାକଡ଼ ଗଛରେ ପିଟି ହୋଇଥିଲା। ଫଳରେ ତିନି ଜଣ ଗାଡ଼ିରେ ଚାପି ହୋଇ ଯାଇଥିଲେ। ଦୁର୍ଘଟଣା ପରେ ଝରିଗାଁ ପୁଲିସ ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ସମସ୍ତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ଗାଡି ଚାଳକ ମୁକେଶ ଏବଂ ଶୁଭଙ୍କରଙ୍କୁ ଉନ୍ନତ ଚିକିତ୍ସା ପାଇଁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠା ଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ଝରିଗାଁ ଥାନା ଅଧିକାରୀ ପ୍ରଦୀପ କୁମାର ଶବର ସହ ଏକ ଟିମ ଘଟଣାସ୍ଥଳରେ ପହଞ୍ଚି ଗାଡି ଜବତ କରିବା ସହ ତଦନ୍ତ ଜାରି ରଖିଛନ୍ତି।

# ବିକାଶ ନହେଲେ ଆନ୍ଦୋଳନ ଚେତାବନୀ

ସମ୍ବଲପୁର,(ସବ୍ୟୁ): ରାଜ୍ୟରେ ବିଜେଡି ସରକାର ବଦଳିଛି । ନୂତନ ବିଜେପି ସରକାର ଆସିଛି । ସରକାର ଗଠନର ୧୦ମାସ ପରେ ମଧ୍ୟ ରେଙ୍ଗାଲି ନିର୍ବାଚନ ମଣ୍ଡଳୀରେ କୌଣସି ବିକାଶ କାର୍ଯ୍ୟ ଆରମ୍ଭ କରାଯାଇନାହିଁ । ଏପରିକି ପୂର୍ବ ସରକାର ସମୟରେ ହୋଇଥିବା ବିଭିନ୍ନ ଉନ୍ନୟନ କାମର ବିଲ୍ ପାସ୍ ନକରି ରଖାଯାଇଛି । ଏହାଦ୍ୱାରା ଲୋକେ ବେଶ ହଇରାଣ ହେଉଛନ୍ତି । ଏନେଇ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ତାଙ୍କ ସମର୍ଥକଙ୍କ ସହ ମଙ୍ଗଳବାର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ସାକ୍ଷାତ କରି ଅଭିଯୋଗ କରିଛନ୍ତି । ସମସ୍ତ ବିକାଶ କାର୍ଯ୍ୟ ଜାଣିଶୁଣି ବନ୍ଦ କରାଯାଇଥିବା ବେଳେ ଜିଲ୍ଲା ପରିଷଦ ବୈଠକରେ ସେ ପଞ୍ଚାୟତରାଜ ମନ୍ତ୍ରୀ ରବିନାରାୟଣ ନାୟକଙ୍କ ମଧ୍ୟ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାସତ୍ତ୍ୱେ କୌଣସି ସୁଫଳ ନମିଳିବାରୁ ସେ ଜିଲ୍ଲାପାଳଙ୍କ ନିକଟରେ ଗୁହାରୀ କରିଛନ୍ତି । ଏନେଇ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି । ଆଗାମୀ ୭ଦିନ ମଧ୍ୟରେ ନୂତନ କାର୍ଯ୍ୟ ଆରମ୍ଭ ଓ ବକେୟା ବିଲ ପାସ୍ କରାନଗଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଆବଶ୍ୟକ ପଡିଲେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ମଧ୍ୟ ଘେରାଉ କରାଯିବ ବୋଲି ବିଧାୟକ ସୁଦର୍ଶନ ହରିପାଲ କହିଛନ୍ତି । ଏଥିରେ ଧନକଉଡା ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ବେହେରାଙ୍କ ସମେତ ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ବହୁ ଜନସାଧାରଣ ଉପସ୍ଥିତ ଥିଲେ ।

## ନାନ୍ଦୁପଲା-ବୁରୋମାଲ ରାସ୍ତା ପାଲଟିଛି ମରଣଯନ୍ତା

ଖପ୍ରାଖୋଲ,(ସବ୍ୟୁ): ଖପ୍ରାଖୋଲ ବ୍ଲକ୍ ନାନ୍ଦୁପଲା – ବୁରୋମାଲ୍ ଯାଏଁ ଗ୍ରାମ୍ୟ ଉନ୍ନୟନ ବିଭାଗର ୧୫ କିମି ରାସ୍ତା ଦୀର୍ଘଦିନ ହେଲା ମରାମତି ଅଭାବରୁ ପିଚୁ ଉଠି ଯାଇଥିବା ବେଳେ ପଥର ବାହାରି ମରଣଯନ୍ତା ପାଲଟିଛି। ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟିଥିବା ବେଳେ ରାସ୍ତାର ଦୂରାବସ୍ଥା ପାଇଁ ଯିବାକୁ ଲୋକେ ଡରୁଛନ୍ତି। ଏହି ରାସ୍ତାଟି ପବିତ୍ର ହରିଶଙ୍କର ପୀଠ ଠାରୁ ବରଗଡ଼ ଜିଲ୍ଲା ପଦ୍ମପୁର ସହରକୁ ସଂଯୋଗ କରୁଛି। ଏହି ରାସ୍ତା ଦେଇ ନରସିଂହ ନାଥ ମନ୍ଦିରକୁ ଦୂରତା କମ୍ ହେଉଥିବାରୁ ପ୍ରତିଦିନ ଅନେକ ପର୍ଯ୍ୟଟକଙ୍କ ଗାଡ଼ି ମୋଟର ଯା ଆସ କରିଥାଏ। ଅଳ୍ପଦିନ ପରେ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ହେବାକୁ ଥିବା ବେଳେ ରାସ୍ତାଟି ତୁରନ୍ତ ମରାମତି କରାଇବାକୁ ସାଧାରଣରେ ଦାବୀ ହେଉଛି।

# ବିଶିଷ୍ଟ ଫଟୋଗ୍ରାଫର କରୁଣାକରଙ୍କ କୃତିତ୍ୱ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁରର ବିଶିଷ୍ଟ ଫଟୋଗ୍ରାଫର କରୁଣାକର ଶତପଥି ଜାତୀୟ ଫଟୋଗ୍ରାଫି ସଂଘ(ଫିପ୍) ଆନୁକୂଲ୍ୟରେ ଅୟୋଜିତ ପ୍ରଥମ ଡିଜିଟାଲ ଫଟୋଗ୍ରାଫି ପ୍ରତିଯୋଗିତାର ବିଚାରକ ଭାବେ ମନୋନିତ ହୋଇଛନ୍ତି । ମୋଟ ୧୫ଜଣ ବିଚାରକ ମଧ୍ୟରୁ କରୁଣାକର କେବଳ ଓଡିଶାର ଏକମାତ୍ର ବିଚାରକ ଅଟନ୍ତି । ପ୍ରତିଯୋଗିତାର ଫଳାଫଳ ଆସନ୍ତା ମେ ୭ତାରିଖରେ ପ୍ରକାଶ ପାଇବ ବୋଲି ଜଣାପଡିଛି । ଏହି ପ୍ରତିଯୋଗିତାରେ ଦେଶର ବିଭିନ୍ନ ଅଞ୍ଚଳର ୨୫୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି । ସୂଚନାଯୋଗ୍ୟ, ଶ୍ରୀ ଶତପଥି ଫଟୋଗ୍ରାଫି କ୍ଷେତ୍ରରେ ଅନେକ ରାଷ୍ଟ୍ରୀୟ ତଥା ଅନ୍ତଃରାଷ୍ଟ୍ରୀୟ ସମ୍ମାନ ଲାଭ କରିଛନ୍ତି । ଏଥିସହ ଅନେକ ପ୍ରତିଯୋଗିତାରେ ବିଚାରକ ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି ।

# ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ମହମବତୀ ଶୋଭାଯାତ୍ରା

ସମ୍ବଲପୁର,(ସବ୍ୟୁ): ଓଡିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ସମ୍ବଲପୁର ଜିଲ୍ଲା ଶାଖା ପକ୍ଷରୁ ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ପ୍ରେମାନନ୍ଦ ରେଡ୍ଡିଙ୍କ ନେତୃତ୍ୱରେ ପହଲଗାମରେ ଘଟିଥିବା ଆତଙ୍କବାଦୀ ଆକ୍ରମଣକୁ ତୀବ୍ର ନିନ୍ଦା କରାଯାଇଛି । ମୃତକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ନୀରବ ପ୍ରାର୍ଥନା ସହ ଲକ୍ଷ୍ମୀ ଟକିଜ ଛକରୁ ନେଲସନ୍ ମାଣ୍ଡେଲା ଛକ ପର୍ଯ୍ୟନ୍ତ ମହମବତୀ ଶୋଭାଯାତ୍ରା ହୋଇଥିଲା । ଏଥିରେ ସାଧାରଣ ସମ୍ପାଦକ ସୌମ୍ୟରଞ୍ଜନ ମହାପାତ୍ର, ଉପସଭାପତି ଜଗଦାନନ୍ଦ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର ଜେନାଙ୍କ ସମେତ ବହୁ ଆଉଟସୋର୍ସିଂ କର୍ମଚାରୀ ସାମିଲ ଥିଲେ ।

# ଗଣିତ ପ୍ରତିଭା ପରୀକ୍ଷାରେ ଶିଶୁମନ୍ଦିର ଛାତ୍ର ଛାତ୍ରୀଙ୍କ କୃତିତ୍ୱ

କନ୍ଧମାଳ,(ସବ୍ୟୁ): ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି ପକ୍ଷରୁ ଶିକ୍ଷାବର୍ଷ ୨୦୨୪-୨୫ରେ ଓଡ଼ିଶାର ଦକ୍ଷିଣ ପଶ୍ଚିମ ସମ୍ଭାଗର ସମସ୍ତ ସରସ୍ୱତୀ ଶିଶୁମନ୍ଦିର ଗୁଡିକରେ ପ୍ରାଦେଶିକ ଓ ଶ୍ରୀଭାରତିକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷା ହୋଇଥିଲା । ବୌଦ୍ଧ ଜିଲ୍ଲା କନ୍ଧମାଳ ସଂକୁଳର ପଲସାଗୋରା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ମାନେ ଉକ୍ତ ପ୍ରତିଭା ପରୀକ୍ଷାରେ ସଫଳତାର ସହ କୃତିତ୍ୱ ହାସଲ କରିଛନ୍ତି । ସେଥିମଧ୍ୟରୁ ପ୍ରାଦେଶିକ ମେଧା ପରୀକ୍ଷାରେ ଏହି ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ଛାତ୍ରୀ ଆରାଧ୍ୟା ଆରାଧନା ପାତ୍ର ଓ ସାଇ ଆକାଂକ୍ଷା ପ୍ରହରାଜ ୫୦ଶତକଡାରୁ ଉର୍ଦ୍ଧ ନମ୍ବର ରଖି ସଫଳତାର ସହ କୃତିତ୍ୱ ହାସଲ କରିଛନ୍ତି । ସେହିପରି ଶ୍ରୀଭାରତିକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାରେ ବିଦ୍ୟାଳୟର ତୃତୀୟ ଶ୍ରେଣୀ ଛାତ୍ର ସୌମ୍ୟଜିତ ରଥ , ଶୁଭଙ୍କର ମିଶ୍ର ଏବଂ ପଞ୍ଚମ ଶ୍ରେଣୀରୁ ସାଇ ଆକାଂକ୍ଷା ପ୍ରହରାଜ କୃତିତ୍ୱ ହାସିଲ କରି ବିଦ୍ୟାଳୟର ଗୌରବ ଅର୍ଜନ କରିଛନ୍ତି । ସଫଳତା ପାଇଁ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ହେମନ୍ତ ପୁଟେଲ ଓ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା କୃତି ଛାତ୍ରଛାତ୍ରୀ ମାନଙ୍କୁ ସେମାନଙ୍କ ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି ।

## ରେଢ଼ାଖୋଲ ଉପଖଣ୍ଡରେ ଜନଶୁଣାଣି

ରେଢ଼ାଖୋଲ,(ସବ୍ୟୁ): ରେଢ଼ାଖୋଲ ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳ ଏବଂ ଏସପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଶିବରରେ ମୋଟ ୭୩ଟି ଅଭିଯୋଗ ଆସିଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ୫୭ ଟି ଓ ସାମୁହିକ ୧୬ ଟି ରହିଥିଲା ଅଭିଯୋଗ ଗୁଡିକ ମଧ୍ୟରେ ପାନୀୟଜଳ, ରାସ୍ତା, ସ୍ୱାସ୍ଥ୍ୟ, ଜମିଜମା, ଭତ୍ତା ଇତ୍ୟାଦି ରହିଥିଲା । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅଭିଯୋଗ ଗୁଡିକୁ ଶୁଣି ତାହାର ତୁରନ୍ତ ସମାଧାନ କରିବାରୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ସହିତ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣୀ ପୋର୍ଟାଲ, ଆସୁଥିବା ଅଭିଯୋଗ ଗୁଡିକୁ ମଧ ପ୍ରାଥମିକତା ଆଧାରରେ ସମାଧାନ କରିବାକୁ ଉପସ୍ଥିତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ଶୁଣାଣୀରେ ଅନ୍ୟ ମାନଙ୍କ ମଧ୍ୟରେ ରେଢ଼ାଖୋଲ ବ୍ଲକ ଅଧକ୍ଷ ପ୍ରଦୀପ ପ୍ରଧାନ, ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହାନ୍ତ,ରେଢ଼ାଖୋଲ ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ମେହେର, ରେଢ଼ାଖୋଲ ବିଡ଼ିଓ ରାଜେନ୍ଦ୍ର ନାରାୟଣ ସେନାପତି, ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ ସମେତ ଜିଲ୍ଲା, ଉପଖଣ୍ଡ ଓ ବ୍ଲକ ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।

# ଆନ୍ତର୍ଜାତିକ ସମବାୟ ବର୍ଷ ପାଳିତ

ଭବାନୀପାଟଣା,(ସବ୍ୟୁ): ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ ପାଳନ ଅବସରରେ କଳାହାଣ୍ଡି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ସ୍ଥାନୀୟ ଟାଉନହଲ ଭବାନୀପାଟଣା ଠାରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଜୁନାଗଡ ବିଧାୟକ ଦିବ୍ୟ ଶଙ୍କର ମିଶ୍ର, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଷୀ,ଅଧକ୍ଷ ଜିଲ୍ଲା ପରିଷଦ ପୁଷ୍ପେନ୍ଦ୍ର ସିଂହଦେଓ, କେନ୍ଦ୍ର ସମବାୟ ବ୍ୟାଙ୍କ ଭବାନୀପାଟନା ସଭାପତି ଗିରୀଶ ଚନ୍ଦ୍ର ବେହେରା,ଏମ୍ ପି, କଳାହାଣ୍ଡିଙ୍କ ପ୍ରତିନିଧି ଜୟଶଙ୍କର ନାୟକ,ମୁଖ୍ୟ ବକ୍ତା ଡକ୍ଟର ଉମେଶଚନ୍ଦ୍ର ଶତପଥି, ଉପ ନିବନ୍ଧକ ସମବାୟ ସମିତି ପ୍ରମୋଦ କୁମାର ସାହୁ, ଏ ଆର୍ ସି ଏସ୍, ମଧୁସୂଦନ ମେହେର, ସମବାୟ ବ୍ୟାଙ୍କ ନିର୍ବାହୀ ଅଧିକାରୀ ବନଲତା ଧଳ ଯୋଗଦେଇ ଥିଲେ । କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମା ମାଣିକେଶ୍ୱରୀଙ୍କ ଫଟୋ ଚିତ୍ରରେ ପୂଜ୍ୟ ପୂଜା ପୂର୍ବକ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ ଅବସରରେ ମଧୁବାବୁଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ ର ଥିମ୍ ସଶକ୍ତ ସମବାୟ, ସୁଦୃଢ ସମାଜ, ସମୃଦ୍ଧ ଜୀବନ ଓଡିଶା ସମବାୟ ଆନ୍ଦୋଳନର କର୍ଣ୍ଣଧାର ମଧୁସୂଦନ ଦାସଙ୍କ ଭୂମିକା,ମଧୁବାବୁଙ୍କ ଆଦର୍ଶ ଜୀବନୀ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ କ୍ଷେତ୍ରରେ ଦଳ ମତ ନିର୍ବିଶେଷରେ ସମସ୍ତଙ୍କର ସହଯୋଗ ର ଆବଶ୍ୟକତା, ସମବାୟ ଆନ୍ଦୋଳନର ଭୂମିକା ସମ୍ପର୍କରେ ସମସ୍ତ ଅତିଥି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମବାୟ ସମିତି କାର୍ଯ୍ୟରେ ଉତ୍କର୍ଷତା ପ୍ରତିପାଦନ କରିଥିବା, କର୍ଲାମୁଣ୍ଡା ବ୍ଲକ ଜୋରା ଡବରା ପ୍ରାଥମିକ ସମବାୟ ସମିତି,କୋକସରା ବ୍ଲକର ଟେମରା ସମବାୟ ସମିତି, ଭବାନୀପାଟଣା ଓ ମଦନପୁର ରାମପୁର ସମବାୟ ସମିତିକୁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଜିଲ୍ଲା ଉପ ନିବନ୍ଧକ ସମବାୟ ସମିତି ପ୍ରମୋଦ କୁମାର ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ରୂପକିଶୋର ଦଳାଇ ପରିଚାଳନା କରିଥିଲେ।

# ସମ୍ବଲପୁର ଷ୍ଟ୍ରଙ୍ଗ ମ୍ୟାନ ପ୍ରତିଯୋଗିତା

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଭୁତାପଡା ନିକଟସ୍ଥ ସୁଲତାନ ଜିମ୍ ଏଣ୍ଡ ଫିଟନେସ୍ ସେଣ୍ଟର ଠାରେ ସମ୍ବଲପୁର ଷ୍ଟ୍ରଙ୍ଗ ମ୍ୟାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସୁଲତାନ ଜିମ୍ ଏଣ୍ଡ ଫିଟନେସ୍ ଏବଂ ସମ୍ବଲପୁର ଷ୍ଟ୍ରଙ୍ଗ ମ୍ୟାନ ଆସୋସିଏସନ୍ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ମୋଟ ୬୨ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ସେଥିମଧ୍ୟରୁ ୪୦ଜଣ ପୁରୁଷ ଓ ୨୨ଜଣ ମହିଳା ପ୍ରତିଯୋଗୀ ଥିବାବେଳେ ମହମ୍ମଦ ଅମଜଦ୍ ସମ୍ବଲପୁର ଷ୍ଟ୍ରଙ୍ଗ ମ୍ୟାନ ଓ ସାଗରିକା ରାୟ ସମ୍ବଲପୁର ଷ୍ଟ୍ରଙ୍ଗ ଓମ୍ୟାନ ଟାଇଟଲ ଜିତିଥିଲେ । ସାମାଜିକ କର୍ମୀ ୱାସେ ମଲ୍ଲିକ, ଆସୋସିଏସନ୍‌ର ସମ୍ପାଦକ




ସୋମନାଥ ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇ କୃତି ପ୍ରତିଯୋଗୀଙ୍କୁ ସମ୍ମାନିତ କରିଥିଲେ ।

# ବିଦ୍ୟାସାଗର ଜ୍ଞାନ ମନ୍ଦିରର ବାର୍ଷିକ ମହୋତ୍ସବ

ଜମନକିରା,(ସବ୍ୟୁ): ଜମନକିରା ସଦର ମହକୁମା ସ୍ଥିତ ବିଦ୍ୟାସାଗର ଜ୍ଞାନ ମନ୍ଦିର ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସମ୍ପାଦକ ଲୁଲେନ୍ଦୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ସମାରୋହରେ ଜମନକିରା ବିଡ଼ିଓ ରବୀନ୍ଦ୍ର ସେଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଜିଲ୍ଲା ପରିଷଦ ସଭ୍ୟା ସୁଜାତା ଖୁଣ୍ଟିଆ ଯୋଗ ଦେଇଥିଲେ। ଅତିଥିଭାବେ ବରିଷ୍ଠ ଶିକ୍ଷକ ପୁରୁଷୋତ୍ତମ ପାତ୍ର ଏବଂ ବିଶିଷ୍ଟ ବକ୍ତାଭାବେ ଯତିନ୍ଦ୍ର କୁମାର ପ୍ରଧାନ ଇଂରାଜୀ ବିଭାଗ ଅଧାପକ ଦ୍ୱାରିକା ପ୍ରସାଦ ଅଗ୍ରୱାଲ ଯୋଗ ଦେଇଥିଲେ। ମୁଖ୍ୟଅତିଥି ବିଡ଼ିଓ ସେଠୀ ଛାତ୍ରଛାତ୍ରୀ ମାନଙ୍କୁ ଭଲ ମଣିଷ ହେବା ପାଇଁ ସ୍ୱପ୍ନ ଦେଖ ଯେଉଁ ସ୍ୱପ୍ନରେ ବାସ୍ତବତା ରହିଥିବ। ସେଭଳି ସ୍ୱପ୍ନ ଦେଖିଲେ ଦିନେ ନା ଦିନେ ନିଶ୍ଚୟ ବଡ ହେଇ ପାରିବ ବୋଲି ବିଭିନ୍ନ ଉଦାହରଣ ଦେଇ ବୁଝାଇଥିଲେ। ବିଦ୍ୟାସାଗର ଜ୍ଞାନ ମନ୍ଦିରର ପଞ୍ଚମ ଶ୍ରେଣୀରେ ପାଠ ପଢୁଥିବା ସୋନାକ୍ଷୀ ସାହୁଙ୍କୁ ମାନେଶ୍ୱର ବ୍ଲକରେ ବୃତ୍ତି ପରୀକ୍ଷାରେ



ପ୍ରଥମ ସ୍ଥାନ ଅଧିଗ୍ରହଣ କରିଥିବା, ସିଦ୍ରା ଫାତିମାଙ୍କୁ ଜମନକିରା ଓଡିଶା ଆଦର୍ଶ ବିଦ୍ୟାଳୟର ଏଣ୍ଟ୍ରାନ୍ସ ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ଅର୍ଜନ କରିଥିବା ଓ ପ୍ରୀୟାନସି ଚୌଧୁରୀଙ୍କୁ ସମ୍ବଲପୁର ଏକଲବ୍ୟ ଏଣ୍ଟ୍ରାନ୍ସ ପରୀକ୍ଷାରେ ପ୍ରଥମ ସ୍ଥାନ, ରେଙ୍ଗାଲି ଓଡିଶା ଆଦର୍ଶ ବିଦ୍ୟାଳୟରେ ପ୍ରଥମ ସ୍ଥାନ ଓ ସମ୍ବଲପୁର ଜବାହର ନବୋଦୟ ବିଦ୍ୟାଳୟ ଏଣ୍ଟ୍ରାନ୍ସ ପରୀକ୍ଷାରେ ଚତୁର୍ଥ ସ୍ଥାନ ଅର୍ଜନ କରିଥିବା ଯୋଗୁଁ ଏହି ବିଦ୍ୟାର୍ଥୀଙ୍କୁ ବିଦ୍ୟାଳୟ ପକ୍ଷରୁ ଅତିଥି ଗଣଙ୍କ ଦ୍ୱାରା ପ୍ରଫୁଲ୍ଲ ପ୍ରଜ୍ଞା ପୁରସ୍କାରରେ ମାନପତ୍ର ସହିତ ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ସେହିପରି ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ର ଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ଖେଳ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀଙ୍କୁ ମାନପତ୍ର, ଟ୍ରଫି, ମେଡାଲ ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷୟତ୍ରୀ ମଧୁସ୍ମିତା ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ଛାତ୍ରୀ ସିଦ୍ରା ଫାତିମା ବିଦ୍ୟାଳୟ ବିବରଣୀ ପଠନ କରିଥିଲେ। ବିଦ୍ୟାଳୟ ଶିକ୍ଷୟତ୍ରୀ ଅନୁପମା ନାଏକ ଅତିଥି ବୃନ୍ଦଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦିଶା ବୈଠକରେ ଉନ୍ନୟନ ମୂଳକ କାର୍ଯ୍ୟ
# ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବା ଉପରେ ଗୁରୁତ୍ୱ

ନୂଆପଡ଼ା,(ସବ୍ୟୁ): ନୂଆପଡା ଜିଲ୍ଲା ସଦଭାବନା ସଭା ଗୃହରେ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପର୍ଯ୍ୟାଲୋଚନା କମିଟି ବୈଠକ ଦିଶା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାଶ ସ୍ୱାଗତ କରି କହିଲେ ଯେ ଜିଲ୍ଲାରେ ବିଭିନ୍ନ ବିଭାଗର ଉନ୍ନୟନ କାମର ଦୃତ ପ୍ରଗତି ହୋଇଛି । ପ୍ରତି ସପ୍ତାହରେ ବ୍ଲକ୍ ମାନଙ୍କରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ନେଇ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆୟୋଜନ ହେଉଛି । ଏହି ଅବସରରେ ସେଠାରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ସହିତ ରକ୍ତଦାନ ଶିବିର ଆୟୋଜନ କରାଯାଉଛି। ଅପରାହ୍ନରେ ବ୍ଲକ୍‌ର ଗୋଟିଏ ପଞ୍ଚାୟତରେ ପ୍ରବାସୀ ଶ୍ରମିକ ନିରାକରଣ ସଚେତନତା ଶିବିର ଅନୁଷ୍ଠିତ ହେଉଛି । ଏହା ସହିତ ସେହି ପଞ୍ଚାୟତରେ ଝିଅ ଜନ୍ମକୁ ପ୍ରୋତ୍ସହିତ କରିବା ସହିତ ବୃକ୍ଷ ରୋପଣ ପାଇଁ ଝିଅ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଗର୍ଭଣୀ ମାନଙ୍କୁ ସଚେତନ କରିବା ପାଇଁ ଗର୍ଭସ୍ଥ । ଏହାକୁ ସାଂସଦ ପ୍ରଶଂସା କରିଥିଲେ । ସାଂସଦ ଜିଲ୍ଲାର ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟ ସମୟ ସୀମା ଭିତରେ ଶୀଘ୍ର ସାରିବା ପାଇଁ ଗୁରୁତ୍ୱ ଦେଇଥିଲେ । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ବିଗତ ସଭାର ବିବରଣୀ ପାଠ କରିଥିଲେ। ଏହାପରେ ସାଂସଦ ଗୋଟି ଗୋଟି କରି ବିଭିନ୍ନ ବିଭାଗର ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ସଭାରେ ଜନସାଧାରଣଙ୍କ ମୁଖ୍ୟ ସମସ୍ୟା ଘରଡିହ, ବାସଗୃହ, ବିଦ୍ୟୁତ୍, ପାନୀୟ ଜଳ, ସଡକ , ନରେଗାରେ ଶ୍ରମ ଯୋଗାଣ, ଶିକ୍ଷା,




ସ୍ୱାସ୍ଥ୍ୟ, ଜୀବିକା ମିଶନ, କୃଷି , ଶିଳ୍ପ, ଖାଦ୍ୟ ଯୋଗାଣ ଇତ୍ୟାଦି ବିଷୟ ଉପରେ ବିଶଦ ଭାବରେ ଆଲୋଚନା ହୋଇଥିଲା । ଏହିସବୁ କ୍ଷେତ୍ରରେ ଯେତେ ସବୁ ସମସ୍ୟା ଅଛି ସେସବୁର ଶୀଘ୍ର ସମାଧାନ କରିବା ପାଇଁ ସାଂସଦ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇ ଥିଲେ । ସମସ୍ତ ଜନପ୍ରତିନିଧି ଓ ଅଧିକାରୀଗଣ ମିଳିତ ଭାବରେ ଜିଲ୍ଲାର ସାମଗ୍ରିକ ଉନ୍ନତି କରିବା ପାଇଁ ସାଂସଦ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି । ବୈଠକରେ ସାଂସଦଙ୍କ ପ୍ରତିନିଧି ପ୍ରେମ ଅଗ୍ରୱାଲ, ସରୋଜ ଦେବୀ ଅଗ୍ରୱାଲ ବିଭିନ୍ନ ଜିଲ୍ଲାପରିଷଦ ସଦସ୍ୟ, ଜନ ପ୍ରତିନିଧି, ,ଦିଶା କମିଟି ସଦସ୍ୟ,ବନଖଣ୍ଡ ଅଧିକାରୀ ଖରିଆର ଅଜିଜ୍ ଖାନ୍,ବନଖଣ୍ଡ ଅଧିକାରୀ ବନ୍ୟଜନ୍ତୁ ମହାଦେବ ବଡାଇକ,ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଅତିରିକ୍ତ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଯୋଗେଶ୍ୱର ଭୋଇ, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ବିଡିଓ, ସମସ୍ତ ଏନ୍ ଏ ସି କାର୍ଯ୍ୟନିର୍ବାହି ଅଧିକାରୀ ପ୍ରମୂଖ ଯୋଗଦେଇଥିଲ । ସମସ୍ତ ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀ ମାନଙ୍କ ଆନ୍ତରିକ ସହଯୋଗରେ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ତଥା ପ୍ରବାସୀ ଶ୍ରମିକ ପ୍ରଥାର ବିଲୋପ ସାଧନ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥଲେ। ଶେଷରେ ଅତିରିକ୍ତ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଯୋଗେଶ୍ୱର ଭୋଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ରାହ୍ମଣ ସମାଜ ପକ୍ଷରୁ ପର୍ଶୁରାମ ଜନ୍ମୋତ୍ସବ ପାଳିତ



କୋକସରା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବ୍ରାହ୍ମଣସେନା ପକ୍ଷରୁ ମଙ୍ଗଳବାର ଲଡୁଗାଁ ଜଗନ୍ନାଥ ମନ୍ଦିର ପରିସରରେ ଭଗବାନ ପର୍ଶୁରାମଙ୍କ ଜନ୍ମୋତ୍ସବ ମହାସମାରୋହରେ ପାଳିତ ହୋଇଛି। ସ୍ଥାନୀୟ ମାଝୀପଡା ଶିବ ମନ୍ଦିର ନିକଟରୁ ବ୍ରାହ୍ମଣ ସମାଜ, ପ୍ରଜ୍ଞା ବାହିନୀ ଓ ପର୍ଶୁରାମ ସେନାର କର୍ମକର୍ତ୍ତା ଏକ ବିରାଟ ଶୋଭାଯାତ୍ରା ବାହାରି ହନୁମାନ ଛକ ଦେଇ ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚି ଥିଲେ। ଏହାପରେ ଭଗବାନ ପର୍ଶୁରାମଙ୍କ ଜନ୍ମୋତ୍ସବ ପାଳନ ଓ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଷୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜବାହରଲାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡା ମୁଖ୍ୟବକ୍ତା, କୋକସରା ବ୍ଲକ ଅଧକ୍ଷା ରିତା ଅଗ୍ରୱାଲ, ରାଧେଶ୍ୟାମ ଅଗ୍ରୱାଲ, ବ୍ଲକ ବ୍ରାହ୍ମଣ ସମାଜ ସଭାପତି ତ୍ରିନାଥ ଠାକୁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ମେଧାବୀ ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ପୂଜାକାର୍ଯ୍ୟ, ସାମୁହିକ ଆରତୀ, ପହଲଗାମ ଆତଙ୍କବାଦୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ପର୍ଯ୍ୟଟକ ଓ ବ୍ରାହ୍ମଣ ସମାଜର ମୃତ୍ୟୁ ହୋଇଥିବା କିଛି ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶୋକସଭା କରାଯାଇଥିଲା। ବ୍ଲକ ସଭାପତି ଶ୍ରୀମନ୍ତ ପାଢୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଈଶ୍ୱରୀ ପ୍ରସାଦ ଅଗସ୍ତି ଓ ଗୋଦାବରୀଶ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବ୍ଲକ ସମ୍ପାଦକ ସଞ୍ଜୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ରବି ଧାନ କ୍ରୟ କମିଟି ବୈଠକ

# ମେ' ୧୪ରୁ ଧାନ ସଂଗ୍ରହ ଆରମ୍ଭ




ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାସ୍ତରୀୟ ରବି ଧାନ କ୍ରୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ଆସନ୍ତା ମେ ୧୪ରୁ ଜିଲ୍ଲାରେ ରବି ଧାନ ସଂଗ୍ରହ କରାଯିବାକୁ ନିଷ୍ପତି ନିଆଯାଇଛି। କେବଳ ରବିବାରକୁ ଛାଡି ଅନ୍ୟ ସମସ୍ତ ଦିନ ଧାନ ସଂଗ୍ରହ କରାଯିବ। ଏଥିପାଇଁ ୧୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ୩୨ଟି ପ୍ରାଥମିକ କୃଷି ସମବାୟ ସମିତି ଅଂଶଗ୍ରହଣ କରିବେ। ମୋଟ ୫୮ଟି ଧାନ କ୍ରୟ କେନ୍ଦ୍ର ଖୋଲାଯିବ। ଏଥିରେ ୪୬ଜଣ କଷ୍ଟମ ମିଲର୍ସ ଅଂଶଗ୍ରହଣ କରିବେ। ମଣ୍ଡି ସୁପରିଚାଳନା ପାଇଁ ୫୩ଜଣ ନୋଡାଲ ଅଫିସର ଓ ୧୭ଜଣ ମଣ୍ଡି ପରିଚାଳନା ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସକାଳ ୭ଟାରୁ ପୂର୍ବାହ୍ନ ୧୦ଟା ମଧ୍ୟରେ ଧାନ କ୍ରୟ କରାଯିବ। ସମସ୍ତ ମଣ୍ଡିରେ ପାନୀୟ ଜଳ ସୁବିଧା, ଚାଷୀଙ୍କ ପାଇଁ ଶୌଚାଳୟ, ପ୍ରତିକ୍ଷା କକ୍ଷ, ଲାଇଟ୍, ସିସିଟିଭି, ଡିଜିଟାଲ ଆଦ୍ରତା ମିଟର, ୱେଟ ବ୍ରିଜ, ବିଶ୍ଳେଷଣ କିଟ୍, ପଲିତାରପୋଲିନ ଆଦିର ବ୍ୟବସ୍ଥା କରାଯିବାକୁ ନିଷ୍ପତି ନିଆଯାଇଛି। ଚଳିତବର୍ଷ ୧୬,୫୦୪ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୬,୪୯୦ଜଣ ଚାଷୀଙ୍କ ଯାଞ୍ଚ କରାଯାଇଛି। ୭ହଜାର୨୯୭ଟି ଚାଷୀଙ୍କ ପ୍ଲଟକୁ ନେଇ ସନ୍ଦେହ ଉପୁଜିଛି। ସ୍ୱତନ୍ତ୍ର ଆପ୍ ଜରିଆରେ ଏହି ସନ୍ଦେହ ପ୍ଲଟର ତର୍ଜମା କରାଯିବ। ଏଫ୍ଏକ୍ୟୁ ମାନର ଧାନ ଉପରେ ଗୁରୁତ୍ୱ ଦିଆଯାଇଛି। ସାଧାରଣ ଧାନ କ୍ୱିଣ୍ଟାଲ ପିଛା ୨୩୦୦ଟଙ୍କା ଓ ଗ୍ରେଡ –ଏ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨୩୨୦ଟଙ୍କା ରହିଛି। ପି-ପାସ୍ ମାଧ୍ୟମରେ ଚାଷୀଙ୍କ ଧାନ କ୍ରୟ କରାଯିବ। ଚାଷୀଙ୍କ ପଞ୍ଜିକୃତ ମୋବାଇଲ ନମ୍ବରକୁ ଏସ୍ଏମ୍ଏସ୍ ପଠାଯିବ। ପ୍ରତି ୭ଦିନରେ ରିମାଇଣ୍ଡର ମେସେଜ୍ ପଠାଯିବାର ବ୍ୟବସ୍ଥା ରହିଛି। ୧୪ରୁ ୪୮ଘଣ୍ଟା ମଧ୍ୟରେ ଅନ୍‌ଲାଇନ ମୋଡରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଧାନ ବିକ୍ରିର ଟଙ୍କା ପଠାଯିବ। ଅନ୍ୟପଟେ ବିନା ଚାଷୀ ପ୍ରତିନିଧିରେ ବୈଠକ ହୋଇଥିଲା। ଏଥିରେ ରେଢାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାଏକ, ସମ୍ବଲପୁର ବିଧାୟକଙ୍କ ପ୍ରତିନିଧି ସମୀର ରଞ୍ଜନ ବାବୁ, କୁଚିଣ୍ଡା ବିଧାୟକଙ୍କ ପ୍ରତିନିଧି ବିଭୂତି କଲ୍ୟାଣ ପଟେଲ, ରେଙ୍ଗାଲି ବିଧାୟକଙ୍କ ପ୍ରତିନିଧି ଫଣିଭୂଷଣ ପଟ୍ଟନାୟକ, ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରଶେଖର ପଣ୍ଡା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଭାରପ୍ରାପ୍ତ ଯୋଗାଣ ଅଧିକାରୀ ବିରେନ୍ଦ୍ର ସୋରେଙ୍ଗଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ, ମିଲର୍ସ ପ୍ରତିନିଧି ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଜିଲ୍ଲାରେ ହକିର ଉନ୍ନତି ପାଇଁ ସମସ୍ତ ସହଯୋଗ କରାଯିବ : ଜିଲ୍ଲାପାଳ

ଝାରସୁଗୁଡ଼ା,(ସବ୍ୟୁ): ମଙ୍ଗଳବାର ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଅବୋଲି ସୁନିଲ ନରୱଣେ ତଥା ହକି ଆସୋସିଏସନର ସଭାପତିଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ହକି ଆସୋସିଏସନର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡିଶାରେ ଝାରସୁଗୁଡା ଜିଲ୍ଲା ପ୍ରଥମ କରି ୫-ଏ ସାଇଟ୍ ଜୁନିୟର ବାଳିକା ଆନ୍ତଃ ରାଜ୍ୟ ପ୍ରତିଯୋଗିତା ସଫଳତା ସହିତ ସଂପାଦନ କରି ବିଶେଷ ପରିଚୟ ସୃଷ୍ଟି କରଛି। ଜିଲ୍ଲାରେ କିପରି ତୁରନ୍ତ ହକି ଆଷ୍ଟ୍ରୋଟର୍ପ ପଡିଆର କାର୍ଯ୍ୟ ଶେଷ ହେବ ସେଥିପାଇଁ ଜିଲ୍ଲାପାଳ ଗୁରୁତ୍ୱ ପ୍ରଦାନ କରିଥିଲେ। ସ୍କୁଲରେ ପିଲା ମାନଙ୍କୁ ହକି ଖେଳ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ଜିଲ୍ଲା ହକି ଆସୋସିଏସନର ସଂପାଦକ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ କ୍ରୀଡା ଅଧିକାରୀ ତୁଷାରକାନ୍ତି ମିଶ୍ରଙ୍କୁ ନିର୍ଦ୍ଦେଶ ଦେବା ସହିତ ତୁରନ୍ତ ହକି ଆସୋସିଏସନର ଜମି କାର୍ଯ୍ୟ ଶେଷ କରିବା ପାଇଁ କହିଥିଲେ। ବୈଠକରେ ହକି ଆସୋସିଏସନର ଓଡିଶାର ଉପ-ସଭାପତି ଜୀବନ ମହାନ୍ତି ଜିଲ୍ଲାରେ ଥିବା ସରକାରୀ ଓ ବେସରକାରୀ ସ୍କୁଲ ମାନଙ୍କରେ ବାଳକ ଓ ବାଳିକା ମାନେ କିପରି ହକି ଖେଳରେ ଶିକ୍ଷା ଲାଭ କରିବେ ସେଥିପାଇଁ ଏକ ଯୋଜନା ଉପରେ ଆଲୋଚନା କରିଥିଲେ। ଗତ ୨୦୨୪ ମସିହା ୨୩ ତାରଖ ମାର୍ଚ୍ଚରେ ୮ ଦିନ ଧରି ହକି ଜାତୀୟ ପ୍ରଶିକ୍ଷକ ମାନଙ୍କ ଦ୍ୱାରା ୧୮୦ ଜଣ ୨୮ଟି ସ୍କୁଲର ବାଳକ ବାଳିକାଙ୍କୁ ଆବାସିକ ପ୍ରଶିକ୍ଷଣ ଦିଆଯାଇଥିଲା। ଚଳିତ ବର୍ଷ ମଧ ଜୁନ୨୦ ତାରିଖରୁ ପ୍ରଶିକ୍ଷଣ ଶିବିର କରାଯିବ। ଶ୍ରୀ ମହାନ୍ତି ଚଳିତ ୨୦୨୫-୨୦୨୬ବର୍ଷର ଖେଳସୂଚି ଉପସ୍ଥାପନ କରିଥିଲେ। ଜିଲ୍ଲାପାଳ ହକିର ଉନ୍ନତି ପାଇଁ ସମସ୍ତ ସାହାର୍ଯ୍ୟ ସହଯୋଗ ଦିଆଯିବ ବୋଲି ପ୍ରତିଶୃତି ପ୍ରଦାନ କରିଥିଲେ। ବୈଠକରେ ଝାରସୁଗୁଡା ଶିକ୍ଷା ଅଧିକାରୀ ରାଧାକାନ୍ତ ଗରତିଆ, ଭାରତୀୟ ହକି ଦଳର ପୂର୍ବତନ ମହିଳା ଦଳପତି ଶୁଭଦ୍ରା ପ୍ରଧାନ ଝାରସୁଗୁଡା ଜିଲ୍ଲା ପୂର୍ବତନ ଶିକ୍ଷା କ୍ରୀଡା ଅଧିକାରୀ ଡମ୍ବରୁଧର ପୁଜାରି,ବିଜୟ ବେହେରା, ପ୍ରଜ୍ଜଳ ପଟେଲ, ଅଶ୍ୱିନୀ ପାଣ୍ଡେ, ଗାୟତ୍ରୀ କିଶାନ ,ଶାନ୍ତି ନାୟକ.ରୀନା ରଶ୍ମି ତିର୍କୀ ,ମାନସ ଆଚାର୍ଯ୍ୟ,କ୍ଲେମେଣ୍ଟ ରୋନାଲଟ ,ଟହଲୁ ସାହୁ, ହେମନ୍ତ ପଟେଲ ଏସ.କେ ମିଞ୍ଜ, ଫ୍ରୁଫୁଲ କୁଲୁ, ଶକୁନ ନାୟକ, ସୁଜିତ ଲାକ୍ରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ଗଣେଷ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

# ନିଖୋଜ ମହିଳାଙ୍କ ମୃତଦେହ କୂଅରୁ ଉଦ୍ଧାର

କୋରାପୁଟ,(ସବ୍ୟୁ): ଗତ ତିନି ମାସ ପୂର୍ବେ ବାହା ହୋଇଥିବା ଜଣେ ମହିଳାଙ୍କ ମୃତଦେହକୁ ଗୋଟିଏ ପଥର କୂଅରୁ କୋରାପୁଟ ସଦର ଥାନା ପୁଲିସ ଉଦ୍ଧାର କରିଛି। ମୃତା ଜଣକ ମହାଦେଇପୁଟ ପଂଚାୟତର ବିଳାପୁଟ ଗାଁର ମହେନ୍ଦ୍ର ହନ୍ତାଳଙ୍କ ସ୍ତ୍ରୀ ସମାରୀ ପୁଜାରୀ(୧୯)। ମୃତା ଜଣକ ଗତ ତିନି ଦିନ ହେବ ନିଖୋଜ ଥିଲେ। ମଙ୍ଗଳବାର ସକାଳୁ ତାଙ୍କ ମର ଶରୀର ଗାଁ ନିକଟର କୂଅରୁ ଉଦ୍ଧାର ହୋଇଛି। ମରଶରୀରକୁ ଉଦ୍ଧାର କରି ଘଟଣାର ତଦନ୍ତ କରି ଶବ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିବା କହିଛନ୍ତି କୋରାପୁଟ ସଦର ଥାନା ଅଧିକାରୀ ରୁନୁ ମାଝୀ।

ଗତ ତିନି ମାସ ତଳେ ଏ.ମାଲକାନଗିରିର ସମାରୀଙ୍କୁ ବିଳାପୁଟର ମହେନ୍ଦ୍ର ବିବାହ କରିଥିଲେ। ଗତ ୨୬ତାରିଖ ଦିନ ରାତିରେ ସମାରୀ ଶୌଚ କରିବାକୁ ବାହାରିଥିଲେ। ତେବେ ସେବେ ଠାରୁ ସେ ଘରକୁ ଫେରି ନଥିଲେ। ସ୍ୱାମୀ ମହେନ୍ଦ୍ର ଗାଁରେ ବହୁ ଖୋଜାଖୋଜି କରିଥିଲେ ହେଁ ପାଇନଥିଲେ। ମାଲକାନଗିରି ଯାଇ ଶ୍ୱଶୁରଙ୍କ ଘରେ ଖୋଜିବା ସହ ଏସମ୍ପର୍କରେ ଜଣାଇଥିଲେ। କିନ୍ତୁ କିଛି ପତ୍ତା ନ ମିଳିବାରୁ ସୋମବାର କୋରାପୁଟ ସଦରଥାନାରେ ନିଖୋଜ ଏତଲା ଦେଇଥିଲେ। ସକାଳୁ ଗାଁ ନିକଟସ୍ଥ ଜମିରେ ଥିବା ପଥର କୂଅରୁ ସମାରିଙ୍କ ବାପା ପାଣି କାଢୁଥିବା ବେଳେ ମୁଣ୍ଡର କେଶ ଦେଖାଯାଇଥିଲା। ତାପରେ ମରଶରୀରଟି ଉପରକୁ ପଳାଇ ଆସିଥିଲା। ଏ ନେଇ ସଦରଥାନା ପୁଲିସକୁ ସୂଚନା ଦେବାରେ ପୁଲିସ ଘଟଣାସ୍ଥଳକୁ ଯାଇ କୂଅରୁ ମରଶରୀରକୁ ବାହାରକୁ କାଢ଼ି ପଂଚନାମା କରି ବ୍ୟବଚ୍ଛେଦ ପାଇଁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ଆଣିଥିଲେ। ଏଠାରେ ଶବ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ସଦରଥାନା ଅଧିକାରୀ କହିଛନ୍ତି।

# ଆତ୍ମସମର୍ପଣ କଲେ ୨୪ ମାଓବାଦୀ

## ୧୪ ଜଣ ନାମରେ ୨୯ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା

ମାଲକାନଗିରି,(ସବ୍ୟୁ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ପୋଲିସ ନିକଟରେ ୨୪ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ତନମଧ୍ୟରୁ ୧୧ ମହିଳା ମାଓବାଦୀ ରହିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରୁ ୧୪ ଜଣ ନାମରେ ୨୯ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା। ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ମାଓବାଦୀମାନେ ସଂଗଠନ ଛାଡି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି। ସଂଗଠନରେ ଚାଲିଥିବା ଭେଦଭାବ, ପୁଲିସର ଲଗାତାର ଆକ୍ରମଣରେ ମାଓ ଭୟଭୀତ ହୋଇଯାଇଛନ୍ତି। ମୃତ୍ୟୁ ଅପେକ୍ଷା ପରିବାର ସହ ଖୁସିରେ ରହିବାକୁ ଏମାନେ ପସନ୍ଦ କରିଥିଲେ। ଏଥିସହ ସରକାରଙ୍କ ଆତ୍ମସମର୍ପଣ ନୀତିରେ ପ୍ରଭାବିତ ହୋଇଥିବା ଏମାନେ କହିଥିଲେ। ସରକାରଙ୍କ ତରଫରୁ ସମସ୍ତ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ବିଭିନ୍ନ ଆତ୍ମନିର୍ଭରଶୀଳ ତାଲିମ ପ୍ରଦାନ କରାଯାଇ ଥଇଥାନ କରାଯିବ ବୋଲି ପୁଲିସ କହିଛି।

ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ହେଲେ ସୁଦୂର ହେମଲା(୩୩), କୋମଲି ମିଡିୟମ(୩୬), ଜୟମତି ପୁନେମ(୨୪), ସମନାଥ କୁଞ୍ଜାମ (୪୦), ଚେତ୍ତୁ କୁରସମ (୩୦), ବୁଚି ମାଡ଼ବି(୨୫), ସୁଖମତି ଓର୍ଷା(୨୮), ଷୋମଲି ହେମଲା(୪୫), ବୁଜ୍ଜି ପଦମ(୨୦), ସାଙ୍କୋ ପୁନେମ(୨୮), ହିଡ଼ମେ ବେଙ୍କୋ (୨୨), ସୋନିକୋସ (୩୦), ଲଛ୍ଛା ତାତି (୨୫), ମଙ୍ଗୁ ପୁନେମ (୨୧), ଆଇତୁ କୋରସା (୪୫), ଆଇତୁ କାବାସୀ (୪୦), ମହେଶ ମାଡ଼ବି (୨୯), ରୋନି ତାତି (୨୪), ସନ୍ତୁ କାବାସୀ (୩୦), ତୁଲସୀ ପୁନେମ(୨୨), ସନକୁ କାବାସୀ (୩୯), ଜଗୁ କୁରସାମ (୩୦), ମନକୁ ରାମ (୨୨) ଏବଂ ପାଇକୁ ହେମଲା(୩୨)।

# କୋମନା ବ୍ଲକ୍‌ରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି



ନୂଆପଡା,(ସବ୍ୟୁ): କୋମନା ବ୍ଲକ୍ ସଭାଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୮୮ ଟି ଅଭିଯୋଗର ଶୁଣାଣି ହୋଇଥିଲା। ଏଥିରୁ ୬୮ ଟି ବ୍ୟକ୍ତିଗତ ୨୦ ଟି ଗୋଷ୍ଠୀଗତ ଅଭିଯୋଗ ସମ୍ବନ୍ଧୀୟ ଥିଲା। ଏହି ସବୁ ସମସ୍ୟାର ଅତିଶିଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କ ସହିତ ଜିଲ୍ଲା ଏସପି ଜି ଆର୍ ରାଘବେନ୍ଦ୍ର,ବନଖଣ୍ଡ ଅଧିକାରୀ ଖରିଆର ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ,ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଗୁରୁ ପ୍ରସାଦ ଜେନା, ଜିଲ୍ଲା ପରିଷଦ ସଦସ୍ୟ ଅବନୀ ରଞ୍ଜନ ଯୋଷୀ,ବ୍ଲକ୍ ଅଧକ୍ଷା ଅନୁସୁୟା କୁମ୍ଭାର, ବ୍ଲକ୍ ଉପାଧ୍ୟକ୍ଷ ଜୟଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କୋମନା ବିଡ଼ିଓ ବିନୟ ଭୋଇ, ତହସିଲଦାର ପ୍ରୟାଶୀ ପ୍ରଧାନ,ଡେପୁଟି କଲେକ୍ଟର ଶେଖ୍ ନସିମ, ଏ ବିଡ଼ିଓ ଭକ୍ତବନ୍ଧୁ ବୁଡେକ୍ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏଠାରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଯନ୍ତ୍ରୀ, ଲାଇନ୍ ବିଭାଗ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ ଏବଂ ବିଭିନ୍ନ ଗଣ ମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ। ଏହି ଅବସରରେ ଅଭିଯୋଗ ଶିବିର ପରିସରରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିରର ଆୟୋଜନ ହୋଇଥିଲା।

# ଜୟପାଟଣାରେ ମଶାରୀ ବଣ୍ଟନ

ଜୟପାଟଣା,(ସବ୍ୟୁ): ଜୟପାଟଣା ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅଫିସ ପରିସରରେ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରୀ ବଣ୍ଟନର ଉଦ୍ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜୟପାଟଣା ଗୋଷ୍ଠୀ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼. ସୁଭ୍ରଜିତ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରି, ମୁଖ୍ୟ ବକ୍ତା ସାଂସଦ ପ୍ରତିନିଧି ଗଙ୍ଗାଧର ମାଝୀ, ସମ୍ମାନିତ ଅତିଥି ଜୟପାଟଣା ଏ ବିଡ଼ିଓ ବିଶ୍ୱନାଥ ରାଉତ, ସ୍ଥାନୀୟ ସରପଞ୍ଚ ଇପ୍ସିତା ପଣ୍ଡା ପ୍ରମୂଖ ଉପସ୍ଥିତ ଥିଲେ। ମେଲେରିଆ ଓ ଡେଙ୍ଗୁ ଭଳି ମଶା ବାହିତ ରୋଗରୁ ରକ୍ଷା ପାଇବାକୁ ହେଲେ ଶୋଇବା ବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଉଥିବା ଔଷଧ ବୋଳା ମଶାରୀ ବ୍ୟବହାର କରିବା ବୋଲି ଅତିଥି ମାନେ ଲୋକଙ୍କୁ ବୁଝାଇବା ସହ ହିତାଧିକାରୀ ମାନଙ୍କୁ ମଶାରୀ ବଣ୍ଟନ କରାଯାଇଥିଲା। ଜୟପାଟଣା ସିଏଚସିର ଜନସ୍ୱାସ୍ଥ ସମ୍ପ୍ରସାରଣ ଅଧିକାରିଣୀ ଭୋବେନ୍ଦ୍ର ସିଂ ମାଝୀ, ବିପିଏମ ପ୍ରତାପ ବରାଳ, ଭିବିଡିଟିଏସ ଅନିଲ ମହାପାତ୍ର, ସମେତ ସ୍ଥାନୀୟ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ କର୍ମି, ଆଶା କର୍ମି ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ରାଜଗାଙ୍ଗପୁରରେ ଫୁଟିଲା ଗୁଳି

ସୁନ୍ଦରଗଡ଼,(ସବ୍ୟୁ): ରାଜଗାଙ୍ଗପୁରରେ ମଙ୍ଗଳବାର ଅପରାହ୍ଣରେ ଗୁଳିଫୁଟି ଜଣେ ଯୁବକ ଆହତ ହୋଇଛନ୍ତି। ଆହତ ବ୍ୟକ୍ତିଙ୍କର ଚିକିତ୍ସା ପାଇଁ ରାଉରକେଲା ସ୍ଥାନାନ୍ତରିତ କରାଯାଇଛି। କିଛି ସାଙ୍ଗ ବନ୍ଧୁକ ଧରି ମସ୍ତି କରୁଥିବାବେଳେ ଏଭଳି ଅଭାବନୀୟ ଘଟଣା ଘଟିଥିବା କୁହାଯାଉଛି। ଆହତ ବ୍ୟକ୍ତି ହେଲେ ମହମ୍ମଦ ସମସେର (୨୧)। ଅପରାହ୍ଣ ଅଢ଼େଇଟାରେ ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ସହରର ବାଣ୍ଟୁପଡା ଠାରେ କିଛି ଯୁବକ ଏକତ୍ର ହୋଇ ନିଶା ସେବନ କରିବା ପରେ ବନ୍ଧୁକ ଟ୍ରାଏଲ କରୁଥିଲେ। ଏହି ସମୟରେ ଅସାବଧାନତା କାରଣରୁ ବନ୍ଧୁକରୁ ଗୁଳିଫୁଟିଥିଲା। ଆହତ ଜଣକ ଇଦଗା ମହଲ୍ଲାର ମହମ୍ମଦ ସମସେର। ତାଙ୍କର ହାତରେ ଗୁଳିଚୋଟ ଲାଗିଛି। ଦୁଇ ରାଉଣ୍ଡ ଗୁଳି ଫୁଟିଥିବା ସୂଚନା ମିଳିଛି। ତେବେ ଯୁବକମାନେ କେଉଁ କାମରେ ସଂପୃକ୍ତ ହେବା ପାଇଁ ବନ୍ଧୁକ ଧରି ମସ୍ତି କରୁଥିଲେ ତାହା ଜଣାପଡ଼ି ନାହିଁ। ଯୁବକମାନେ କୌଣସି ହିଂସା କାମ ପାଇଁ ଯୋଜନା କରୁଥିଲେ କି ବୋଲି ପ୍ରଶ୍ନ ହୋଇଛି। ପୁଲିସ ତଦନ୍ତ ପରେ ଘଟଣା ସାମ୍ନାକୁ ଆସିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

# ଗୋଡ଼ଭଗା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଯୋଗଦେଲେ ଉପମୁଖ୍ୟମନ୍ତ୍ରୀ



ବରଗଡ଼,(ସବ୍ୟୁ): ବରଗଡ଼ ଜିଲା ଅତାବିରା ବ୍ଲକ ତଥା ସମ୍ବଲପୁର ଜିଲା ସୀମାନ୍ତ ଗୋଡ଼ଭଗାଠାରେ ଗତ ୨୪ ତାରିଖରୁ ଚାଲିଥିବା ନବ ନିର୍ମିତ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ମହୋତ୍ସବର ଏପ୍ରିଲ ୨୮ ତାରିଖ ସୋମବାର ୫ମ ଦିବସରେ ଓଡ଼ିଶାର ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଯୋଗ ଦେଇଥିଲେ। ସୋମବାର ରାତ୍ର ୮ ଟା ୩୬ ମିନିଟ ସମୟରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂଦେଓ ଗୋଡ଼ଭଗା ପହଞ୍ଚିବା ପରେ ପ୍ରଥମେ ନବ ନିର୍ମିତ ଜଗନ୍ନାଥ ମନ୍ଦିରକୁ ଯାଇ ଯଜ୍ଞ ମଣ୍ଡପରେ ପ୍ରଭୁଙ୍କ ଦର୍ଶନ କରିଥିଲେ। ମନ୍ଦିର ବୁଲି ଦେଖିବା ପରେ ମୁରାସୁର ଦରବାର ମଞ୍ଚକୁ ପହଞ୍ଚି ଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଙ୍ଗାଲି ପୂର୍ବତନ ବିଧାୟକ ନାଉରି ନାୟକ, ଶିକ୍ଷାବିତ ବିନୋଦ ଦାଶ ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ। ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ କମିଟି ଅଧକ୍ଷ ସୁନୀଲ ମିଶ୍ର ସଭାକୁ ସଭାପତିତ୍ୱ କରିଥିଲେ।

ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବର ପଞ୍ଚମ ଦିବସରେ ଯଜ୍ଞ ମଣ୍ଡପରେ ଶତ ଉପଚାର ପୂଜନ,ପ୍ରାସାଦ ନ୍ୟାସ, ସିଂହାସନ ପ୍ରତିଷ୍ଠା, ଅଷ୍ଟଶିଳା ପୋତନ,ପ୍ରାଣପ୍ରତିଷ୍ଠା, ବିଷ୍ଣୁ ଗାୟତ୍ରୀ ଏବଂ ସପ୍ତଶତୀ ଚଣ୍ଡୀ ଯାଗ ପୂଜା କାର୍ଯ୍ୟ ସମ୍ପର୍ଣ୍ଣ ହୋଇଛି। ଅନ୍ୟ ପଟେ ସାଂସ୍କୃତିକ ମଞ୍ଚରେ ସେରେନ୍ଦ୍ରୀ ଜାଲ ,ତାମ୍ବିମୁଣ୍ଡା, ଓ କସ୍ତୁରୀ କିସାନ, ମୁଣ୍ଡକାଟିର ମହିଳା ସଂକୀର୍ତ୍ତନ ଏବଂ ମୁରାସୁର ଦରବାରରେ ସନ୍ଧ୍ୟାରେ ପୌରାଣିକ କଥାବସ୍ତୁ ଉପରେ ଆଧାରିତ ମୁରାସୁର ନାଟକ, ସିଦ୍ଧେଶ୍ୱର ସଙ୍ଗୀତ ସନ୍ଧ୍ୟା ଭଜନ ଗ୍ରୁପ ଭଜନ ସମାରୋହ ପରିବେଷଣ କରାଯାଇଥିଲା।

# ଚପଟ୍ ଖଣ୍ଡା : ସମସ୍ୟା ଅନେକ ସମାଧାନର ବାଟ ଫିଟୁନି

ନର୍ଲା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକର ନର୍ଲା ପଞ୍ଚାୟତ ନିକଟସ୍ଥ ଚପଟ୍ ଖଣ୍ଡା ସାରା ଜିଲ୍ଲା ତଥା ରାଜ୍ୟର ଚର୍ଚ୍ଚା ଜୋର୍ ଧରିଛି। ଏହି ସ୍ଥାନର ରେଲ୍ ଡବା ମରାମତି କାରଖାନା ହେବା ପାଇଁ ଜୋର୍ ସୋର୍ ରେ କାର୍ଯ୍ୟ ଚାଲିଛି। ଏହି ଚପଟ୍ ଖଣ୍ଡା ଠାରେ ଦୀର୍ଘ ଦିନ ହେଲା ଜବାହାର ନବୋଦୟ ବିଦ୍ୟାଳୟ ଗଢ଼ି ଉଠିଛି। ଏଠାରେ ଅନେକ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି। ବର୍ତ୍ତମାନ ଆଦର୍ଶ ବିଦ୍ୟାଳୟରେ ଏକ ଛାତ୍ରୀ ନିବାସ ନିର୍ମାଣ ସରିବା ପରେ ସେଠାରେ ଅନେକ ଛାତ୍ର ଛାତ୍ରୀ ନିବାସରେ ରହୁଛନ୍ତି। ପୁଣି ଉକ୍ତ ଚପଟ ଖଣ୍ଡାରେ ମହା ବିଦ୍ୟାଳୟ ଗୃହ ନିର୍ମାଣ ଚାଲିଛି। ଯାହାକି କିଛି ବର୍ଷ ପରେ ଛାତ୍ର ଛାତ୍ରୀ ମାନେ ଅଧ୍ୟୟନ କରିବେ, ପୁଣି ଆଉ କେତେ ସରକାରୀ କାର୍ଯ୍ୟ ଲୟ ଉକ୍ତ ଚପଟ୍ ଖଣ୍ଡା ରେ ହେବାର ଆଶଙ୍କା ଅଛି। ହେଲେ ଉକ୍ତ ଚପଟ୍ ଖଣ୍ଡା ଯିବାକୁ କୌଣସି ଭଲ ରାସ୍ତା ଖଣ୍ଡେ ନାହିଁ। ସପ୍ତାହକୁ ଶହ ଶହ ବାଇକ୍, ଚାରିଚକିଆ ଯାନ ବାହାନ ଦ୍ୱାରା ଅଭିବାବକ , ନବୋଦୟ ବିଦ୍ୟାଳୟକୁ ଯିବା ଆସିବା କରିଥାନ୍ତି। ଉକ୍ତ ରାସ୍ତାର ଅବସ୍ଥା ଠିକ୍ ନଥିବାରୁ ଅନେକ ଘଟଣା ଦୁର୍ଘଟଣା ଦେଖିବାକୁ ମିଳିଥାଏ। ଏହି ରାସ୍ତା ଦେଇ ଆଦର୍ଶ ବିଦ୍ୟାଳୟକୁ ପାଠ ପଢି ପାଇଁ ଦୈନନ୍ଦିନ ଶହ ଶହ ଛାତ୍ର ଛାତ୍ରୀ ଉକ୍ତ ରାସ୍ତା ଦେଇ ଯିବା ଆସିବା କରିଥାନ୍ତି କିନ୍ତୁ ରାସ୍ତାର ଅବସ୍ଥା ଅତି ଦୟନୀୟ ଥିବାରୁ ଛାତ୍ର ଛାତ୍ରୀ ମାନେ ଅକଥନୀୟ ଦୁର୍ଦ୍ଦଶା ଭୋଗିବା ସହ ଛୋଟ ବଡ଼ ଦୁର୍ଘଟଣା ଘଟିବାର ଲାଗିଛି। ଆଜିକୁ ପ୍ରାୟ ଦଶ ବର୍ଷ ହେଲା ଏହି ଚପଟ୍ ଖଣ୍ଡା ନବୋଦୟ ବିଦ୍ୟାଳୟ ରାସ୍ତା ସୁଧୁରିବାର ନାଁ ଗନ୍ଧ ଧରୁ ନାହିଁଛ ପୁଣି ଏହି ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ଖୋଦ୍ କଳାହାଣ୍ଡି ଜିଲ୍ଲାପାଲ୍ ଥିବା ବେଳେ ଏହି ଜୀବନ ମରଣ ସହ ଖେଳୁଥିବା ରାସ୍ତା ସୁଧୁରୁନଥିବା ବେଶ୍ ବୁଦ୍ଧଜୀବୀକୁ ଆଶ୍ଚର୍ଯ୍ୟ କରିଦେଇଛି। ପୁଣି ମୁଖ୍ୟ ସମସ୍ୟା ହେଲା ମୋବାଇଲ୍ ଟାୱାର କଛି ବର୍ଷ ହେଲା ଏକ ମୋବାଇଲ୍ ଟାୱାର ନିର୍ମାଣ କରାଯାଇଛି। କିନ୍ତୁ କାମରେ ଆସୁନଥିବା ଅଭିଯୋଗ ହେଉଛି। ନାମକୁ ମାତ୍ର ମୋବାଇଲ୍ ଟାୱାର ଥିବା ବେଳେ ନବୋଦୟ ଓ ଆଦର୍ଶ ବିଦ୍ୟାଳୟରେ ଟାୱାର ଆସୁନଥିବା ଜଣା ପଡ଼ିଛି। ଏହି ମୋବାଇଲ୍ ଟାୱାର ସମସ୍ୟା ଯୋଗୁଁ ପଢୁଥିବା ଛାତ୍ର ଛାତ୍ରୀଙ୍କ କିଛି ସମସ୍ୟା ଲାଗି ରହିଛି। ଥାନା, ମେଡିକାଲ, ଭଳି ଗୁରୁ ବିଭାଗକୁ ଯୋଗା ଯୋଗ ସମ୍ଭବ ହୋଇ ପାରୁ ନ ଥିବା ଆଦର୍ଶ ବିଦ୍ୟାଳୟ ଅଧକ୍ଷ ଅନୁପମା ଦେହୁରୀ ପ୍ରକାଶ କରିଛନ୍ତି।

ପ୍ରକାଶ ଥାଉକି ଯେ, ନବୋଦୟ ବିଦ୍ୟାଳୟ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଠାରେ ହାରାହାରି ୧୦୦୦ରୁ ଊର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଅଧ୍ୟୟନ କରନ୍ତି। ଏମାନଙ୍କ କିଛି ସମସ୍ୟା ଦେଖାଦେଲେ ଶୀଘ୍ର ସମାଧାନ ହେବା ପରିବର୍ତ୍ତେ ଯୋଗା ଯୋଗ ସମସ୍ୟା ଯୋଗୁଁ ବ୍ୟାଘାତସୃଷ୍ଟି ହେଇଥାଏ। ଯାହାକି ଶିକ୍ଷା ବିଭାଗ ଉପରେ ବିପତି ପଡ଼ିଥାଏ। ଏହାର ଆସୁ ସମାଧାନ କରିବା ପାଇଁ ଜିଲ୍ଲାପାଲ୍ ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ଅଭିଭାବକ ମାନେ ଜଣାଇଛନ୍ତି। ପୁଣି ଏହି ନବୋଦୟ ବିଦ୍ୟାଳୟ ଓ ଆଦର୍ଶ ବିଦ୍ୟାଳୟ ବଣ ଜଙ୍ଗଲ ଘେରାରେ ଥିବାରୁ ଅନେକ ସମୟରେ ହିଂସ୍ର ଜୀବଜନ୍ତୁ ମାନେ ଉକ୍ତ ରାସ୍ତା ଦେଇ ଯିବା ଆସିବା କରିଥାନ୍ତି ଯାହାକି ଛାତ୍ର ଛାତ୍ରୀ ମାନଙ୍କ ପାଇଁ ବିପଦର ସମସ୍ୟା ଦେଖା ଦେଉଛି। ସନ୍ଧ୍ୟା ସମୟରେ ସେହି ରାସ୍ତା ଦେଇ ହାତୀ ପଲ ଭଳି ହିଂସ୍ର ଜନ୍ତୁ ମାନେ ଯିବା ଆସିବା କରିଥାନ୍ତି। ଯାହାକି ଯୋଗାଯୋଗ ଅଭାବରୁ କୌଣସି ଜଙ୍ଗଲ ବିଭାଗ କିମ୍ବା ପୋଲିସ୍ ମାନଙ୍କୁ ଖବର ପହଞ୍ଚିବାରେ ବିଳମ୍ବ ହୋଇଥାଏ। ଏହି ଦୁଇ ପୁରତାନ ବିଦ୍ୟାଳୟକୁ ଘୋର ବିପତ୍ତି ମାଡ଼ି ଥାଏ। ଏହି ସମସ୍ୟାର ସମାଧାନ ପ୍ରତି କଳାହାଣ୍ଡି ଜିଲ୍ଲାପାଳ ତଥା ସ୍ଥାନୀୟ ବିଧାୟିକା ମନୋରମା ମାହାନ୍ତି ସ୍ୱତନ୍ତ୍ର ଦୃଷ୍ଟି ଦେଲେ ଶହ ଶହ ଛାତ୍ର ଛାତ୍ରୀ ମାନଙ୍କ ରାସ୍ତା, ମୋବାଇଲ୍ ଓ ହିଂସ୍ର ଜୀବଜନ୍ତୁ ଠାରୁ ସମସ୍ୟା ଦୁର ହୋଇ ପାରନ୍ତା ବୋଲି ବୁଦ୍ଧଜୀବୀ ମହଲରେ ଚର୍ଚ୍ଚା ହେଉଛି।

# ଗ୍ରାଉଣ୍ଡ ଜିରୋରେ ପହଞ୍ଚି ଲୋକଙ୍କ ଅସୁବିଧା ବୁଝିଲେ ଜିଲ୍ଲାପାଳ

ପଦ୍ମପୁର,(ସବ୍ୟୁ): ବରଗଡ ଜିଲ୍ଲା ପଦ୍ମପୁର ଉପଖଣ୍ଡ ଗାଇସିଲେଟ ବ୍ଲକ୍ କାର୍ଯ୍ୟାଳୟରେ ସୋମବାର ମିଳିତ ଜନ ଅଭିଯୋଗ ଶୁଣାଣୀ ପରେ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ୍ ବିଜେପୁର ପଦ୍ମପୁର ଭାୟା ଗୁଦେରପାଲି ରାସ୍ତାରେ ଦୀର୍ଘ ଦିନରୁ ଲାଗିରହିଥିବା ସମସ୍ୟାର ଗ୍ରାଉଣ୍ଡ ଜିରୋକୁ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରଥମେ ତେଳମହୁଲ ଠାରେ ଥିବା ରାସ୍ତାର ବୁଲାଣି ଯାହାକି ଦୀର୍ଘ ଦୁଇବର୍ଷ ହେବ ବରଗଡ଼ ଜିଲ୍ଲାର ଦୁର୍ଘଟଣାର ହବ ପାଲଟି ଲୋକଲୋଚନରେ ରହିଆସିଛି ସେହି ସ୍ଥାନକୁ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ବେଲମୁଣ୍ଡା ଠାରେ ରୟତି ଜମି ହେତୁ ରାସ୍ତା ନିର୍ମାଣ କାମ ହୋଇ ପାରୁନଥିବା ଅଂଶକୁ ଦେଖିଥିଲେ। ସେହିପରି ଗୁଦେରପାଲି ବସଷ୍ଟାଣ୍ଡର ରାସ୍ତା କଡ଼ରେ ଏକ ମାସ ହେବ କଟା ହୋଇ ପଡିରହିଥିବା ବିରାଟ ଲିମ୍ବୁ ଗଛକୁ ହଟାଇବା ପାଇଁ ଓବିସିସି କମ୍ପାନୀକୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ନୂତନ ଭାବରେ ନିର୍ମାଣ ହେଉଥିବା ଗୁଦେରପାଲି ଘେଁସାଳି ନଦୀ ବ୍ରିଜର ଉଭୟ ପଟକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣର ସ୍ଥିତି ଅନୁଧ୍ୟାନ କରି ତୁରନ୍ତ କାମ ସାରିବା ପାଇଁ ନିର୍ମାଣଧିନ କମ୍ପାନୀକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ସହିତ,ପୂର୍ତ୍ତବିଭାଗର ଅଧିକାରୀ ଏବଂ ଓଡ଼ିଶା ସେତୁ ନିର୍ମାଣ ନିଗମ ଲିମିଟେଡ(ଓବିସିସି) କମ୍ପାନୀର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଚାଷୀନେତା କିଶୋର ଚନ୍ଦ୍ର ଦେବତାଙ୍କ ଅଭିଯୋଗରେ ଏହି କାର୍ଯ୍ୟକ୍ରମ ହୋଇ ଥିବା ବେଳେ ମୁକେଶ ମୁରାରୀ କେଡିଆ ଓ ଜାମୁଟପାଲି ଗାଁର ଗୌନ୍ତିଆ ଶୁକ୍ରୁ ମାଝୀ ଉପସ୍ଥିତ ଥିଲେ।

(ଶ୍ରୀମଦ୍ଭଗବଦ୍ ଗୀତା ୧୪/୨୫)
-କ୍ଷେତ୍ର-ଗୁଣତ୍ରୟ ବିଭାଗଯୋଗଃ-
(ଶ୍ରୀଭଗବାନୁବାଚ)
ମାନାପମାନୟୋସ୍ତୁଲ୍ୟସ୍ତୁଲ୍ୟୋ ମିତ୍ରାରିପକ୍ଷୟୋଃ ।
ସର୍ବାରମ୍ଭପରିତ୍ୟାଗୀ ଗୁଣାତୀତଃ ସ ଉଚ୍ୟତେ ।।୨୫।।
ଯେ ମାନ ଓ ଅପମାନରେ ସମଜ୍ଞାନୀ, ଶତ୍ରୁ ଓ ମିତ୍ର ପକ୍ଷରେ ସମବୁଦ୍ଧି ଏବଂ ସବୁ ପ୍ରକାର କର୍ମର ଉଦ୍ୟମପରିତ୍ୟାଗୀ, ତାହାଙ୍କୁ ଗୁଣାତୀତ ବୋଲାଯାଏ ।।୨୫।।

# ଭାରତ ପ୍ରତି ବିଶ୍ୱର ସହାନୁଭୂତି

ସମ୍ପାଦକୀୟ

ଗତ ୨୨ ତାରିଖରେ କାଶ୍ମୀରର ପହଲଗାମଠାରେ ପାକିସ୍ତାନୀ ଆତଙ୍କବାଦୀମାନଙ୍କ ଦ୍ୱାରା ନୀରିହ ଭାରତୀୟ ଓ ଜଣେ ନେପାଳୀ ପର୍ଯ୍ୟଟକଙ୍କ ଉପରେ ଗୁଳି ବର୍ଷଣ କରି ଅତି ବର୍ବରୋଚିତ ଭାବେ ସେମାନଙ୍କୁ ହତ୍ୟା କରିବା ଘଟଣାରେ ଭାରତ ପ୍ରତି ବିଶ୍ୱର ବିଭିନ୍ନ ରାଷ୍ଟ୍ର ସମବେଦନା ଜ୍ଞାପନ କରି ଆସୁଛନ୍ତି । ତଦ୍ୱାରା ଭାରତର ମର୍ଯ୍ୟାଦା ବୃଦ୍ଧି ପାଇଛି । ସେମାନେ ପାକିସ୍ତାନର ଏତାଦୃଶ କାର୍ଯ୍ୟକୁ ମଧ୍ୟ ନିନ୍ଦା କରିଛନ୍ତି । ଭାରତରେ ବିରୋଧୀ ଦଳ ମଧ୍ୟ ଭାରତର ଆତଙ୍କବାଦୀଙ୍କ ବିରୋଧରେ ସରକାର ନେଉଥିବା ଦୃଢ଼ କାର୍ଯ୍ୟାନୁଷ୍ଠାନ ପ୍ରତି ସମର୍ଥନ ଜଣାଇଛନ୍ତି । ଏପରିକି ଜମ୍ମୁ-କାଶ୍ମୀର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନରେ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା କହିଛନ୍ତି ଯେ ଏପରି ଘଟଣାରୁ ଫାଇଦା ଉଠାଇବାକୁ କେହି ଉଦ୍ୟମ ନ କରନ୍ତୁ । ଜମ୍ମୁ-କାଶ୍ମୀରକୁ ରାଜ୍ୟର ମାନ୍ୟତା ଦେବା ପାଇଁ ସେ ଯେଉଁ ସ୍ୱର ଉତ୍ତୋଳନ କରିଥାନ୍ତେ, ସେଥିପାଇଁ ସେ ଦୁଃଖ ପ୍ରକାଶ କରିଛନ୍ତି । ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟ ଏହି ଘଟଣାରେ ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟକଳାପକୁ ନିନ୍ଦା କରିବା ସହିତ ଅପରାଧୀମାନଙ୍କୁ ଧରିବା ପାଇଁ ଭାରତ ଉଦ୍ୟମ ଜାରି ରଖିବାକୁ ପ୍ରବର୍ତ୍ତାଇଛି । ଉଭୟ ରାଷ୍ଟ୍ର ଯେପରି ଆଣବିକ ଯୁଦ୍ଧ ଆଡକୁ ନ ମୁହାଁଇବେ ସେଥିପାଇଁ ମଧ୍ୟ ଆମେରିକା ନିବେଦନ କରିଛି । ଏପରି ବିପଦ ସମୟରେ ଆମେରିକା ଭାରତ ସାଙ୍ଗରେ ରହିଥିବା କଥା ସ୍ୱୀକାର କରିଛି ।

ଭାରତ ଓ ଆଫଗାନିସ୍ତାନରେ ତାଲିବାନ ସରକାର ମଧ୍ୟରେ ସୁସଂପର୍କ ରହଆସିଛି । ଆଫଗାନୀସ୍ତାନର କାର୍ଯ୍ୟନିର୍ବାହୀ ବୈଦେଶିକ ମନ୍ତ୍ରୀ ମାଓଲାଭି ଅମିର ଖାଁ ମୁତ୍ତାକି ନିକଟରେ ଭାରତର ପ୍ରତିନିଧି ଦଳଙ୍କ ସହ ଆଲୋଚନା ସମୟରେ ପାକିସ୍ତାନୀ ଆତଙ୍କବାଦୀ କାର୍ଯ୍ୟକଳାପକୁ ତୀବ୍ର ଭାବେ ନିନ୍ଦା କରିଛନ୍ତି । ଆତଙ୍କବାଦୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମଧ୍ୟ ସେ କହିଛନ୍ତି । ଜାତିସଂଘ ବା ୟୁ.ଏନ.ର ନିରାପତ୍ତା ପରିଷଦ ମଧ୍ୟ କାଶ୍ମୀରର ଏହି ଆତଙ୍କବାଦୀ କାର୍ଯ୍ୟକଳାପର ଘୋର ନିନ୍ଦା କରିବା ସହିତ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଅର୍ନ୍ତଜାତୀୟ ସହଯୋଗ କାମନା କରିଛନ୍ତି । ଭାରତ ଓ ନେପାଳର ଯେଉଁମାନେ ପ୍ରାଣ ହରାଇଲେ, ସେମାନଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମଧ୍ୟ ନିରାପତ୍ତା ପରିଷଦ ସମବେଦନା ଜ୍ଞାପନ କରିଛନ୍ତି ।

ଭାରତ ସରକାରଙ୍କ ପ୍ରତି ସମବେଦନାର ସୁଅ ଛୁଟି ଚାଲିଛି । ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଆଣ୍ଟୋନୀ ଆଲବାନିଜ ଏହି ଆତଙ୍କବାଦୀ କାର୍ଯ୍ୟକଳାପର ଦୃଢ଼ ନିନ୍ଦା କରିବା ସଙ୍ଗେ ସଙ୍ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଟେଲିଫୋନରେ କଥା ହୋଇଥିଲେ । ଶୋକସନ୍ତପ୍ତ ପରିବାରବର୍ଗଙ୍କ ଉଦ୍ଦେଶ୍ୟରେ ସେ ଗଭୀର ସମବେଦନା ଜଣାଇଥିଲେ । ଭାରତର ଏହି ବିପତ୍ତି ସମୟରେ ଅଷ୍ଟ୍ରେଲିଆ ଭାରତ ପଛରେ ଠିଆ ହୋଇ ଭାରତକୁ ସମର୍ଥନ କରୁଛି ବୋଲି ପ୍ରଧାନମନ୍ତ୍ରୀ ଆଣ୍ଟୋନୀ କହିଛନ୍ତି ।

ୟୁନାଇଟେଡ଼ ଆରବ ଏମିରେଟସ୍ ମଧ୍ୟ ଦୃଢ଼ଭାବେ କାଶ୍ମୀରର ଏହି ଆତଙ୍କବାଦୀ କାର୍ଯ୍ୟକଳାପର ନିନ୍ଦା କରିଛନ୍ତି ।

ଜାପାନର ବୈଦେଶିକ ମନ୍ତ୍ରୀ ଇୱାଆ ତାକେଶୀ ମଧ୍ୟ ଏହି ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ ନିନ୍ଦା କରିବା ସଙ୍ଗେ ସଙ୍ଗେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ଉଦ୍ଦେଶ୍ୟରେ ଗଭୀର ସମବେଦନା ଜ୍ଞାପନ କରିଛନ୍ତି ।

ଭାରତ ପ୍ରତି ଆହୁରି ଅନେକ ରାଷ୍ଟ୍ର ଏପରି ଘଟଣାରେ ସମବେଦନା ଜ୍ଞାପନ କରିବା ସଙ୍ଗେ ସଙ୍ଗେ ଆତଙ୍କବାଦୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରିଛନ୍ତି । ଶାନ୍ତି ଓ ଅହିଂସା ନୀତିରେ ଭାରତ ଦୃଢ଼ ରହିଥିବା ଯୋଗୁଁ ଭାରତ ପ୍ରତି ବିଭିନ୍ନ ରାଷ୍ଟ୍ରର ସହାନୁଭୂତି ମିଳୁଛି ଏବଂ ପାକିସ୍ତାନ ଏଥିରୁ ଶିକ୍ଷା ଲାଭ କରିବା ଉଚିତ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଅକ୍ଷୟ ତୃତୀୟାର ଅକ୍ଷୟ ମୁଠି



ଡକ୍ଟର ଲକ୍ଷ୍ମଣ ସାହୁ

ହିନ୍ଦୁ ଧର୍ମର ଅନ୍ୟତମ ପବିତ୍ର ପର୍ବ ଅକ୍ଷୟ ତୃତୀୟା । ଏହି ଦିନ ପ୍ରତ୍ୟେକ ଭାରତୀୟଙ୍କ ଘରେ ଘରେ ଏହି ପର୍ବ ବଡ଼ ଧୂମଧାମରେ ପାଳନ କରାଯାଏ । ଅକ୍ଷୟ ତୃତୀୟାକୁ ମା' ଲକ୍ଷ୍ମୀଙ୍କ ଦିନ ବୋଲି ବିବେଚନା କରାଯାଇଛି । ସେଥିପାଇଁ ଏହି ଦିନକୁ ସବୁଠାରୁ ଅଧିକ ଶୁଭ ବୋଲି କୁହାଯାଏ । ଏହି ଦିନ ବିବାହ, ନିର୍ବନ୍ଧ, ଗୃହ ପ୍ରବେଶ ସମେତ ସମସ୍ତ ପ୍ରକାର ଶୁଭ ମାଙ୍ଗଳିକ କାର୍ଯ୍ୟ କରାଯାଇଥାଏ । ଲୋକ ବିଶ୍ୱାସ ଅଛି ଯେ ଅକ୍ଷୟ ତୃତୀୟାରେ ସୁନା ଓ ରୂପା କିଣିବା ଦ୍ୱାରା ଘରକୁ ସୁଖ ସମୃଦ୍ଧି ଆସିଥାଏ । ଏହି ଦିନ ନୂତନ କାର୍ଯ୍ୟାରମ୍ଭ କରିବାରେ ମଧ୍ୟ ଜୀବନରେ ଅନେକ ସଫଳତା ମିଳିଥାଏ । ଅକ୍ଷୟ ତୃତୀୟା ଦିନ କିଛି ବାସ୍ତୁ ନିୟମ ପାଳନ କରିବା ଦ୍ୱାରା ମା' ଲକ୍ଷ୍ମୀ ପ୍ରସନ୍ନ ହୋଇଥାନ୍ତି ବୋଲି ଦୃଢ଼ ବିଶ୍ୱାସ ରହିଛି । ଏହି ଦିନକୁ ଔପଚାରିକ ଭାବେ ସରକାରୀ ସ୍ତରରେ କୃଷକ ଦିବସ ଭାବେ ପାଳନ କରାଯାଏ । କୃଷକମାନେ ଏହାକୁ ବଡ଼ ଶୁଦ୍ଧି ଓ ସିଦ୍ଧିର ଦିବସ ଭାବେ ଗ୍ରହଣ କରିଥାନ୍ତି । ଏହିଦିନ କୃଷକ ପ୍ରଥମ କରି ଅମୃତ ବେଳାରେ ଅକ୍ଷିମୁଠି/ ଅକ୍ଷୟମୁଠି ଅନୁକୂଳ କରି କୃଷିକାର୍ଯ୍ୟର ଶୁଭାରମ୍ଭ କରିଥାଏ । ପ୍ରକୃତରେ ହିନ୍ଦୁମାନେ ଏହି ଦିନକୁ ପବିତ୍ର ଶୁଭଦିନ ଭାବେ ମାନିନେଇ ଗୃହନିର୍ମାଣ, ନିର୍ବନ୍ଧ, ବିବାହ, ଉପନୟନ ପ୍ରଭୃତି ଶୁଭକର୍ମ କରନ୍ତି । କୃଷକ ନିଜ ସ୍ତ୍ରୀ ଠାରୁ ହଳଦୀ, ଚନ୍ଦନ, ସିନ୍ଦୂର ବୋଳା ଧାନ ବିହନପୂର୍ଣ୍ଣ ନୂଆ ଗଉଣିକୁ ଶଙ୍ଖ ହୁଳହୁଳି ମଧ୍ୟରେ ମୁଣ୍ଡରେ ଥୋଇ ଓ ଅନ୍ୟ ଏକ ନୂତନ ଟୋକେଇରେ ପିଠା ନେଇ ହଳଲଙ୍ଗଳ ଧରି କ୍ଷେତକୁ ଯାଏ । ସେଠାରେ ଲକ୍ଷ୍ମୀ ଠାକୁରାଣୀଙ୍କୁ ଭୋଗଦେଇ ଉକ୍ତ ନୈବେଦ୍ୟ କିଆରୀର ଇଶାଣ କୋଣରେ ପୋତି ହଳ ବୁଲାଏ ଓ ମୁଠା ମୁଠା ବିହନ କିଆରୀରେ ବୁଣେ । ଏହାକୁ ଅକ୍ଷିମୁଠି ବା ଅକ୍ଷୟ ମୁଠି କହନ୍ତି । ସ୍ତ୍ରୀ ଲୋକମାନେ ଏହି ଦିନ 'ଷଠିଦେବୀ'ଙ୍କ ପୂଜା ମଧ୍ୟ କରନ୍ତି ।

ଶାସ୍ତ୍ରୀୟ ମତରେ ମହର୍ଷି ଜନକ ଭାରତୀୟ କୃଷିଜୀବୀ କୁଳର ପ୍ରତିନିଧି ରୂପେ ନିଜେ ଭୂମି ପୂଜା କରି ବୀଜବପନ କରୁଥିଲେ । ଭୂମି କର୍ଷଣ ସମୟରେ ସେ ସୀତାଙ୍କୁ ଲାଭ କରିଥିବାରୁ ଋକ୍ ବେଦରେ ସୀତା ଉତ୍କୃଷ୍ଟ ବୀଜଦାତ୍ରୀ ରୂପେ ବର୍ଣ୍ଣିତ ହୋଇଛନ୍ତି । ବୈଦିକ ଋଷିମାନେ ଅକ୍ଷୟ ଶସ୍ୟ ପ୍ରଦାନ କରିବା କାମନାରେ ସୀତାଙ୍କୁ ସ୍ତୁତି କରିଛନ୍ତି । ଆଗ୍ନେୟ ପୁରାଣ, ବିଷ୍ଣୁ ଧର୍ମୋତ୍ତର ପୁରାଣ ଓ ଭବିଷ୍ୟ ପୁରାଣାଦିରେ ଅକ୍ଷୟ ତୃତୀୟାକୁ ଗୋଟିଏ ପ୍ରଶସ୍ତ ଶୁଭଦିନ ଭାବେ ବର୍ଣ୍ଣନା କରାଯାଉଛି ।

ଏହି ପବିତ୍ର ଶୁଭ ଦିନରେ ହିନ୍ଦୁମାନେ ଅକ୍ଷୟ ତୃତୀୟା ବ୍ରତ ପାଳନ କରନ୍ତି । ଲୋକ ବିଶ୍ୱାସ ଅଛି ଯେ ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ସହିତ କୃତ୍ତିକା ବା ରୋହିଣୀ ନକ୍ଷତ୍ରଯୁକ୍ତ ହେଲେ ମହାଫଳ ପ୍ରାପ୍ତିହୁଏ । ବ୍ରତୀମାନେ ଶୁଦ୍ଧକାଳରେ ଏହି ବ୍ରତକୁ ଆରମ୍ଭକରି ଆଠ ବର୍ଷରେ ଉଦ୍ୟାପନ କରନ୍ତି । ଗ୍ରୀଷ୍ମପ୍ରବାହର ଅସହ୍ୟ ତାପ ଯୋଗୁ ଏହିଦିନ ଜଳଦାନ କଲେ ବି ପୁଣ୍ୟଫଳ ମିଳେ ବୋଲି ବିଶ୍ୱାସ ରହିଛି । ଏହି ସମ୍ପର୍କରେ ଗୋଟିଏ ଚମତ୍କାର ଉପାଖ୍ୟାନ ଅଛି । କଥିତ ଅଛି ଯେ ପୁରାକାଳରେ ଜଣେ ବ୍ରାହ୍ମଣ ଥିଲା । ସେ ତା' ଜୀବନରେ କିଛି କାହାକୁ ଦାନ ଧର୍ମକାର୍ଯ୍ୟ କରି ନଥିଲା । ଦିନେ ତା' ଗୃହକୁ ଜଣେ ତୃଷାର୍ତ୍ତ ବ୍ରାହ୍ମଣ ଆସି ଜଳଭିକ୍ଷା କଲେ । ସେ ବ୍ରାହ୍ମଣ ତାଙ୍କୁ ଜଳ ନଦେଇ ନିଷ୍ଠୁର ଭାବେ ଅପମାନିତ କଲି ଗୃହରୁ ବିତାଡିତ କରୁଥିବା ସମୟରେ ହଠାତ୍ ତା'ର ସ୍ତ୍ରୀ ସୁଶିଳା ଆସି ସ୍ୱାମୀଙ୍କୁ ସେଭଳି ମନ୍ଦ କାର୍ଯ୍ୟରୁ ନିବୃତ୍ତ କଲା ଓ ତୃଷାର୍ତ୍ତ ବ୍ରାହ୍ମଣଙ୍କୁ ଜଳଦାନ ଦେଲା ।

କିଛି ବର୍ଷ ପରେ ବ୍ରାହ୍ମଣର ମୃତ୍ୟୁ ହେବାରୁ ଯମ ଦୂତମାନେ ଆସି ତାକୁ ବାନ୍ଧି ନେଇଗଲେ । ଯମ ପୁରୀରେ ଥାଇ ଥରେ ସେ ତୃଷାର୍ତ୍ତ ହୋଇ ଯମ ଦୂତଙ୍କୁ ଜଳଭିକ୍ଷା କଲା । ଯମ ଦୂତମାନେ ତା'କୁ ତିରସ୍କାର କରି କହିଲେ- ନିଜ ଜୀବନରେ କେବେ ଜଳଦାନ ନକରି କିପରି ଜଳଭିକ୍ଷା କରୁଛୁ ? ସେହି ସମୟରେ ସ୍ୱୟଂ ଯମରାଜ ପହଞ୍ଚି ସ୍ୱହସ୍ତରେ ସେ ବ୍ରାହ୍ମଣଙ୍କୁ ଜଳ ପ୍ରଦାନ କଲେ । ଦୂତମାନେ ଆଶ୍ଚର୍ଯ୍ୟ ହୋଇ କାରଣ ପଚାରିବାରୁ ଯମରାଜ କହିଲେ- ଏହି ବ୍ରାହ୍ମଣ ସାରା ଜୀବନ ପାପକର୍ମ କରିଥିଲେ ସୁଦ୍ଧା ଅକ୍ଷୟ ତୃତୀୟା ଦିନ ତା'ର ସ୍ତ୍ରୀ ତୃଷାର୍ତ୍ତ ବ୍ରାହ୍ମଣଙ୍କୁ ଜଳଦାନ କରିଥିଲା । ସ୍ତ୍ରୀର ପୁଣ୍ୟବଳରୁ ତା'ର ପାପ ଖଣ୍ଡନ ହୋଇଛି । ତେଣୁ ତା'ର ଆଉ ନର୍କଭୋଗ ଯୋଗ ନାହିଁ ।

ଅକ୍ଷୟ ତୃତୀୟା ସକଳ ଅନୁକୂଳ କରିବାର ପବିତ୍ର ଦିନ ଭାବରେ ଗଣନା କରାଯାଇଛି । ତେଣୁ ଏହିଦିନ ଶ୍ରୀଜିଉମାନଙ୍କର ରଥନିର୍ମାଣ ପାଇଁ ଅନୁକୂଳ କରାଯାଏ । ମହାକାଳୀ ମନ୍ତ୍ରରେ ପୂଜିତ କୁରାଢି ଲଗାଇ ବନଯୋଗହୋମର ଆଚାର୍ଯ୍ୟ ତଥା ଦେଉଳ ପୁରୋହିତ ରଥନିର୍ମାଣର ଶୁଭାରମ୍ଭ କରିଥାନ୍ତି । ତାଳଧ୍ୱଜ, ଦେବଦଳନ ଓ ନନ୍ଦିଘୋଷ ରଥ ପାଇଁ ଉଦ୍ଦିଷ୍ଟ ଗୋଟିଏ କାଠ ଗଣ୍ଡିରେ କୁରାଢି ସ୍ପର୍ଶ କରାଯାଇଥାଏ ।

ଅକ୍ଷୟ ତୃତୀୟା ସହିତ ଜଡ଼ିତ ଅନେକ ପୌରାଣିକ ଗାଥା ରହିଛି । ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ନିଆଯାଇ ଚନ୍ଦନଠାକୁରଙ୍କ ସହ ପଟୁଆରରେ ରଥଖଳାକୁ ଆସିଥାଏ । ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖସ୍ଥ ରଥଖଳାରେ ଶ୍ରୀମନ୍ଦିର ପୁରୋହିତ, ରାଜଗୁରୁ ଓ ଶ୍ରୋତୀୟ ବ୍ରାହ୍ମଣମାନେ ବନଯାଗ ପୂଜା ସମ୍ପାଦନା କରିବାର ବିଧି ବିଧାନ ରହିଛି । ରୂପକାର, କମାର, ଚିତ୍ରକର, ଭୋଇ, ଅମୀନ ସେବକମାନଙ୍କ ଉପସ୍ଥିତିରେ ବିଶ୍ୱକର୍ମାଙ୍କ ଶାଢୀବନ୍ଧା ନୀତି ପାଳିତ ହୁଏ । ରଥ ସଂହିତା ଓ ଶିଳ୍ପଶାସ୍ତ୍ର ନିୟମାନୁସାରେ ରଥନିର୍ମାଣ ଶୁଭ କରାଯାଏ । ଏପରିକି ଏହି ଦିନରୁ ଚନ୍ଦନ ଯାତ୍ରା ଆରମ୍ଭ ହୁଏ । ଚନ୍ଦନଯାତ୍ରା ଶ୍ରୀମନ୍ଦିରରେ ସବୁଠୁ ଅଧିକ ଦିନ ଧରି ପାଳିତ ହେଉଥିବା ଅନ୍ୟ ଏକ ପର୍ବ । ଏହା ଅକ୍ଷୟ ତୃତୀୟାରୁ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ବା ସ୍ନାନପୂର୍ଣ୍ଣିମାର ପୂର୍ବଦିନ ପର୍ଯ୍ୟନ୍ତ ମୋଟ ୪୨ ଦିନ ଧରି ଅନୁଷ୍ଠିତ ହୋଇଥାଏ । ଏହା ଅକ୍ଷୟ ତୃତୀୟାଠାରୁ ଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀ ପର୍ଯ୍ୟନ୍ତ ୨୧ଦିନ ନରେନ୍ଦ୍ର ପୁଷ୍କରଣୀରେ ବାହାର ଚନ୍ଦନଯାତ୍ରା ରୂପେ ଓ ପରବର୍ତ୍ତୀ ୨୧ଦିନ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଭିତର ଚନ୍ଦନ ରୂପେ ପାଳିତ ହୋଇଥାଏ ।

ହିନ୍ଦୁ ଓ ଜୈନ ସମ୍ପ୍ରଦାୟର ଲୋକଙ୍କ ପାଇଁ ଏହି ପର୍ବ ବେଶ୍ ଗୁରୁତ୍ୱ ବହନ କରେ । ଯେହେତୁ ଏହା ସବୁଠାରୁ ଶୁଭ ଦିନ ବୋଲି ବିବେଚନା କରାଯାଇଛି । ଅକ୍ଷୟ ତୃତୀୟାରେ ସମସ୍ତ ଆଧ୍ୟାତ୍ମିକ ଓ ବାସ୍ତୁ କାର୍ଯ୍ୟଗୁଡ଼ିକ ଆରମ୍ଭ ହୁଏ । ଏହି ଦିନ ସୁନା କିଣିବା ଶୁଭ ବୋଲି ବିବେଚନା କରାଯାଏ । କିନ୍ତୁ ଏହା ବ୍ୟତୀତ ପାଞ୍ଚଟି ଜିନିଷ ମଧ୍ୟ କିଣିଲେ ସୁନା ପରି ଭଲ ଲାଭ ଦେବା କୁହାଯାଏ । ଏହି ଦିନ ଏଗାରଟି କଉଡି କିଣି ପଦ୍ଧତିଗତ ଭାବରେ ପୂଜା କଲେ ଆଶୀର୍ବାଦ ମିଳିଥାଏ । ଏହା ବ୍ୟତୀତ ଦକ୍ଷିଣାବର୍ତ୍ତ ଶଙ୍ଖ କିଣିଲେ ଶୁଭ ଫଳ ମିଳିଥାଏ । ସେହିପରି ଏକ ଆଖି ନଡ଼ିଆ, ପଥର ଶିବଲିଙ୍ଗ ଓ କ୍ରିଷ୍ଟାଲ କଇଁଛ ମଧ୍ୟ କିଣିଲେ ପରିବାରରେ ଧନ, ସୁଖ, ସମୃଦ୍ଧତା ଓ ସୁସ୍ଥ ସ୍ୱାସ୍ଥ୍ୟ ପାଇବା ବିଶ୍ୱାସ ରହିଛି ।

ଅକ୍ଷୟ ତୃତୀୟା ହିନ୍ଦୁ ଧର୍ମରେ ଏକ ଶୁଭ ଦିନ ଭାବରେ କେବଳ ବିବେଚନା କରାଯାଏ ନାହିଁ କି କିଣାକିଣି ଦୃଷ୍ଟିକୋଣରୁ ନୁହେଁ , ବରଂ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ଅକ୍ଷୟ ତୃତୀୟା ଦିନ, ସକାଳୁ ଉଠି ଥଣ୍ଡା ପାଣିରେ ସ୍ନାନ କରି ଭଗବାନ ବିଷ୍ଣୁ ଓ ମା' ଲକ୍ଷ୍ମୀଙ୍କ ପୂଜା କରାଯିବା ଉଚିତ । ପୂଜା ସମୟରେ ଉଭୟଙ୍କ ନାଁରେ ଫଳ, ମିଠା ଓ ଧଳା ଫୁଲ ଅର୍ପଣ କରି ଭଗବାନ ବିଷ୍ଣୁ ଓ ମାତା ଲକ୍ଷ୍ମୀଙ୍କ ମନ୍ତ୍ର ଜପ କରିବା ଉଚିତ । ବିଶେଷକରି ହିନ୍ଦୁ ଓ ଜୈନ ସୁନା କିଣିବାକୁ ଜିଦ୍ କରିଥାନ୍ତି । ବିଶ୍ୱାସ କରାଯାଏ ଯେ ଏହି ଦିନ ସୁନା କିଣିଲେ ଆଗାମୀ ବର୍ଷରେ ଶୁଭଫଳ ଓ ସମୃଦ୍ଧତା ଆଣିଥାଏ । କେବଳ ସେତିକି ନୁହେଁ, ଜୈନ ଧର୍ମରେ ଅକ୍ଷୟ ତୃତୀୟା ଦିନ ଭଗବାନ ଋଷଭ ଦେବଙ୍କ ଦିନ ବୋଲି ବିବେଚନା କରାଯାଏ । ଋଷଭନାଥ ଜୈନ ଧର୍ମର ପ୍ରଥମ ତୀର୍ଥଙ୍କର ଥିଲେ । ଏହି ଦିନ ସେ ଆଖୁ ରସ ପିଇ ନିଜର ଗୋଟିଏ ବର୍ଷର ତପସ୍ୟା ସମାପ୍ତ କରିଥିଲେ । ତେଣୁ ଜୈନ ଧର୍ମର ଅନୁଗାମୀମାନେ ଏହି ଅକ୍ଷୟ ତୃତୀୟାରେ ଉପବାସ ବ୍ରତ ପାଳନ କରି ଶେଷରେ ଆଖୁ ରସ ପିଇ ନିଜର ତପସ୍ୟା ଶେଷ କରନ୍ତି । ପଞ୍ଜିକା ଅନୁଯାୟୀ ଅକ୍ଷୟ ତୃତୀୟା ଅକ୍ଷୟ ତେଜ ନାମରେ ମଧ୍ୟ ଜଣାଶୁଣା । ଅକ୍ଷୟ ଅର୍ଥାତ୍ ଯାହା କେବେ ବି କ୍ଷୟ ହୁଏ ନାହିଁ କିମ୍ବା ନଷ୍ଟ ହୁଏ ନାହିଁ । ଏହି ପର୍ବର ମାହାତ୍ମ୍ୟ ବିଭିନ୍ନ ପୁରାଣପୋଥୀରେ ଯଥା- ବିଷ୍ଣୁ ଧର୍ମ ସୁତ୍ର, ମତ୍ସ୍ୟ ପୁରାଣ, ନାରଦୀୟ ପୁରାଣ ଓ ଭବିଷ୍ୟ ପୁରାଣରେ ବର୍ଣ୍ଣନା ଦେଖିବାକୁ ମିଳେ । ଅକ୍ଷୟ ତୃତୀୟା ଏପରି ଏକ ମୁହୂର୍ତ୍ତ କିମ୍ବା ଏପରି ଏକ ତିଥି ଯେଉଁଥିରେ କି ସବୁ ପ୍ରକାରର ଶୁଭ କାର୍ଯ୍ୟ କରାଯାଇଥାଏ । ଧାର୍ମିକ ଗ୍ରନ୍ଥରେ କୁହାଯାଇଛି ଯେ ଅକ୍ଷୟ ତୃତୀୟା ଦିନ କରାଯାଇଥିବା ଦାନ ଓ ଗୁଣାତ୍ମକ କାର୍ଯ୍ୟର ଫଳ କେବେ ବି ନଷ୍ଟ ହୁଏ ନାହିଁ । ସମସ୍ତ ଶୁଭ କାର୍ଯ୍ୟ ପଞ୍ଜିକା ନ ଦେଖି କରାଯାଇଥାଏ । ବିବାହ କରିବା, ସୁନା କିଣିବା, ଲକ୍ଷ୍ମୀଙ୍କୁ ପୂଜା କରିବା ଅକ୍ଷୟ ତୃତୀୟା ଦିନ ବିଶେଷ ମହତ୍ତ୍ୱ ରହିଛି । ପୃଥିବୀରେ ଦେବତାମାନେ ଅବତାର ନେଇଥିଲେ । ସେଥିମଧ୍ୟରୁ ଷଷ୍ଠ ଅବତାର ଭଗବାନ ପର୍ଶୁରାମଙ୍କର ଥିଲା ।

ବିଶ୍ୱାସ କରାଯାଏ ଯେ ପ୍ରଭୁ ପର୍ଶୁରାମ ଓ ହଏଗ୍ରୀବଙ୍କର ଜନ୍ମ ଅକ୍ଷୟ ତୃତୀୟା ଦିନ ହୋଇଥିଲା । ଅକ୍ଷୟ ତୃତୀୟା ଦିନ, ଦ୍ୱାପର ଯୁଗ ସମାପ୍ତ ହେଲା ଓ ତ୍ରେତୟା ଯୁଗ ଆରମ୍ଭ ହେଲା । ମହାଭାରତର ଯୁଦ୍ଧ ଅକ୍ଷୟ ତୃତୀୟା ଦିନ ଶେଷ ହୋଇଥିଲା । ଏହି ଦିନଠାରୁ, ବେଦବ୍ୟାସ ଓ ବିଘ୍ନବିନାଶକ ଭଗବାନ ଗଣେଶ ମହାଭାରତ ଲେଖିବା ଆରମ୍ଭ କରିଥିଲେ । ତେଣୁ ଏହି ଦିନ ଯେକୌଣସି କାର୍ଯ୍ୟାରମ୍ଭ କଲେ ଆଗକୁ କୌଣସି ବିଘ୍ନ ଘଟିନଥାଏ । ଏହି ଦିନ ଭଗବାନ ବିଷ୍ଣୁଙ୍କର ଚରଣରୁ ଧରିତ୍ରୀରେ ଗଙ୍ଗା ଅବତରିତ ହୋଇଥିଲେ । ସତ୍ୟ ଯୁଗ, ଦ୍ୱାପର ଓ ତ୍ରେତୟା ଯୁଗ ଆରମ୍ଭ ହୋଇଥିଲା । ଅକ୍ଷୟ ତୃତୀୟା ଦିନ ସୁଦାମା ଭଗବାନ କୃଷ୍ଣଙ୍କୁ ଭେଟିବାକୁ ଆସିଥିଲେ । ସୁମତି ଦେଇଥିବା ଖୁଦ ଭଜାରେ କୃଷ୍ଣ ସନ୍ତୋଷ ହୋଇ ସଖା ସୁଦାମାଙ୍କୁ କୁବେରଙ୍କ ସମାନ ଧନ ସଂପଦ ଐଶ୍ୱର୍ଯ୍ୟ ଦେଇଥିଲେ । ଏହି ପବିତ୍ର ଦିନରେ ବ୍ରହ୍ମାଙ୍କ ପୁତ୍ର ଅକ୍ଷୟ କୁମାର ଆର୍ବିଭାବ ହୋଇଥିଲେ । ଅକ୍ଷୟ ତୃତୀୟାରେ ମଧ୍ୟ ଶ୍ରୀବଦ୍ରିନାଥଙ୍କର ମୂର୍ତ୍ତି ସ୍ଥାପନ କରାଯାଇ ପୂଜା କରାଯାଏ ଓ ଶ୍ରୀଲକ୍ଷ୍ମୀ ନାରାୟଣଙ୍କୁ ଦର୍ଶନ କରାଯାଏ । ବଦ୍ରିନାରାୟଣଙ୍କ ଦ୍ୱାର ମଧ୍ୟ ଏହି ତିଥିରୁ ଖୋଲିଥାଏ । ବୃନ୍ଦାବନସ୍ଥିତ ଶ୍ରୀବାଙ୍କେବିହାରୀ ମନ୍ଦିରରେ ପ୍ରଭୁଙ୍କ ପାଦ ଦର୍ଶନ କେବଳ ଏହିଦିନ ହୋଇଥାଏ । କାରଣ ବର୍ଷସାରା ଠାକୁର ପୋଷାକରେ ଆଚ୍ଛାଦିତ ହୋଇ ରହିଥାନ୍ତି ।

ବିଶ୍ୱାସ କରାଯାଏ ଯେ ଅକ୍ଷୟ ତୃତୀୟା ଉପରେ, ଭଲ ଆଚରଣ ଓ ଗୁଣ ସହିତ ଅନ୍ୟମାନଙ୍କ ଆଶୀର୍ବାଦ ଗ୍ରହଣ କରିବା ଆବଶ୍ୟକ । ଭଗବାନ ବିଷ୍ଣୁ ଓ ମାତା ଲକ୍ଷ୍ମୀଙ୍କ ଉପାସନା ବିଶେଷ ଫଳପ୍ରଦ ବୋଲି ବିବେଚନା କରାଯାଏ । ଅକ୍ଷୟ ତୃତୀୟାରେ କରାଯାଇଥିବା ଆଚରଣ ଓ ଭଲ କାର୍ଯ୍ୟଗୁଡ଼ିକ ଅକ୍ଷୟ ହୋଇ ରହିଥାଏ । ଏହି ଦିନକୁ ରୋଷେଇ ଘର ଓ ରୋଷେଇ ଘରର ଖାଦ୍ୟ ଦେବୀ ମାତା ଅନ୍ନପୂର୍ଣ୍ଣାଙ୍କ ଜନ୍ମଦିନ ଭାବରେ ବିବେଚନା କରାଯାଏ । ଅକ୍ଷୟ ତୃତୀୟା ଦିନ ମାତା ଅନ୍ନପୂର୍ଣ୍ଣାଙ୍କୁ ମଧ୍ୟ ପୂଜା କରି ଭଣ୍ଡାରକୁ ପୂର୍ଣ୍ଣ ରଖିବା ପାଇଁ ମା'ଙ୍କଠାରୁ ଆଶୀର୍ବାଦ ନିଆଯାଏ । ଅନ୍ନପୂର୍ଣ୍ଣାଙ୍କ ଉପାସନା ଦ୍ୱାରା ରୋଷେଇ ଘର ଓ ଖାଦ୍ୟର ସ୍ୱାଦକୁ ବଢିଥାଏ ।

ନିଷ୍କର୍ଷରେ କୁହାଯାଇପାରେ ଯେ କଳିଯୁଗର ନକାରାତ୍ମକ ପ୍ରଭାବରୁ ବଞ୍ଚିବା ପାଇଁ ଏହି ଦିନ ଭଗବାନ ବିଷ୍ଣୁଙ୍କ ଉପାସନା କରି ଦାନ ଅବଶ୍ୟ କରିବା ଉଚିତ । ଏହା କରିବା ଦ୍ୱାରା ଆର ଜନ୍ମରେ ସମୃଦ୍ଧ,ଐଶ୍ୱର୍ଯ୍ୟ ଓ ସୁଖର ପ୍ରାପ୍ତି ହୋଇଥାଏ । ଶୁଭ କର୍ମ ଆଡକୁ ଅଗ୍ରସର ହେବା, ମନ ବଚନ ଓ କର୍ମ ଦ୍ୱାରା ନିଜର ମନୁଷ୍ୟ ଧର୍ମର ପାଳନ କରିବା ହିଁ ଅକ୍ଷୟତୃତୀୟା ପର୍ବର ସାର୍ଥକତା ହୋଇଥାଏ...!!!

**ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪**
**ମୋ- ୯୦୪୦ ୧୫୧୪ ୭୫**

# ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଗୀତଗୋବିନ୍ଦ ଗାନର ପରମ୍ପରା



ଡାକ୍ତର ଦୀନବନ୍ଧୁ ମହାରଣା

ପ୍ରାଚୀନ ଉତ୍କଳର ଲେଖମାଳା ଅନୁଧ୍ୟାନ କଲେ ଜଣାଯାଏ ଯେ, ସୋମବଂଶୀ ରାଜତ୍ୱ କାଳରେ ଉତ୍କଳର ମନ୍ଦିରମାନଙ୍କରେ ଦେବଦାସୀ ନିୟୋଗ ପ୍ରଥାର ପ୍ରଚଳନ ଘଟିଥିଲା । ସୋମବଂଶୀୟ ଏକ ଶ୍ରେଷ୍ଠ ନରପତି ପରମ ଭଟ୍ଟାରକ ମହାରାଜାଧିରାଜ ସୋମାକୁଳତିଳକ ତ୍ରିକଳିଙ୍ଗାଧିପତି ଶ୍ରୀ ଉଦ୍ୟୋତ କେଶରୀ ରାଜଦେବଙ୍କ ମାତା ରାଣୀ କୋଳାବତୀ ସିଦ୍ଧତୀର୍ଥ ଏକାମ୍ର ବା ଭୁବନେଶ୍ୱରରେ ଚତୁଃ ଅମରକୂଳ ଓ ନାଟ୍ୟଶାଳା ସମେତ ବ୍ରହ୍ମେଶ୍ୱର ମନ୍ଦିର ନିର୍ମାଣ କରିଥିବା ଗତ ଶତାବ୍ଦୀରେ ଅପହୃତ ବ୍ରହ୍ମେଶ୍ୱର ମନ୍ଦିର ଶିଳାଲେଖରୁ ଜଣାଯାଏ । ମନ୍ଦିର ନିର୍ମାଣ ସମାପନାନ୍ତେ ରାଣୀ କୋଳାବତୀ ନାନା ରତ୍ନଖଚିତ ଅଳଙ୍କାର ମଣ୍ଡିତା ହୋଇଥିଲେ । ପ୍ରାଚୀ ତୀରବର୍ତ୍ତୀ ନିଆଳୀ ଶାସନରେ ଅବସ୍ଥିତ ଶୋଭନେଶ୍ୱର ମନ୍ଦିର ଶିଳାଲେଖରୁ ଜଣାଯାଏ ଯେ, ବ୍ରାହ୍ମଣ ବଂଶୀୟ ରାଜା ବୈଦ୍ୟନାଥ ଉକ୍ତ ମନ୍ଦିର ନିର୍ମାଣ କରିବା ପରେ ନାନା ଭୂଷଣ ଭୂଷିତା, ଅପୂର୍ବ ରୂପଲାବଣ୍ୟ ସଂପନ୍ନ ସ୍ତ୍ରୀ ଲୋକମାନଙ୍କୁ ଶିବଙ୍କ ସେବାରେ ନିଯୁକ୍ତ କରିଥିଲେ । ବାସ୍ତବରେ ପ୍ରାଚୀନ ଉତ୍କଳର ମନ୍ଦିରରେ ନିୟୋଜିତ ହେଉଥିବା ଏହି ଦେବଦାସୀମାନେ ହେଉଛନ୍ତି ନର୍ତ୍ତକ ଦେବଗଣିକା ।

ସେହିପରି ଭକ୍ତକବି ଶ୍ରୀଜୟଦେବ ଗୋସ୍ୱାମୀଙ୍କ ପ୍ରିୟତମା ପତ୍ନୀ ପଦ୍ମାବତୀ ସ୍ୱୟଂ ଦେବଦାସୀ ରୂପେ ନିଯୁକ୍ତ ହୋଇଥିଲେ । ଭକ୍ତକବି ଶ୍ରୀ ଜୟଦେବ ସ୍ୱକୃତ ଶ୍ରୀ ଗୀତଗୋବିନ୍ଦର ଆଦ୍ୟପର ଶ୍ଳୋକରେ ନିଜକୁ ପଦ୍ମାବତୀ-ଚରଣ-ଚାରଣ-ଚକ୍ରବର୍ତ୍ତୀ ରୂପେ ଗୌରବ ସହକାରେ ଘୋଷଣା କରିବା ଦ୍ୱାରା ପ୍ରକାରାନ୍ତରେ ତାଙ୍କର ନୃତ୍ୟଗୀତ ପ୍ରବୀଣା ପ୍ରେୟସୀ ପଦ୍ମାବତୀ ସ୍ୱ ପରମାରାଧ୍ୟ ଜଗଦୀଶ ବା ଜଗନ୍ନାଥଙ୍କ ସମ୍ମୁଖରେ ନୃତ୍ୟଗୀତ ପାଇଁ ଉତ୍ସାହିତ ହୋଇଥିବା ସ୍ୱୀକାର କରିଛନ୍ତି । ଏହାକୁ ଭିତ୍ତି କରି ପରବର୍ତ୍ତୀ କାଳରେ ଭାରତର ନାନା ପ୍ରାନ୍ତରେ ଦେବଦାସୀ ନିୟୋଗ ପ୍ରଥା ପରିପ୍ରସାରିତ ହୋଇଥିଲା ।


ଗଙ୍ଗ ସମ୍ରାଟ ଚୋଳଗଙ୍ଗଦେବ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିରରେ ପ୍ରତ୍ୟହ ଦେବଦାସୀଙ୍କ ଦ୍ୱାରା ଶ୍ରୀଗୀତଗୋବିନ୍ଦ ଗାନ ସେବାର ପ୍ରଚଳନ ଆରମ୍ଭ କରିଥିଲେ । ୧୧୯୮ ମସିହାରେ ଶ୍ରୀମନ୍ଦିରରେ ଶ୍ରୀଗୀତଗୋବିନ୍ଦ ଗାନ ସେବାର ପ୍ରଚଳନ ପ୍ରାରମ୍ଭ ହୋଇଥିବାର ଐତିହାସିକ ପ୍ରମାଣ ମିଳେ । ଉତ୍କଳର ତତ୍କାଳୀନ ପଣ୍ଡିତ ମଣ୍ଡଳୀ ଶ୍ରୀଗୀତଗୋବିନ୍ଦ ମହାକାବ୍ୟର ମାଧୁର୍ଯ୍ୟ, ଶବ୍ଦବୈଭବ ଓ ଅର୍ଥଗୌରବରେ ମୁଗ୍ଧ ହୋଇ ଏହାକୁ ଏକ ଉତ୍କୃଷ୍ଟ ରଚନା ରୂପେ ଗ୍ରହଣ କରିଥିଲେ ମଧ୍ୟ ଏହାକୁ ଶ୍ରୀଜଗନ୍ନାଥଙ୍କ ସେବାରେ ନିତ୍ୟପାଠ୍ୟ ଧର୍ମଗ୍ରନ୍ଥ ରୂପେ ଗ୍ରହଣ କରିବା ପାଇଁ କୁଣ୍ଠିତ ହୋଇଥିଲେ । କିନ୍ତୁ ବ୍ୟକ୍ତିଗତ ଭାବରେ ଏହା ଶ୍ରୀଜଗନ୍ନାଥଙ୍କ ଶ୍ରୀ ଛାମୁରେ ଗାନ କରିବା ପାଇଁ କୌଣସି ନିଷେଧ ନଥିଲା । ତେଣୁ କାମାର୍ଣ୍ଣବଙ୍କର ଶ୍ରୀଗୀତଗୋବିନ୍ଦ ପାଠ ପାଇଁ ପ୍ରବଳ ଅନୁରାଗ ଥିଲେ ମଧ୍ୟ ସେ ବୋଧହୁଏ ଏହାର ପାଠକୁ ଜଗନ୍ନାଥଙ୍କର ସେବାରେ ଅନ୍ତର୍ଭୁକ୍ତ କରିପାରି ନଥିଲେ । ତେବେ ଶ୍ରୀକ୍ଷେତ୍ର ତଥା ସମଗ୍ର ଉତ୍କଳରେ ଶ୍ରୀଗୀତଗୋବିନ୍ଦର କ୍ରମବର୍ଦ୍ଧମାନ ଲୋକପ୍ରିୟତାକୁ ଯଥୋଚିତ ସମ୍ମାନ ପ୍ରଦର୍ଶନ ନିମିତ୍ତ ଗଙ୍ଗବଂଶୀୟ ସମ୍ରାଟ କବି ନରସିଂହ ଶ୍ରୀଜଗନ୍ନାଥଙ୍କ ନିକଟରେ ନିତ୍ୟ ଶ୍ରୀଗୀତଗୋବିନ୍ଦ ଗାନକୁ ଏକ ସେବା ରୂପେ ପ୍ରଚଳନ କରିଥିବା ମାଦଳାପାଞ୍ଜିରୁ ଜଣାଯାଏ । ଏହିପରି ଭାବରେ ପ୍ରାଚୀନ ଉତ୍କଳରେ ଦେବଦାସୀ ପ୍ରଥା ଓ ଗୀତଗୋବିନ୍ଦ ଗାନ ସେବାର ପରମ୍ପରାର ଅୟମାରମ୍ଭ ହୋଇଥିଲା ।

**ଡି.ଲିଟ୍ ପ୍ରାପ୍ତ ଆୟୁର୍ବେଦ ଗବେଷକ**
**୧୧୧, ଓ.ଏମ୍.ପି ଛକ ମାର୍କେଟ, କଟକ**
**ମୋ- ୯୪୩୭୦୪୩୧୦୩**

# ଅନନ୍ୟ ଦଧିଚି

ରମାକାନ୍ତ ନାଥ

ଡାକ୍ତର ଜଗନ୍ନାଥ ଦାସ, ଓଡ଼ିଶାର ଜନଜୀବନରେ ଜଣେ ଖ୍ୟାତନାମା ସମାଜସେବୀ । ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ, ଆପଣାକୁ ସେହି ପଥରେ ଆଗେଇ ନେଇଥିଲେ । ସତ୍ୟ ଓ ଅହିଂସା ବିଚାରକୁ ଆପଣାଇବା ସହିତ ଗାନ୍ଧିଜୀଙ୍କ ଏକାଦଶ ମନ୍ତ୍ରକୁ ସେ ନିଜ ଜୀବନରେ କେବଳ ପାଳନ କରିଥିଲେ ତାହା ନୁହେଁ ବରଂ ସମାଜ ଜୀବନରେ ଏହାର ପ୍ରୟୋଗ ମଧ୍ୟ କରିଥିଲେ । ଜୀବନରେ ଅନେକ ଘାତ ପ୍ରତିଘାତକୁ ସେ ସାମନା କରିଛନ୍ତି ମାତ୍ର ମାନବ ସେବା ହିଁ ମାଧବ ସେବା ଏହି ଆପ୍ତ ବାକ୍ୟକୁ କେବେ ଭୁଲି ନାହାନ୍ତି । ଏ ଜଗତରେ ଅନେକ ବ୍ୟକ୍ତି ଜନ୍ମ ନେଇ, ଜଗତରୁ ବିଦାୟ ମଧ୍ୟ ନେଇଛନ୍ତି, ମାତ୍ର ଅଳ୍ପ କେତେଜଣଙ୍କୁ ଜଗତ ମନେ ରଖିଛି ଓ ମନେ ରଖିବ ମଧ୍ୟ । ସେହି ଅଳ୍ପ କେତେଜଣଙ୍କ ମଧ୍ୟରେ ଡାକ୍ତର ଦାସ ଅନ୍ୟତମ । ଡାକ୍ତର ଜଗନ୍ନାଥ ଦାସଙ୍କ ଜନ୍ମ ଅଧୁନା ଯାଜପୁର ଜିଲ୍ଲାରେ ହୋଇଥିଲା । ୧୯୪୧ ମସିହାରେ ପାଟନାରୁ ଏମବିବିଏସ ପାସ୍ କରି ସେ କଟକ ରେଭେନ୍ସା କଲେଜରେ ମେଡିକାଲ ଅଫିସର ଭାବେ କାର୍ଯ୍ୟ କରିଥିଲେ । ଏହି କାର୍ଯ୍ୟରେ ୧୯୪୬ ମସିହା ପର୍ଯ୍ୟନ୍ତ ସେ ରହି ପରେ ଛତିଆରେ ନିଜର ଏକ କ୍ଲିନିକ ମାଧ୍ୟମରେ ସାଧାରଣ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଥିଲେ । ଏହି ସମୟରେ ତାଙ୍କୁ ସରକାରୀ ଚାକିରିର ସୁଯୋଗ ମିଳିଥିଲା, ମାତ୍ର ଜନସେବାରେ ଆପଣାକୁ ସମର୍ପିତ କରିଥିବା ଡାକ୍ତର ଦାସ ଲୋଭନୀୟ ଚାକିରି ସୁଯୋଗକୁ ପରିତ୍ୟାଗ କରିଥିଲେ । ଗାନ୍ଧିଜୀଙ୍କ ଚିନ୍ତା ଓ ଚେତନା ତାଙ୍କୁ ପ୍ରଭାବିତ କରିଥିଲା ଓ ସେ ଗାନ୍ଧିଜୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ତାଙ୍କ ନିର୍ଦ୍ଦେଶ ଅନୁସାରେ ଏକ ଗାଆଁରେ ଅବସ୍ଥାନପୂର୍ବକ ସେହି ଗାଆଁ ଓ ତା'ର ଆଖପାଖ ଗାଆଁର ଉନ୍ନତି ପାଇଁ ଏବଂ ଏହା ମାଧ୍ୟମରେ ଗାନ୍ଧିଜୀଙ୍କ ଗାଆଁ ଗଣରାଜ୍ୟ ବା ଗ୍ରାମସ୍ୱରାଜକୁ ସଫଳ କରିବା ପାଇଁ ଉଦ୍ୟମ କରିଥିଲେ । ପରେ ସେଁ କ୍ଷମତା ରାଜନୀତିକୁ ଆଶ୍ରାକରି ଓଡ଼ିଶାର ଉନ୍ନତି ସହିତ ତାଙ୍କ ଅଞ୍ଚଳର ବିକାଶ ଓ ସାଧାରଣ ଜନତାଙ୍କ ସମୃଦ୍ଧି ପାଇଁ ଜନପ୍ରତିନିଧି ହେବାକୁ ଉଦ୍ୟମ କରିଥିଲେ । ସମାଜବାଦୀ ଚିନ୍ତାଧାରା ତାଙ୍କୁ ଏ ଦିଗରେ ଅଗ୍ରସର ହେବାକୁ ଉତ୍ସାହିତ କରିଥିଲା ଏବଂ ସେ ୧୯୫୩ ମସିହାରେ ରାଜ୍ୟ ବିଧାନସଭା ପାଇଁ ନିର୍ବାଚନରେ ଜଣେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢି ନବକୃଷ୍ଣ ଚୌଧୁରୀଙ୍କ ନିକଟରୁ ପରାସ୍ତ ହୋଇଥିଲେ । ପରେ ୧୯୬୭ ମସିହାରେ ପ୍ରଜା ସୋସାଲିଷ୍ଟ ପାର୍ଟି ପକ୍ଷରୁ ନିର୍ବାଚନ ଲଢି ବଡଚଣା ନିର୍ବାଚନ ମଣ୍ଡଳୀରୁ ବିଧାୟକ ହୋଇଥିଲେ । ମାତ୍ର କ୍ଷମତା ହାସଲ କରିବା ପରେ ଜନସେବାକୁ ସେ ଯେପରି ବ୍ୟାପକ କରିବାକୁ ଇଛା କରିଥିଲେ, ତାହା ସମ୍ଭବ ହେଲା ନାହିଁ । ଏଣୁ ସେ ଆଉ ନିର୍ବାଚନରେ ଭାଗ ନନେଇ ସମାଜସେବାକୁ ପାଥେୟକରି ଗାନ୍ଧିଜୀଙ୍କ ଗ୍ରାମ ନବର୍ନିର୍ମାଣ କାର୍ଯ୍ୟରେ ମନୋନିବେଶ କରିଥିଲେ ।



ଦୀର୍ଘ ୬୦ ବର୍ଷରୁ ଅଧିକ ଦିନ ଧରି ସାଧାରଣଙ୍କୁ ସ୍ଥାସ୍ୟସେବା ଯୋଗାଇବାରେ ସେ ବୋଧହୁଏ ଓଡ଼ିଶାର ପ୍ରଥମ ଡାକ୍ତର ହୋଇପାରନ୍ତି । ତାଙ୍କ ଜୀବନକାଳ ମଧ୍ୟରେ ସେ ରାଜ୍ୟର ଅନେକ ଘଟଣା ସହିତ ଜଡିତ ହୋଇଥିଲେ । ସମାଜ ଜୀବନରେ ସଂସ୍କାର ପାଇଁ ଉଦ୍ୟମ କରିଥିଲେ । ବଡଚଣା ନିକଟ ହରିଦାସପୁର ଗ୍ରାମରେ ସମାଜସେବୀ ରମ୍ଭାଦେବୀଙ୍କ ଦ୍ୱାରା ପ୍ରତିଷ୍ଠିତ ସେବା ସମିତିର ସଭାପତି ଭାବେ ସେ ସ୍ଥାନୀୟ ଅଞ୍ଚଳରେ ଅନେକ ଜନକଲ୍ୟାଣମୂଳକ କାର୍ଯ୍ୟ କରିଥିଲେ । ସେବା ସମିତି ଦ୍ୱାରା ପ୍ରତିଷ୍ଠିତ ଡାକ୍ତରଖାନାକୁ ଚଳାଇବା, ଭ୍ରାମ୍ୟମାଣ ଭାବେ ଗାଆଁକୁ ଗାଆଁ ଯାଇ ଗରିବ ଅସହାୟ ଲୋକମାନଙ୍କୁ ସହଯୋଗ, ସଚେତନ କରିବା, ସ୍ଥାନୀୟ ଅଞ୍ଚଳରେ ମହିଳା ଓ ଶିଶୁ କଲ୍ୟାଣ ଯୋଜନା କାର୍ଯ୍ୟକାରି କରିବା ଏବଂ ଶିଶୁ ଶିକ୍ଷା ପ୍ରତି ଧ୍ୟାନଦେବା ତାଙ୍କ ସେବାମୟ ଜୀବନର ଅନନ୍ୟ ଦିଗ ଥିଲା । ସେବା ସମିତି ମାଧ୍ୟମରେ ଡାକ୍ତର ଦାସ ହରିଦାସପୁର, କଦଳା, ଆରୁହା, କୋଶଲିଆ, କଣ୍ଟିଆ, ବାଲିଗରି, ଆରୋହି, ରାହାସାଳ, ନେଉଳପୁର, ତାପିଗଂଗା, ଶ୍ରୀମନ୍ତପୁର, ବରଂଗା, ଆଳିଗଂଗା, ପଖରା, ଅଭୟପୁର, ମହିସରା, ତରଂଜିଆ ଆଦି ଗାଆଁମାନଙ୍କରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଶିବିର ମାଧ୍ୟରେ ଲୋକମାନଙ୍କୁ ସେବା ଯୋଗାଇବା ସହିତ ସଚେତନ କରୁଥିଲେ ।

୧୯୯୦ ମସିହାରେ ମୁଁ ଡାକ୍ତର ଜଗନ୍ନାଥ ଦାସଙ୍କ ଛତିଆ ଘରେ ଗୋଟିଏ ରାତି ଅବସ୍ଥାନ କରି ତାଙ୍କ ସାନିଧ୍ୟ ଲାଭ କରିବାର ସୁଯୋଗ ପାଇଥିଲି । ସେପରି ଜଣେ ସେବକଙ୍କ ଠାରୁ ସେବା ଲାଭକରି ଛତିଆ ଅଞ୍ଚଳର ପ୍ରାୟ ପ୍ରତ୍ୟେକ ବ୍ୟକ୍ତି ଉପକୃତ ହୋଇଛନ୍ତି । ଓଡ଼ିଶାର ଏହି ବରପୁତ୍ରଙ୍କ ଦେହାବସାନ ୨୦୧୧ ମସିହା ଏପ୍ରିଲ ୩୦ ତାରିଖରେ ୧୦୧ ବର୍ଷ ବୟସରେ ହୋଇଥିଲା । ସେ ଆଜି ମଧ୍ୟ ଅମର ହୋଇ ରହିଛନ୍ତି ଛ ଡାକ୍ତର ଦାସ ଓଡ଼ିଶାର ପ୍ରଥମ ବ୍ୟକ୍ତି, ଜଣେ ଡାକ୍ତର ଭାବରେ ତାଙ୍କର ମର ଶରୀରକୁ ସେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ଡାକ୍ତରଖାନାକୁ ଦାନ କରିଦେଇଛନ୍ତି ।

**ସଭାପତି, ସେବା ସମିତି, ତଳତେଲେଙ୍ଗା ବଜାର, କଟକ-୯**
**ମୋ-୯୦୪୦୩୯୭୧୨୨**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସେନାକୁ...

ଏକ ସୂତ୍ରରୁ ଜଣାପଡିଛି । ପହଲଗାମ ଆକ୍ରମଣରେ ୨୬ ନିରୀହ ଲୋକଙ୍କ ପ୍ରାଣ ଯାଇଛି । ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ୯୦ ମିନିଟ୍ ଧରି ଚାଲିଥିବା ଏହି ବୈଠକରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ୍ ଡୋଭାଲ, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଅନିଲ୍ ଚୌହାନ, ୩ ସେନା ମୁଖ୍ୟ ଯଥା ସେନାର ଚିଫ୍ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ନୌସେନାର ଚିଫ୍ ଆଡ୍‌ମିରାଲ ଦିନେଶ୍ କେ ତ୍ରିପାଠୀ, ବାୟୁସେନା ମୁଖ୍ୟ ମାର୍ଶଲ ଅମରପ୍ରୀତ ସିଂହ ଉପସ୍ଥିତ ଥିଲେ । ସୂଚନା ଅନୁଯାୟୀ ପ୍ରଧାନମନ୍ତ୍ରୀ ଆତଙ୍କବାଦ ବିରୋଧରେ ସବୁ ପ୍ରକାର ପଦକ୍ଷେପ ନେବାପାଇଁ ଗ୍ରୀନ୍ ସିଗ୍‌ନାଲ୍ ଦେଇଛନ୍ତି । ଏହି ସମସ୍ୟା ଏବେ ଦେଶର ସମସ୍ୟା ହୋଇଛି । ଭାରତୀୟ ସେନା ଉପରେ ସେ ସମ୍ପୂର୍ଣ୍ଣ ବିଶ୍ୱାସ ପ୍ରକଟ କରିଛନ୍ତି ଏବଂ ଏମାନଙ୍କୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଇଛନ୍ତି । ଅପରେସନ୍‌ର ପଦ୍ଧତି, ଲକ୍ଷ୍ୟ ଓ ସମୟ କ'ଣ ରହିବ ସାହା ସେନା ସ୍ଥିର କରିବ । ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ସଂକ୍ରାନ୍ତୀୟ କ୍ୟାବିନେଟ୍ କମିଟି ବୈଠକର ଦିନକ ପୂର୍ବରୁ ଏହି ବୈଠକ ବସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ଜାତୀୟ ସୁରକ୍ଷାକୁ ନେଇ ଏହି ବୈଠକ ବସିବ । ଗତକାଲି ଜମ୍ମୁ-କାଶ୍ମୀରର ସୁରକ୍ଷା ସ୍ଥିତି ନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ଏହାପରେ ଆଜି ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଛି । ଏହି ବୈଠକ ପରେ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଓ ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭଗବତ ପହଞ୍ଚିଥିଲେ । ଉଭୟଙ୍କ ସହ ମଧ୍ୟ ପ୍ରଧାନମନ୍ତ୍ରୀ ବୈଠକ କରିଥିବା ଜଣାପଡିଛି ।

## ସଂସଦ...

ଗୁରୁତ୍ୱପୂର୍ଣ୍ଣ । ତେଣୁ ବିରୋଧୀ ଦଳ ବିଶ୍ୱାସ କରେ ଯେ ଏଥିପାଇଁ ସଂସଦର ଉଭୟ ଗୃହର ଏକ ସ୍ୱତନ୍ତ୍ର ଅଧିବେଶନ ଯଥାଶୀଘ୍ର ଡକାଯାଉ । ଏହା ଫଳରେ ମିଳିତ ଭାବେ ପ୍ରଭାବଶାଳୀ ଢ଼ଙ୍ଗରେ ଏହାର ମୁକାବିଲା କରାଯାଇପାରିବ । ପହଲଗାମ୍‌ରେ ନିରୀହ ଲୋକଙ୍କ ଜୀବନ ଯାଇଛି । ତେଣୁ ଆମେ ଆଶା ରଖିଛୁ ଯେ ଏହି ପଦକ୍ଷେପ ସରକାର ନେବେ ।

ସେହିଭଳି ରାହୁଲ ଗାନ୍ଧି ତାଙ୍କ ଚିଠିରେ ପ୍ରଧାନମନ୍ତ୍ରୀଙ୍କୁ ଉଲ୍ଲେଖ କରିଛନ୍ତି ଯେ ପହଲଗାମ୍ ଆକ୍ରମଣ ନେଇ ପ୍ରତ୍ୟେକ ଭାରତୀୟ କ୍ରୋଧିତ ଅଛନ୍ତି । ଭାରତ ଏହା ଦେଖିବା ଉଚିତ୍ ଯେ ଆତଙ୍କବାଦ ବିରୋଧରେ ଆମେ ସମସ୍ତେ ଏକାଠି ରହିଛୁ । ବିରୋଧୀ ଦଳ ବିଶ୍ୱାସ କରନ୍ତି ଯେ ଉଭୟ ଗୃହର ଅଧିବେଶନ ଡକାଗଲେ ଲୋକପ୍ରତିନିଧିମାନେ ସେମାନଙ୍କ ଏକତା ଓ ପ୍ରତିବଦ୍ଧତାକୁ ପ୍ରଦର୍ଶନ କରିବେ । ଯଥାଶୀଘ୍ର ଏହି ଅଧିବେଶନ ଡାକିବାକୁ ସେ ଉଲ୍ଲେଖ କରିଛନ୍ତି ।

# ପ୍ରଜ୍ଞାପୀଠରେ ୭୬ତମ ଅମାବାସ୍ୟା ଆସର

ଭଦ୍ରକ,।(ସବ୍ୟୁ): ସାହିତ୍ୟ ସଂସ୍କୃତି ସଂଗଠନ 'ଆମେ'ର ରୁକ୍ମିଣୀ ଅମାବାସ୍ୟା ଆସର ପାଳିତ ହୋଇଯାଇଛି। ବରିଣ୍ୟେ ଅଧିବକ୍ତା ଅଗଣି ଚରଣ ଜେନାଙ୍କ ସଭାପତିତ୍ୱରେ ମଂଚାସୀନ ଥିଲେ 'ଆମେ'ର ପୂର୍ବତନ ସଭାପତି ଲଲାଟେନ୍ଦୁ ମହାନ୍ତି,ଅବସରପ୍ରାପ୍ତ ଫେକର ଡିଜିଏମ୍ ଗଙ୍ଗାଧର ମଲ୍ଲିକ ଓ ମୁଖ୍ୟବକ୍ତା ଥିଲେ ଡ.କ୍ଷୀରୋଦ ଚନ୍ଦ୍ର ସାମଲ। ରୁକ୍ମିଣୀ ଅମାବାସ୍ୟାର ପୃଷ୍ଠଭୂମି ପ୍ରେମ ଉପରେ ପର୍ଯ୍ୟବେଶିତ ଥିବାରୁ 'ସାମ୍ପ୍ରତିକ ପ୍ରେମର ପରିଭାଷା' ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ତଥା ଆସରର ଆବାହକ ପ୍ରଫେସର ଅଟଳ ବିହାରୀ ନାୟକ ଆଲୋଚନାର ଅଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଆଲୋଚନାରେ ପ୍ରମୁଖ ବକ୍ତା ଭାବେ ଡ.ଗୋଲକ ବିହାରୀ ସାହୁ,ଅଶ୍ୱିନୀ କୁମାର ମହାନ୍ତି,ଅରୁଣ କୁମାର ରାୟ,ଅନୁଷ୍ଠାନର ସଭାପତି ଡ.ରାମଚନ୍ଦ୍ର ପଣ୍ଡା, ପ୍ର.ଶିବ ଚରଣ ଖାମୁରାଇ,ପ୍ରାଧ୍ୟାପିକା ଉଷାରାଣୀ ଜେନା ପ୍ରମୁଖ ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ଉପସଭାପତି ଜଗନ୍ନାଥ ରାଉତ,ସମ୍ପାଦକର ପ୍ରଭାର ପରିଡ଼ା,ସହସମ୍ପାଦକ ଅଧ୍ୟାପକ ଅମିତ କୁମାର ନାୟକ ସଭା କାର୍ଯ୍ୟ ପରିଚାଳନା କରିଥିଲେ। 'ଆମେ' ଅନୁଷ୍ଠାନର ମିଡ଼ିଆ ସେଲ୍ କର୍ମକର୍ତ୍ତା ପ୍ରତାପ କୁମାର ଦାସ ଓ ଶିବାନନ୍ଦ ଦାସ ଉତ୍ସବ ପରିଚାଳନାରେ ସହାୟତା କରିବା ସହିତ କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ପ୍ରତି ଦୃଷ୍ଟି ଆକର୍ଷଣ କରିଥିଲେ। ଯୁବକବି ଅଂଶୁମାନ ସାହୁ, ଯୁବ ସମାଜସେବୀ ରଜତ ସାହୁ ଏବଂ ଯୁବ ଗୀତିକାର ଅରୂପାନନ୍ଦ ନାୟକ,ଦିଲିପ କୁମାର ନାୟକ ସ୍ୱରଚିତ କବିତା ପାଠ କରିଥିଲେ। ଅମିତ କୁମାର ନାୟକ ଧନ୍ୟବାଦ ଅର୍ପଣ ପରେ ସଭାକାର୍ଯ୍ୟ ଶେଷ ହୋଇଥିଲା ।

**AFFIDAVIT**

By virtue of an affidavit sworn before Notary Public, Kendrapara , dated. 08/04/2025. I, Batakri Shna Sahoo, S/o- Gokharam Sahoo, Vill/Po- Thakurpatna Ps- Kendrapara Sadar, Dist- Kendrapara, Pin- 754250. Declare that I have changed my name from Batakrushna Sahoo to Batakri Shna Sahoo. Henceforth, I shall be known as Batakri Shna Sahoo for all purposes.

**AFFIDAVIT**

By virtue of an affidavit sworn before Notary Public, Kendrapara , dated 17/04/2025. I, Banambar Sethi, S/o- Raghu Sethi, Vill/Po- Purusottampur Ps- Kendrapara Sadar, Dist- Kendrapara, Pin- 754211. Declare that I have changed my name from Banna Shetty to Banambar Sethi. Henceforth, I shall be known as Banambar Sethi for all purposes.

S/d- Banambar Sethi

CAD- 172

**OFFICE OF THE MUNICIPAL COUNCIL, BARBIL**

"e"-Procurement Notice

BID REFERENCE MUNICIPALITY (BBLM-1/2025-26)

TENDER CALL NOTICE NO. 1237 / BBL MPLTY DATE. 23.042025

1. Name of the work:- **Civil construction works as mentioned in website.**
2. No. of work:- **09 (Nine)**
3. Bid value:- **Rs.2,85,000/- to Rs.25,84,000/-**
4. Period of completion:- **60-120 days**
5. Period of availability of tenders online:- **From 10.00 A.M. of 30.04.2025 to 5.00 P.M. of 13.05.2025**
6. Last Date & time of bidding online:- **5.00 P.M. of 13.05.2025**
7. Date & time of opening of Technical Bid:- **11.00 A.M. of dt.14.05.2025**
8. Name and address of the officer inviting bid:- **EXECUTIVE OFFICER, BARBIL MUNICIPALITY**

Further details can be seen from the procurement portal:- **www.tendersorissa.gov.in**

OIPR: 32155/11/0015/2526 — Sd/- Executive Officer, Barbil Municipality.

DEPUTY DIRECTOR,
NANDANKANAN ZOOLOGICAL PARK
P.O-BARANG, DIST-KHURDA, PIN-754005
PHONE-(M) 9437022023
Email: deputydirector.kanan@gmail.com

NANDANKANAN
Web: www.nandankanan.org

MM-16

e-PROCUREMENT NOTICE

Tender No. DD-NKN-_06_/PMU/NKZP-2025-26 Dt.25.04.2025

| | | | |
|---|---|---|---|
| 1 | Name of the work | : | Tender for supply and installation of MS Frame with chain link mesh and front glass for display area of Small Indian Civet enclosure inside Nandankanan Zoological Park for the year 2025-2026. |
| 2 | No. of works | : | 1(one) no. |
| 3 | Date of availability of bid document in the portal | : | 26.04.2025 |
| 4 | Last date for receipt of bids in the portal | : | 06.05.2025 up to 5.00 P.M. |
| 5 | Date of pre-Bid meeting | : | 2.05.2025 at 11.00 A.M. |
| 6 | Date of opening of Technical Bid (Cover-I) | : | 07.05.2025 at 11.00 A.M. |
| 7 | Name & Address of Officer Inviting Tender (OIT) | : | Deputy Director, Nandankanan Zoological Park, P.O-Barang, Dist- Khorda, Pin-754005. |

Further details can be seen from the e-procurement portal https//tendersodisha.gov.in

Sd/-
Deputy Director
Nandankanan Zoological Park

OIPR-08070/11/0074/2526

B-62

GOVERNMENT OF ODISHA

OFFICE OF THE SUPERINTENDING ENGINEER, GANJAM [R&B] DIVISION NO.II, BERHAMPUR

Phone/Fax: 0680-2233996, e-mail: sernb2.ganjam@gmail.com

INVITATION FOR BIDS (IFB) [e-Procurement]

**TENDER CALL NOTICE**

Bid Identification No. SC (R&B)-GM-II-01/2025-26 — No. 500/ Dated.23.04.2025

1) The Superintending Engineer, Ganjam [R&B] Division No.II, Berhampur on behalf of Governor of Odisha invites **percentage rate** bid in Single cover system to be received in **ONLINE MODE** only for the work as detailed below:
2) Nature of Work : Building work
3) No. of work : 03 Nos.
4) Tender Cost : Rs.6,000/-
5) Class of Contractor : 'D' Class & 'C Class
6) Availability of bid documents in the website : From 03.05.2025 10.00 AM to 15.05.2025 4.00 P.M.
7) Date of opening of Bid : 16.05.2025 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in
9) The bidders must submit all the original uploaded documents within 03 days from opening of the tender.

OIPR: 34080/11/0014/2526 Sd/- (S. Panigrahi) Superintending Engineer Ganjam (R&B) Division No.II

CAD- 254

GOVERNMENT OF ODISHA

Office of the Project Administrator, ITDA, Th.Rampur at Bhawanipatna.

e-procurement notice

Letter No: 795 / — Date: 25.04.2025

The Project Administrator, ITDA, Thuamul Rampur at Bhawanipatna invites percentage rate of BIDs through e-Procurement for various civil works. BID documents consisting of details of work, estimated cost, cost of tender paper, EMD, time of completion, class of contractor, set of terms and conditions and other necessary documents can be seen in the website www.tendersodisha.gov.in. The bidder should have necessary portal enrolment with his / her own Digital Signature Certificate (DSC).

1. No. of works : **5**
2. Nature of work : **Civil construction**
3. BID identification No. : **ITDA.THR-01/2025-26**
4. Date and Time of availability of Bid document in portal: from **11.00 A.M. of 28.04.2025 to 07.05.2025** up to **5.00 PM** for online biding.
5. Last date & time for receipt of BIDs in portal: **07.05.2025 up-to 5.00 P.M.**
6. BIDs received online shall be opened on: **13.05.2025 at 11.00 A.M.**
7. Name and address of the officer: Project Administrator, ITDA, Th.Rampur at Bhawanipatna

OIPR: 19113/11/0007/2526 — Sd/- Project Administrator, ITDA, Th. Rampur, Bhawanipatna.

# ଦୋବଲ ବଜାରରେ ଡ୍ରେନ ନିର୍ମାଣ ନିମ୍ନମାନର

ଦୋବଲ,(ସବ୍ୟୁ):ଦୋବଲ ବସଷ୍ଟାଣ୍ଡ ବଜାର ଠାରୁ କାଳୀ ପଡ଼ିଆ ଯଜ୍ଞ ମଣ୍ଡପ ପର୍ଯ୍ୟନ୍ତ ନିର୍ମାଣ ହେଉଥିବା କଂକ୍ରିଟ ଡ୍ରେନର ସ୍ଥାୟୀତ୍ୱ ନେଇ ପ୍ରଶ୍ନ ଉଠିଛି। ଆଗାମୀ ବର୍ଷା ଋତୁ ପାର୍ କରିବ କି ନାହିଁ, ସେନେଇ ସନ୍ଦେହ ହେଉଛି। କାମଟି ଅତ୍ୟନ୍ତ ନିମ୍ନମାନର ହେଉଅଛି। ଡ୍ରେନ ୱାଲରେ ରଡ୍ ବାଇଣ୍ଡି ଠିକ୍ କରାଯାଉନାହିଁ। କଂକ୍ରିଟର ଅନୁପାତ ମଧ୍ୟ କମ୍ ରହୁଛି। କାଳୀବଜାରରୁ ଦୋବଲ ବଜାର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ସହ ଡ୍ରେନ ନିର୍ମାଣ ଲାଗି ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଟେଣ୍ଡର ଆହ୍ୱାନ ହୋଇଥିଲା। ବହୁ ବାଦ ବିବାଦ ପରେ ଠିକାଦାର ପ୍ରଥମେ ଡ୍ରେନ ନିର୍ମାଣ କରୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ହାଟ ବଜାରରେ ଡ୍ରେନ ନିର୍ମାଣ ହୋଇଯାଇଛି। ସ୍ଥାନୀୟ ଲୋକେ ଜଗାରଖା କରିବାରୁ ଠିକାଦାର ଏଠାରେ ଭଲ କାମ କରିଛନ୍ତି। ଡ୍ରେନର ଦୁଇ ପାଖର ୱାଲ ୮ ଇଂଚ ରହିବା କଥା। ହାଟ ବଜାର କ୍ଷେତ୍ରରେ ୮ ଇଂଚ ରହିଛି। ସେଟ୍ରିଂ ଯୋଗୁଁ କାଁ ଭାଁ ୭ଇଂଚ ହୋଇଛି। ହେଲେ ଡ୍ରେନର ୱାଲରେ ପ୍ରତି ୬ ଇଂଚ ବ୍ୟବଧାନରେ ମେନ୍ ବାର ଛିଡ଼ା ହେବା କଥା ଓ ପ୍ରତି ୮ ଇଂଚରେ ଡିଷ୍ଟ୍ରିବ୍ୟୁସନ ବାର ଦେବା କଥା। ହେଲେ ଠିକାଦାର ମନଇଛା ବାର୍ ବାଇଣ୍ଡିଂ ସିଡ୍ୟୁଲ ବା ରଡ୍ ବାଇଣ୍ଡି କରୁଛନ୍ତି। କେଉଁଠି ୧୦ ଇଂଚ ତ କେଉଁଠି ୧ ଫୁଟ୍ ଦୂରରେ ରଡ୍ ଛିଡ଼ା କରୁଛନ୍ତି। ସେମିତି ୩ଫୁଟ୍ ଗଭୀରର ଡ୍ରେନରେ ମଝିରେ ମାତ୍ର ଗୋଟିଏ ରଡ୍ ଶୋଇ ଦିଆଯାଉଛି। କେବଳ ଏତିକି ନୁହେଁ, ଡ୍ରେନର ଡିଜାଇନ୍ ଓ ସ୍ପେସିଫିକେସନ ଅନୁସାରେ ୧୨ ଏମ୍‌ଏମ୍ ମେନବାର ଓ ୮ ଏମ୍‌ଏମର ଡିଷ୍ଟ୍ରିବ୍ୟୁସନ ବାର୍ ରହିବା କଥା। ଡ୍ରେନ ୱାଲରେ ଡବଲ ମେନ୍ ବାର ରହିବା କଥା। ହେଲେ ଠିକାଦାର ଗୋଟିଏ ଲେଖାଏଁ ମେନ୍ ବାର୍ ଦେଉଛନ୍ତି। ସେହିପରି ପିସିସି,ଡ୍ରେନ୍ ରାଫ୍ଟ ଓ ଡ୍ରେନ ୱାଲ ପାଇଁ କଂକ୍ରିଟ ମଧ୍ୟ ନିମ୍ନମାନର ହେଉଅଛି। ବର୍ଷା ଦିନେ ଏଠାରେ ପାଣି ଜମି ରହେ। ଆଉ ଏହାକୁ ଦେଖିଲେ ଡ୍ରେନରେ ଜଳ ପ୍ରବାହର ଗତି କ୍ଷୀପ୍ର ମଧ୍ୟ ରହିବ। ଏଣୁ ଡ୍ରେନର ସ୍ଥାୟୀତ୍ୱକୁ ଦେଖି ଏଠାରେ ମିକ୍ସ ଡିଜାଇନ ଓ ଏମ୍ ୩୫ ଗ୍ରେଡର କଂକ୍ରିଟ ବ୍ୟବହାର ହେବା କଥା। ହେଲେ ଠିକାଦାର ମନଇଚା କାମ କରୁଛନ୍ତି। ସିମେଣ୍ଟ,ଆଗ୍ରିଗେଟ ଓ ବାଲି ଭିତରେ ଅନୁପାତ ଠିକ୍ ରହୁନାହିଁ। ଗୋଟିଏ ସିମେଣ୍ଟରେ ୪ଟା ଚିପ୍ସ ଓ ୬ଟା ବାଲି ଦେଉଛନ୍ତି। ଫଳରେ କଂକ୍ରିଟ ଅତି ନିମ୍ନମାନର ହେଉଛି। ତା ସହିତ ନିର୍ମାଣ ପରେ ପାଣି ମଧ୍ୟ ଦିଆଯାଉନାହିଁ ଏଣୁ ଏହା ବର୍ଷା ଦିନେ ଭୁଶୁଡ଼ି ପଡ଼ିବାର ଆଶଙ୍କା ରହିଛି।

**AFFIDAVIT**

By virtue of an affidavit sworn before Notary Public, Kendrapara, dated. 11/04/2025. I, Rituparna Prusty, D/o- Kulamani Prusty, Vill- Ambura, Po- Belarpur Ps- Derabish, Dist- Kendrapara, Pin- 754250. Declare that I have changed my name from Rutupurna Prusty to Rituparna Prusty. Henceforth, I shall be known as Rituparna Prusty for all purposes.

**AFFIDAVIT**

By virtue of an affidavit sworn before Notary Public, Bhubaneswar dated 28/04/2025 I, **HARAPRASAD MISRA**, resident of 526/1177, Pokhariput, Bhubaneswar, Dist. Khorda, Odisha, PIN-751020 have changed my name from HARA PRASAD MISHRA to **HARAPRASAD MISRA.** Henceforth,I shall be known as HARAPRASAD MISRA for all purposes

HARAPRASAD MISRA

**AFFIDAVIT**

I, Sanghamitra Mohanty, Aged (39), W/o- Mr. Rudhi Sundar Mohanty, Resident of Vill- Mayurjhalia, Po- Mayurjhalia, Ps- Ranpur, Hal P.S- Chandapur, Dist- Nayagarh, Odisha. Declare that i have changed my name from Sanghamitra Mohanti to Sanghamitra Mohanty. Henceforth, she shall be known as Sanghamitra Mohanty for all purposes.

Sd/- Sanghamitra Mohanty

**AFFIDAVIT**

I, Puja Choudhary, C/O Ajay Kumar Choudhary Ramachandrapur bazar, near bus stand, Jatani, Khorda, Odisha, 752050. Declare by this affidavit No- 70AA 239884, Date. 28/04/2025. That Ajay Choudhary, Ajay Kumar Choudhury and Ajay Kumar Choudhary is one and same person i,e my father.

A-85

GOVERNMENT OF ODISHA.
DEPARTMENTOF WATER RESOURCES
Office of the Addl. Chief Engineer
Mechanical Circle, Bhubaneswar
Email Address: semechcircle104@gmail.com
e-Procurement Notice
Bid Identification No.- ACEM/MDL-04/2025-26

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : ACEM/MDL-04/2025-26
5. Estimated Cost : Rs.12,20,490/02
6. Period of Completion : (Two) calendar months.
7. Date & time of availability of bid documents in the Portal : From dt.28.04.2025(10.00 AM) to dt.08.05.2025(5.30 PM)
8. Last date/ time for receipt of bid In the Portal : dt.08.05.2025 (up to 5.30 PM)
9. Date and Place of opening of Bid : dt.09.05.2025(12.00 Noon onwards in the O/O the undersigned)
10. Name of the Officer inviting bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-procurement portal **https:// tendersodisha.gov.in.** Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Sd/- Addl. Chief Engineer,
Mechanical Circle
Bhubaneswar

OIPR: 32405/11/0049/2526

CAD- 245

obcc

ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ
ODISHA BRIDGE & CONSTRUCTION CORPORATION LIMITED
(A Govenment of Odisha Undertaking under Works Department)

No. 4202 — Date. 24.04.2025
File: SMT-1738 (Vol-II)

NOTICE INVITING TENDER

| Sl. No. | Name of work | Bid Identification No. | Date of availability of bid document in e-procurement portal | Last date and time of receipt of online bid | Bid Processing Fee (Online mode) | Period of Completion | Class of Contractor |
|---|---|---|---|---|---|---|---|
| 1 | "Additional works on Development / Upgradation of Existing Fishing Harbour at Dhamara in Bhadrak District" | 08/Tender/ OBCC/ 2025-26 | From 25.04.2025 | On or before 5:00 PM of 09.05.2025 | ₹22,000/- (Including GST) | 12 (Twelve) Calendar Months | 'Special' Class or 'Super' Class |

5. Further details with any addendum, corrigendum, cancellation can be seen from the e-procurement portal https://www.tendersodishaa.gov.in
6. OBCC has the right to accept or reject the Notice/RFP without assigning any reasons thereof.

OIPR: 34161/11/0020/2526 — Sd/- EIC-com-Managing Director

# ବିଖଣ୍ଡିତ ଓଡ଼ିଶା ନୁହଁ, ଭାଷାଭିତ୍ତିକ ପୂର୍ଣ୍ଣ ଓଡିଶା ଲୋଡ଼ା

ଭଦ୍ରକ,(ସବ୍ୟୁ):ଉତ୍କଳ ସମ୍ମିଳନୀ ଭଦ୍ରକ ଜିଲ୍ଲା ଶାଖା ଦ୍ୱାରା ଆଜି ଓଡ଼ିଶାର ବରପୁତ୍ର,ପ୍ରଥମ ଓଡ଼ିଆ ଗ୍ରାଜୁଏଟ,ଉତ୍କଳଗୌରବ ବାରିଷ୍ଟର ମଧୁସୂଦନ ଦାସଙ୍କ ୧୭୮ତମ ଜନ୍ମଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଉତ୍କଳ ସମ୍ମିଳନୀ ଭଦ୍ରକ ଶାଖାର ସମ୍ପାଦକ ଅଜୟ ନାୟକ ଆବାହକତ୍ୱରେ ଓ ସଭାନେତ୍ରୀ ପ୍ରାଧ୍ୟାପିକା ଝରଣା ପଟ୍ଟନାୟକଙ୍କ ସଭାପତିତ୍ୱରେ ଏହି ଉତ୍ସବ ଆୟୋଜିତ ହୋଇଥିଲା ଓ ପୁରୁଣା କୋର୍ଟ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ସେଠାରେ ଏକ ପଥପ୍ରାନ୍ତ ସଭାର ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ସ୍ତମ୍ଭକାର ଡକ୍ଟର ପ୍ରଫୁଲ୍ଲ ସାହୁ ଯୋଗଦେଇ ବିଖଣ୍ଡିତ ଓଡିଶା ନୁହଁ ବରଂ ଓଡ଼ିଆ ଭାଷାଭାଷୀ ଅଂଚଳକୁ ନେଇ ପୂର୍ଣ୍ଣାଙ୍ଗ ଓଡିଶା ଗଠନ ହେଉ ବୋଲି ଦାବି ରଖିଥିଲେ। ସୀମାନ୍ତରେ ଯେଉଁ ପରିବାର ଓଡ଼ିଆ ଭାଗବତ ଓ ଓଡ଼ିଆ ମାଣବଶା ଗୁରୁବାର ବହି ପଢୁଛନ୍ତି,ସେମାନଙ୍କୁ ଓଡିଶାରେ ଅନ୍ତର୍ଭୁକ୍ତ କରାଯିବାକୁ ଦୃଢ଼ ଦାବି ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ସଙ୍ଘର ସଭାପତି କୈଳାଶ ମହାପାତ୍ର,ଲଲାଟେନ୍ଦୁ ମହାନ୍ତି,ଗାନ୍ଧୀ ବିଚାର ମଂଚର ଭଦ୍ରକ ଜିଲ୍ଲା ସଭାପତି ଶାନ୍ତନୁ ରାଉତ,ଅଧିବକ୍ତା ଗଦାଧର ବଳ,ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡକ୍ଟର ରାଧାରାଣୀ ମହାପାତ୍ର,ଅଧ୍ୟାପକ ଲଲାଟେନ୍ଦୁ ମଲ୍ଲିକ,ଅବସରପ୍ରାପ୍ତ ଶିକ୍ଷକ ବାଦଲ ମହାପାତ୍ର,ସର୍ବୋଦୟ ସଙ୍ଘର ନେତା ଅମର ପାଣିଗ୍ରାହୀ ପ୍ରମୁଖ ନିଜ ନିଜର ସୁଚିନ୍ତିତ ମତ ରଖିଥିଲେ। ଉତ୍କଳ ସମ୍ମିଳନୀ ଭଦ୍ରକ ଶାଖାର କୋଷାଧ୍ୟକ୍ଷ ବାବୁଲାଲ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଲୋଚନ ବେହୁରିଆ,ଶିକ୍ଷୟତ୍ରୀ ଜୟନ୍ତୀ କରଶର୍ମା,ଲକ୍ଷ୍ମୀକାନ୍ତ ବାରିକ,ବିବେକାନନ୍ଦ ଦତ୍ତ,ଗୀତାରାଣୀ ଆଇଚ,ସନାତନ ସାହୁ ପ୍ରମୁଖ ଉପସ୍ଥିତ ରହି ମଧୁ ବାବୁଙ୍କ ଶ୍ରଦ୍ଧା ସୁମନ ଅର୍ପଣ କରିଥଲେ ।

C-182

MUNICIPAL OFFICE, JHARSUGUDA.

E-Procurement Notice

Tender Call Notice No. 1527 / JM Dt. 23.04.2025

BID Documents consisting of Work, Estimated Cost, Cost of tender paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tenderodisha.gov.in

1. Tender Reference : **EO/JMC701/2025-26**
2. Tender ID "No. : **2025_ORULB_U2765**
3. Name of the Work : **Civil Construction works as mentioned in website.**
4. No. of works : **As per DTCN.**
5. Estimated Cost : **As per DTCN.**
6. Date & Time of availability of Bid Documents in the Portal : **28.04.2025 at 06.00 PM**
7. Last date & time for receipt of bids in the portal : **08.05.2025 at 06.00 PM**
8. Bids received online shall be opened on : **09.05.2025 at 12.30 PM**
9. Name and address of the Officer inviting : Executive Officer, Jharsuguda Municipality.
10. Further details can be seen from the procurement portal i.e. **www.tenderodisha.gov.in**

Sd/- Executive Officer
Jharsuguda Municipality.

OIPR: 13165/11/0065/2526

O-92

OFFFICE OF THE SUPERINTENDING ENGINEER
R.W.S &S MECHANICAL DIVISION
D2/24 MANCHESWAR INDUSTRIAL ESTATE, BHUBANESWAR-10
E-mail eemrwssbbsr9@gmail.com

TENDER CALL NOTICE NO. 01 of 2025-26

The Superintending, RWS&S Mech. Division, Bhubaneswar on behalf Of the Governor of Odisha invites, sealed tender from interested reputed Travel Agencies / Tour Operators / private individuals for providing the following type of AC (Petrol / Diesel) vehicles for official use which shall confirm to the Terms and Conditions (Appendix-A & Annexure-II) on monthly rent basis as per the following details.

| Sl. No. | Nature of work | 1. Hiring of Vehicle for Office use of the A.C.E, RWS&S, PMD&I, Circle, Bhubaneswar.( Zest/Tigor/Swift Dzire/Xcent/Etios (Petrol)/equivalent (seating capacity not less than 5 nos) |
|---|---|---|
| 1. | No. of works: | 01 (one) |
| 2. | Time for Deployment | two Years |
| 3. | Cost of bidding document | Rs.1000/- |
| 4. | Class of Con tractors eligible | Reputed Travel Agencies / Tour Operators / Private individuals |
| 5. | Availability of bids in the office Superintending Engineer, RWS&S Mech. Division, Bhubaneswar/ Odisha Govt. website khordha.odisha.gov.in | From (dt. 29.04.2025 (10.00 A.M) to dt. 09.05.2025 (1.00 P.M) |
| 6. | Last date and time for submission of Quotation papers in the Tender box kept in the Office of the Superintending Engineer, RWS&S Mech. Division, Bhubaneswar | Dt. 09.05.2025 (1.00 P.M) |
| 7. | Date & Time of opening of bids | on dt. 09.05.2025 (3.00 P.M) in the Office of the Superintending Engineer, RWS&S Mech. Division, Bhubaneswar. |

Subsequent corrigendum if any shall display in the Office Notice Board.

OIPR: 25041/11/0017/2526 Sd/- Superintending Engineer, RWS&S Mechanical Division Bhubaneswar

# ବେଳାଭୂମିର ପୂର୍ବାଶା ପୁସ୍ତକ ଲୋକାର୍ପିତ

ବାସୁଦେବପୁର,(ସବ୍ୟୁ):ବାସୁଦେବପୁର ପୌରପାଳିକାର ରାଣୀ କୌଳାସ ଶିଖର କଲ୍ୟାଣ ମଣ୍ଡପ ପରିସରରେ ବେଳାଭୂମି ସାହିତ୍ୟ ଓ ପ୍ରତିଭା ପୂଜା ପରିଷଦ ପକ୍ଷରୁ ପୂର୍ବାଶା ପୁସ୍ତକର ଲୋକାର୍ପିତ ହୋଇଯାଇଛି। ଆୟୋଜିତ ସଭାର ସୁଧାଂଶୁ ଶେଖର ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ କୁମାର ନାୟକ,ପାଳିଆବିନ୍ଧା ବିଏନଏମ କଲେଜର ଓଡିଆ ବିଭାଗ ମୁଖ୍ୟ ଡଃ.ବିଶ୍ୱରଞ୍ଜନ ଦାସ,ଶିକ୍ଷାବିତ ଅଭିମନ୍ୟୁ ବେହେରା,ପ୍ରାକ୍ତନ ଅଧ୍ୟକ୍ଷ ରତ୍ନାକର ବାରିକ,ସମ୍ପାଦକ ନିରଞ୍ଜନ ବିଶ୍ୱାଳ ଯୋଗଦେଇ ଉଦବୋଧନ ଦେଇଥିଲେ। ଅନୁଷ୍ଠାନର ମୁଖପତ୍ର ପୂର୍ବାଶା ପୁସ୍ତକକୁ ଲୋକାର୍ପିତ କରିଥିଲେ। ନିରଞ୍ଜନ ବିଶ୍ୱାଳଙ୍କ ସ୍ୱରଚିତ ଫେରାଇ ଆଣିବା ରାମ ରାଇଜ ପୁସ୍ତକ ଲୋକାର୍ପିତ ହୋଇଥିଲା।

**ଦ.ପୂ. ରେଳପଥ-ଟେଣ୍ଡର**

**ଆଇଆରଇପିଏସ୍ ଟେଣ୍ଡର ନଂ: ଟିଆର୍‌ଏସ୍-ଆରଓୟୁ-୦୩-୨୦୨୫-୨୬ ତାରିଖ ୨୬.୦୪.୨୦୨୫।** ନିମ୍ନସୂଚିତ କାର୍ଯ୍ୟ ପାଇଁ ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିଅର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିଅର, ଇଲେକ୍ଟ୍ରିକ୍ ଲୋକୋ ସେଡ୍, ରାଉରକେଲା ଦ.ପୂ ରେଳପଥଙ୍କ ଦ୍ୱାରା ଓପନ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଏହି ଟେଣ୍ଡର ଲାଗି ମାନୁଆଲ ଅଫରକୁ ଅନୁମତି ନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ। **କାର୍ଯ୍ୟର ବିବରଣୀ:** ୩-ଫେଜ ଇଲେକ୍ଟ୍ରିକ୍ ଲୋକୋ ମୋଟିଭ୍‌ସର କ୍ୟାବ୍‌ରେ ଥର୍ମାଲ ଇନ୍‌ସୁଲେସନ ବ୍ୟବସ୍ଥା ସହିତ ଏୟାର କଣ୍ଡିସନର ରେଟ୍ରୋ ଫିଟ୍‌ମେଣ୍ଟ/କମିଶନିଂ । **କାର୍ଯ୍ୟର ଆନୁମାନିକ ମୂଲ୍ୟ :** ୪୭,୯୫,୫୨୦/-। **ଅମାନତ ଅର୍ଥ:** ଟ. ୯୫,୯୦୦/-। **ଇ-ଟେଣ୍ଡରର ବନ୍ଦ ତାରିଖ ଓ ସମୟ:** ୨୬.୦୫.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକା। **ୱେବ୍‌ସାଇଟ ବିବରଣୀ ଏବଂ ସର୍ବଶେଷ ତଥ୍ୟ : http:// www.ireps.gov.in.** ଇଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ଉପରସୂଚିତ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ ।

(PR- 94)

C-187

Tel. : 06814-295053
(E-mail): dgp_nac@yahoo.com

NOTIFIED AREA COUNCIL, DIGAPAHAN
GANJAM, ODISHA. PIN-761012

Letter No: .931/DIGNAC — Date: 25.04.2025

E-Procurement Notice

BID IDENTIFICATION NO: DIGNAC-02/2025-26
TENDER ID-2025 ORULB 112815

| | | |
|---|---|---|
| 01 | PROCUREMENT OFFICER-PUBLISHER / OFFICER INVITING THE TENDER / BIDS (OIT) | EXECUTIVE OFFICER NAC DIGAPAHANDI |
| 02 | NAME OF THE WORKS / PACKAGES | INDIVIDUAL CIVIL CONSTRUCTION WORKS AS PULISHED IN THE WEBSITE |
| 03 | NOS. OF WORKS | 28NO'S |
| 04 | DATE & TIME OF AVAILABILITY OF BID DOCUMENTS IN THE PORTAL | FROM 11.00 HOURS OF DTD 26/04/2025 TO 13.00 HOURS OF DTD. 16/05/2025 |
| 05 | LAST DATE/ TIME FOR RECEIPT OF BIDS IN THE PORTAL (SUBMISSION OF TECHNICAL BIDS & FINANCIAL BIDS) | 13.00 HOURS OF DTD. 16/05/2025 |
| 06 | DATE & TIME OF OPENING OF THE BIDS | 11.00 AM hrs. onwards on dtd. 17.05.2025 (IF ANY HOLIDAY, THEN THE TENDER WILL BE OPENED ON NEXT WORKING DAY) |

N.B: Further more details can be seen in the DTCN available in the e-Procurement portal i.e. https://tendersorissa.gov.

Sd/- Executive Officer
NAC, Digapahandi,Ganjam

OIPR: 13117/11/0019/2526

OFFICE OF THE PANCHAYAT SAMITI, PATRAPUR

DETAIL TENDER CALL NOTICE No. 01/2025-26 — e-mail:- ori-patrapur@nic.in

I- The Block Development Officer, Patrapur invites sealed percentage rate tenders in single cover system on behalf of Governor of Odisha from registered and eligible class of civil contractor of the state P W D (R&B)/Water Resources/Rural Works/M.I/C.P.W.D for the following work eventually to be drawn up in the P.W.D. F-2 forms in conformity with the Detailed Tender Call Notice.

| Sl no. | Name of the Work | Value of work(inRs) | EMD in Rs. | Cost of Tender paper (Non-Refundable) | Class of Bidder | Period of completion |
|---|---|---|---|---|---|---|
| 01 | Construction of Addl. Class room at Baligaon, P.S under Tumba G.P | 1318006/- | 13181/- | 6000/- | 'D' & 'C' Class | 6 (Six) Calendar month |
| 02 | Construction of Addl. Class room at Thanagaon P.S under Tumbagada G.P | 1318006/- | 13181/- | 6000/- | 'D' & 'C' Class | 6 (Six) Calendar month |
| 03 | Construction of Addl. Class room at Jarada P.S Under Jaradagada G.P | 1318006/- | 13181/- | 6000/- | 'D' & 'C' Class | 6 (Six) Calendar month |
| 04 | Construction of Addl. Class room at Bishnu Priya Bidyapitha at Kelua under Padadigi G.P | 1435958/- | 14360/- | 6000/- | 'D' & 'C' Class | 6 (Six) Calendar month |
| 05 | Construction of Addl. Class room at Mahadeipur UPS under Ambapur G.P | 1318006/- | 13181/- | 6000/- | 'D' & 'C' Class | 6 (Six) Calendar month |
| 06 | Construction of GPLF Office building with Market Complex at Jarada | 2407272/- | 24073/- | 6000/- | 'C' & 'B' Class | 6 (Six) Calendar month |

1. Date of sale of tender papers : 30.04.2025
2. Last date of receipt of Tender papers : 14.05.2025
3. Date of opening of Tender papers : 15.05.2025
4. For more details and terms & conditions, please visit www.ganjam.nic.in

Yours faithfully
Block Development Officer,
patrapur.

OIPR-19098/11/0004/2526

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।



ନବୀନ ନିବାସ ଠାରେ କାମାକ୍ଷାନଗର ଏନ୍‌ଏସି ଚେୟାରମ୍ୟାନ୍, କାଉନ୍‌ସିଲର ଓ ବିଜେଡ଼ି ନେତାମାନେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ଶୁଭେଚ୍ଛା ଜଣାଉଛନ୍ତି ।

## ରାଜପଥରେ ଟ୍ରକ ଦୁର୍ଘଟଣା, ଚାଳକ ଓ ଖଲାସୀ ଆହତ

ପାଣିକୋଇଲି,(ସ ବ୍ୟୁ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସଠିପୁର ନିକଟରେ ଆଜି ଭୋରୁ ଏକ ଟ୍ରକ ଭାରସାମ୍ୟ ହରାଇ ପୋଲ ତଳକୁ ଖସିବା ଅବସ୍ଥାରେ ଅଟକି ରହିବାରୁ ଚାଳକ ଓ ଖଲାସୀ ଆହତ ହୋଇଛନ୍ତି । ପ୍ରକାଶଯେ ବୋକାରରୁ ଯାଜପୁରରୋଡ ଅଭିମୁଖେ ଏକ ୧୪ ଚକିଆ ଟ୍ରକ ଆସୁଥିବା ବେଳେ ସଠିପୁର ପୂର୍ବ ବ୍ରିଜ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ ଡ୍ରେନରେ ଚଢି ପୋଲ ତଳକୁ ଖସିଯିବା ବେଳେ ଝୁଲି ରହିଥିଲା । ଫଳରେ ଚାଳକ ଓ ଖଲାସି ଆହତ ହୋଇଥିଲେ । ବିହାର ରାଜ୍ୟର ଚାଳକ ମନିଶ ଯାଦବ ଓ ଖଲାସୀ ନିଲେଶ ଯାଦବ ଆହତ ହୋଇଥିଲେ । ଘଟଣାସ୍ଥଳେ ରାଜପଥ ପେଟ୍ରୋଲିଂଗ ଅଧିକାରୀ ଅଶୋକ କୁମାର ବଳ ପହଂଚି ପ୍ରାଥମିକ ଚିକିତ୍ସା କରାଇ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ଘଟଣାସ୍ଥଳେ ପାଣିକୋଇଲି ପୁଲିସ ପହଂଚି ତଦନ୍ତ ଜାରି ରଖିଛି ।

### ଗ୍ରାହକ ସେବାକୁ ସୁଦୃଢ଼ କରିବା ପାଇଁ

## ୧୫୦୦ ସ୍ଥାନୀୟ ବ୍ୟାଙ୍କ ଅଧିକାରୀଙ୍କୁ ନିଯୁକ୍ତି ଦେଲା ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ

ଭୁବନେଶ୍ୱର (ସବ୍ୟୁ): ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଗ୍ରାହକ ସେବାକୁ ବଢ଼ାଇବା ଏବଂ ସ୍ଥାନୀୟ ସମୁଦାୟ ମାନଙ୍କ ସହିତ ଏହାର ସମ୍ପର୍କକୁ ସୁଦୃଢ଼ କରିବା ନିମନ୍ତେ ଜାରି ରହିଥିବା ପ୍ରତିବଦ୍ଧତାର ଅଂଶସ୍ୱରୂପ ବିଭିନ୍ନ ରାଜ୍ୟରେ ୧,୫୦୦ ସ୍ଥାନୀୟ ବ୍ୟାଙ୍କ ଅଧିକାରୀଙ୍କୁ ସଫଳତାର ସହ ନିଯୁକ୍ତି ଦେଇଛି। ଆଂଚଳିକ ଭାଷାରେ ଅଧିକାରୀଙ୍କ ଦକ୍ଷତାର ଉପଯୋଗ କରି ଉତ୍ତମ ଗ୍ରାହକ ଅନୁଭୂତି ପ୍ରଦାନ କରିବା ଏହି ରଣନୈତିକ ପଦକ୍ଷେପର ଲକ୍ଷ୍ୟ । ନବନିଯୁକ୍ତ ସ୍ଥାନୀୟ ବ୍ୟାଙ୍କ ଅଧିକାରୀମାନେ ଗ୍ରାହକ ସମ୍ପର୍କକୁ ସୁଦୃଢ଼ କରିବା, ଶାଖା ପରିଚାଳନାକୁ ପ୍ରଭାବଶାଳୀ ଭାବରେ ପରିଚାଳନା କରିବା ଏବଂ ସ୍ଥାନୀୟ ଭାଷା ଏବଂ ସଂସ୍କୃତି ସହିତ ସେମାନଙ୍କ ପରିଚୟକୁ ବ୍ୟବହାର କରି ବ୍ୟାଙ୍କର ଉତ୍ପାଦ ଏବଂ ସେବାଗୁଡ଼ିକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ । ସେମାନଙ୍କ ଉପସ୍ଥିତି ଯୋଗାଯୋଗ ବ୍ୟବଧାନକୁ ଦୂର କରିବ, ଯାହାଦ୍ୱାରା ଗ୍ରାହକମାନଙ୍କ ପାଇଁ ସହଜ ଏବଂ ଅଧିକ ବ୍ୟକ୍ତିଗତ ବ୍ୟାଙ୍କିଂ ଅନୁଭୂତି ସହଜ ହେବ ବାଲି ଆଶା କରାଯାଉଛି । ସେମାନଙ୍କ ଭୂମିକାରେ, ସ୍ଥାନୀୟ ବ୍ୟାଙ୍କ ଅଧିକାରୀମାନେ ଗ୍ରାହକମାନଙ୍କୁ ବ୍ୟାଙ୍କିଂ କାରବାର, ଆକାଉଂଟ ପରିଚାଳନାରେ ସାହାଯ୍ୟ କରିବେ ଏବଂ ସେମାନଙ୍କୁ ଦିଆଯାଇଥିବା ବିଭିନ୍ନ ପରିଚାଳନା ଦାୟିତ୍ୱ ତୁଲାଇବା ସହିତ ଆର୍ଥିକ ନିଷ୍ପତ୍ତି ଉପରେ ମାର୍ଗଦର୍ଶନ ପ୍ରଦାନ କରିବେ । ସ୍ଥାନୀୟ ବ୍ୟାଙ୍କ ଅଫିସର ନିଯୁକ୍ତି ୟୁନିୟନ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଗ୍ରାହକ ସେବା ଉତ୍କର୍ଷତାକୁ ବୃଦ୍ଧି କରିବ ଏବଂ ଉତ୍ତମ ସ୍ଥାନୀୟ ଯୋଗାଯୋଗ ମାଧ୍ୟମରେ ବ୍ୟବସାୟ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ବ୍ୟାପକ ପ୍ରୟାସରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

## ହାଇଟେକ୍ ଗ୍ରୁପ୍‌ର ବିଶ୍ୱରାଜ୍ ପାଣିଗ୍ରାହୀ ସମ୍ମାନିତ



ଭୁବନେଶ୍ୱର (ସବ୍ୟୁ): ଶିକ୍ଷା ଓ ସ୍ୱାସ୍ଥ୍ୟକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣି ଓଡିଶାରେ ଏକ ସ୍ୱତନ୍ତ୍ର ଦିଶା ଦେଖାଇଥିବା ହାଇଟେକ ଗ୍ରୁପ୍ କେବଳ ଓଡିଶା ନୁହେଁ, ଆନ୍ଧ୍ରପ୍ରଦେଶରେ ମଧ ମେଡିକାଲ୍ ଶିକ୍ଷାର ପ୍ରଚାର ପ୍ରସାର କରାଇ ଏକ ସ୍ୱତନ୍ତ୍ର ଭୂମିକା ନିର୍ବାହ କରିଥିବାରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ହାଇଟେକ୍ ଗ୍ରୁପ୍‌କୁ ସାଧୁବାଦ୍ ଜଣାଇବା ସହିତ ବିଶ୍ୱରାଜ ପାଣିଗ୍ରାହୀଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରିଛନ୍ତି । ଏହି ସମ୍ମାନ ହାଇଟେକ୍ ଗ୍ରୁପ୍‌ର କେବଳ ନୁହେଁ, ଏହା ଓଡିଶାବାସୀଙ୍କର ସମ୍ମାନ ବୋଲି ବିଶ୍ୱରାଜ ପାଣିଗ୍ରାହୀ କହିଥିବାବେଳେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧକ୍ଷ ଡଃ ତିରୁପତି ପାଣିଗ୍ରାହୀ ଏବଂ ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ଶୁରେଶ କୁମାର ପାଣିଗ୍ରାହୀ ମନ୍ତ୍ରୀଙ୍କୁ ଧନ୍ୟବାଦ୍ ଦେଇ ଆଗାମୀ ଦିନରେ ଏହି ଧାରାକୁ ବଜାୟୀ ରଖିବେ ବୋଲି ପ୍ରତିଶୃତି ଦେଇଛନ୍ତି ।

### ପାକିସ୍ଥାନୀ ନାଗରିକ ରେଜିଆ ସୁଲତାନାଙ୍କ ଘରେ ସୋର ପୁଲିସ

ବାଲେଶ୍ୱର, (ସବ୍ୟୁ): ଏବେକାର ସବୁଠୁ ଚର୍ଚ୍ଚାର ବିଷୟ ପାଲଟିଥିବା ପାକିସ୍ଥାନୀ ନାଗରିକ ରେଜିଆ ସୁଲତାନା ପ୍ରକୃତରେ ପାକିସ୍ତାନ ଫେରିବେ ନା ଭାରତରେ ରହିବେ ତାକୁ ନେଇ ସମସ୍ତଙ୍କ ମନରେ ଏକ ଦ୍ୱନ୍ଦ୍ୱ ଥିବା ବେଳେ ମଙ୍ଗଳବାର ସକାଳେ ସୋର ପୁଲିସ ରେଜିଆଙ୍କ ଘରକୁ ଯାଇଥିଲେ। ମାତ୍ର ସେଠାରେ ରେଜିଆ ନଥିବା ବେଳେ ପରିବାର ଲୋକଙ୍କ ସହ ଆଲୋଚନା କରି ଫେରିଥିବା ଜଣାପଡ଼ିଛି। ରେଜିଆ ତାଙ୍କ ପୁଅ ସହ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଭେଟିବାକୁ ଯାଇଥିବା ବେଳେ ପ୍ରଶାସନ କେଉଁ ସିଦ୍ଧାନ୍ତରେ ଉପନୀତ ହେବ ତାକୁ ହିଁ ଅପେକ୍ଷା।ଏଣେ ରେଜିଆଙ୍କ ପରିବାର ସଦସ୍ୟ କହିଛନ୍ତି ଯେ ସେମାନଙ୍କର ପାକିସ୍ତାନ ସହ କେଣସି ସଂପର୍କ ନାହିଁ, କି ସେଠାରେ କେଉଁଘର ଥିଲା, ତାହା ବି ଜାଣନ୍ତି ନାହିଁ।।

## ଏଆଇସି-ନାଳନ୍ଦା ପକ୍ଷରୁ ବିଶ୍ୱ ବୌଦ୍ଧିକ ସମ୍ପତି ଦିବସ ୨୦୨୫

ଭୁବନେଶ୍ୱର, (ସବ୍ୟୁ) : ଅଟଳ ଇନୋଭେଶନ ମିଶନ, ନିତି ଆୟୋଗ ଦ୍ୱାରା ସମର୍ଥିତ ନାଳନ୍ଦା ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ଫାଉଣ୍ଡେଶନ (ଏଆଇସି-ନାଳନ୍ଦା) ପକ୍ଷରୁ ବିଶ୍ୱ ବୌଦ୍ଧିକ ସମ୍ପତି ଦିବସ (ୱାଲର୍ଡ ଇଂଟେଲେକ୍‌ଚୁଆଲ ପ୍ରପର୍ଟି ଡେ) ଭୁବନେଶ୍ୱରର ଭିକେ-ଏଆଇସିୱାଇଏଏମଠାରେ ଆଇପି ସ୍ପାର୍କସ କନ୍‌କ୍ଲେଭ ୨୦୨୫ର ଆୟୋଜନ କରାଯାଇଛି । ଚଳିତ ବର୍ଷର ସମ୍ମିଳନୀ ଆନ୍ତର୍ଜାତୀୟ ବିଷୟବସ୍ତୁ ଆଇପି ଆଣ୍ଡ ମ୍ୟୁଜିକ: ଫିଲ୍ ଦ ବିଟ୍ ଅଫ୍ ଆଇପି ଉପରେ ପର୍ଯ୍ୟବେସିତ ରହିଥିବା ବେଳେ ଏହା ସୃଜନଶୀଳତା ଓ ସାଂସ୍କୃତିକ ଅଭିବ୍ୟକ୍ତିକୁ ସୁରକ୍ଷିତ ରଖିବା କ୍ଷେତ୍ରରେ ବୌଦ୍ଧିକ ସମ୍ପତିର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ହାଇଲାଇଟ କରିବା ପାଇଁ ପ୍ରଖ୍ୟାତ ସାଂସ୍କୃତିକ ବିଶେଷଜ୍ଞ, ଆଇପି ବିଶେଷଜ୍ଞ, ଷ୍ଟାର୍ଟଅପ ପ୍ରତିଷ୍ଠାତା, ଆଇନଜୀବୀ ଓ ଉଦ୍ଭାବକମାନଙ୍କୁ ଏକାଠି କରିଥିଲା। କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଉପଭୋକ୍ତା କଲ୍ୟାଣ ବିଭାଗର



କ୍ୟାବିନେଟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମ୍ମିଳନୀର ଉଦ୍ଘାଟନ କରିଥିଲେ। ଏହି ଅବସରରେ ଶ୍ରୀ ପାତ୍ର ବୌଦ୍ଧିକ ସମ୍ପତିର ସୁରକ୍ଷାର ମହତ୍ୱକୁ ଗ୍ରହଣ କରିବା ପାଇଁ ଉଦ୍ଭାବକ ଓ କଳାକାରଙ୍କୁ ପ୍ରୋତ୍ସାହିତ କରି ଏକ ପ୍ରେରଣାଦାୟକ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ସମ୍ମିଳନୀରେ ଉପସ୍ଥିତ ଥିବା ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ଓଡିଶାର ପ୍ରସିଦ୍ଧ ଲୋକଗାୟକ, ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ଏବଂ ପ୍ରଖ୍ୟାତ ଓଡିଶୀ ନୃତ୍ୟଶିଳ୍ପୀ ଓ ଗୁରୁ ପଦ୍ମଶ୍ରୀ ଗୁରୁ ଅରୁଣା ମହାନ୍ତି ସାମିଲ ଥିଲେ । ପୁନେର ନ୍ୟାଶନାଲ କେମିକାଲ ଲାବୋରେଟୋରୀ ଡଃ ନିତିନ ଶୁକ୍ଳା, ଏନଆରଡିସିର ଡଃ ବିଜୟ କୁମାର ସାହୁଙ୍କ ଭଳି ଜାତୀୟସ୍ତରୀୟ ବିଶେଷଜ୍ଞଙ୍କ ନେତୃତ୍ୱରେ ବୈଷୟିକ ଅଧିବେଶନଗୁଡିକ ଦ୍ୱାରା ସମ୍ମିଳନୀର କାର୍ଯ୍ୟକ୍ରମ ଉନ୍ମୋଚିତ ହୋଇଥିଲ । ଏହି ଅବସରରେ ଏଆଇସି-ନାଳନ୍ଦାର ସିଇଓ ଦୂର୍ଗା ପ୍ରସାଦ ଗୌଡ କହିଥିଲେ, ଆଇପି ଓ ଉଦ୍ଭାବନର ସଂସ୍କୃତିକୁ ରାଜ୍ୟର ଶିକ୍ଷାନୁଷ୍ଠାନ ଗୁଡିକର ମିଳିତ ପ୍ରୟାସ ମାଧ୍ୟମରେ ସଠିକ ଦିଗରେ ବିକଶିତ ଓ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି। ଆଇପି ସ୍ପାର୍କସ କନ୍‌କ୍ଲେଭ ୨୦୨୫ ଏକ ସମ୍ବର୍ଦ୍ଧନା ଉତ୍ସବ ସହ ଉଦ୍‌ଯାପିତ ହୋଇଥିଲା ଯେଉଁଥିରେ କଳା, ସଂସ୍କୃତି ଓ ଉଦ୍ଭାବନ କ୍ଷେତ୍ର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସେମାନଙ୍କର ବହୁମୂଲ୍ୟ ଯୋଗଦାନ ପାଇଁ ସମ୍ମାନିତ କରାଯାଇଥିଲା।

## ରାଜ୍ୟରେ ଶିଶୁ ଦୁଷ୍କର୍ମ ରୋକିବାରେ ଅସମର୍ଥ ସରକାର : ବିଜେଡି

ଭୁବନେଶ୍ୱର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକର ଖଲିଙ୍ଗି ଗ୍ରାମରେ ଏକ ୪ ବର୍ଷର କୋମଳମତି ଶିଶୁ କନ୍ୟାକୁ ଦୁଷ୍କର୍ମ ଓ ହତ୍ୟା ପରେ ତାର ମୃତଦେହ ନିର୍ମାଣାଧୀନ ଏକ ଅଙ୍ଗନୱାଡି କେନ୍ଦ୍ରରୁ ମିଳିବା ଘଟଣା ଜିଲ୍ଲା ଓ ରାଜ୍ୟବାସୀଙ୍କୁ ମର୍ମାହତ କରିଛି । ରାଜ୍ୟରେ ବିଜେପି ସରକାର କ୍ଷମତାସୀନ ହେବା ପରେ ଶିଶୁ ଅପହରଣ, ନିର୍ଯାତନା, ଯୌନ ଉତ୍ପୀଡ଼ନ ଓ ହତ୍ୟା ଘଟଣା ଅହେତୁକ ବୃଦ୍ଧି ପାଇଥିବା ବେଳେ ପୋଲିସ ପ୍ରଶାସନ ଏହାକୁ ନିୟନ୍ତ୍ରଣ କରିବାରେ ଅସମର୍ଥ ହେବା ରାଜ୍ୟବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି ବୋଲି ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ଖଲିଙ୍ଗି ଗ୍ରାମ ଗସ୍ତ ଅବସରରେ ଅଭିଯୋଗ କରିଛନ୍ତି । ପ୍ରତିନିଧି ମଣ୍ଡଳୀରେ ଯାଇଥିବା ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଥିଲେ ଯେ, ଗଞ୍ଜାମ ଜିଲ୍ଲା ମହାନାଳା ଗାଁର ଏହି ଛୋଟ ଝିଅଟି ତା'ର ବାପା ଓ ମା' ସହିତ ସପ୍ତାହବ୍ୟାପୀ ଯାତ୍ରାରେ ଯୋଗ ଦେବା ପାଇଁ ଖଲିଙ୍ଗିସ୍ଥିତ ତାର ମାମୁଁ ଘରକୁ ଯାଇଥିଲା । ଶନିବାର ଭୋର ସମୟରେ ଗାଁ ଲୋକେ ନିର୍ମାଣାଧୀନ ଏକ ଅଙ୍ଗନବାଡ଼ି କୋଠାରୁ ଝିଅଟିର ମୃତଦେହ ପାଇଥିଲେ। ଏପରି ଏକ ସମ୍ବେଦନଶୀଳ ଓ ଲଜ୍ଜାଜନକ ଘଟଣା ଜିଲ୍ଲା ଓ ରାଜ୍ୟବାସୀଙ୍କୁ ସ୍ତବ୍ଧ କରିଛି । ଗଞ୍ଜାମ ଜିଲ୍ଲାରେ ଆଇନଶୃଙ୍ଖଳାର ଅଧୋଗତି ଯୋଗୁଁ ଗତ ଏକ ମାସ ମଧ୍ୟରେ ୧୫ଟି ହତ୍ୟାକାଣ୍ଡ ସହ ୨୮ଟି ହତ୍ୟା ଉଦ୍ୟମ ଓ ୩୫ଟି ମନ୍ଦିରରୁ ଚୋରି ଘଟିଛି । ଜିଲ୍ଲାରେ ଏଭଳି ସମ୍ବେଦନଶୀଳ ସ୍ଥିତି ପାଇଁ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ଏଦିଗରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ।

ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଯାଇଥିବା ପ୍ରତିନିଧି ମଣ୍ଡଳୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଲୋପାମୁଦ୍ରା ବକ୍ସିପାତ୍ର, ପୂର୍ବତନ ସାଂସଦ ରାଜଶ୍ରୀ ମଲ୍ଲିକ, ଶ୍ରୀମତୀ ସଙ୍ଘମିତ୍ରା ଦଳେଇ, ରଞ୍ଜିତା ସାହୁ, ସୁଶ୍ରୀ ସୁଲକ୍ଷଣା ଗୀତାଞ୍ଜଳି ପ୍ରମୁଖ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକର ଖଲିଙ୍ଗି ଗ୍ରାମକୁ ଯାଇ ମୃତ କୋମଳମତୀ ଶିଶୁର ପରିବାରବର୍ଗଙ୍କୁ ଭେଟି ଗଭୀର ସମବେଦନା ଜଣାଇଥିଲେ ।

## ଯଶସ୍ୱୀ ମଧୁସୂଦନ ପୁସ୍ତକ ଉନ୍ମୋଚିତ



ଭୁବନେଶ୍ୱର (ସବ୍ୟୁ): ଉତ୍କଳ ଗୌରବ ମଧୁସୂଦନଙ୍କ ଜୟନ୍ତୀ ଅବସରରେ ବିଚ୍ଛିନ୍ନାଞ୍ଚଳ ରେ ଓଡ଼ିଆ ଭାଷା ଓ ସଂସ୍କୃତି ର ପ୍ରସାର ପ୍ରଚାର କରୁଥିବା ଅନୁଷ୍ଠାନ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ଦ୍ୱାରା ପ୍ରକାଶିତ ଡକ୍ଟର ଆରତି କରଙ୍କ ରଚିତ 'ଯଶସ୍ୱୀ ମଧୁସୂଦନ' ପୁସ୍ତକ ଲୋକାର୍ପିତ ହୋଇଯାଇଛି । ଏହି ଅବସରରେ ନ୍ୟାସୀ ମଣ୍ଡଳର ସଭାପତି ସୀତା ବଲ୍ଲଭ ମହାପାତ୍ରଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ଉତ୍ସବରେ ପର୍ଶୁରାମ ଦ୍ୱିବେଦୀ, ସୁକାନ୍ତ ପ୍ରଧାନ , ମୁରଲୀଧର ଭାଷ୍ୟମ୍, ବିରଜା ପ୍ରସାଦ ଶତପଥୀ, କୈଳାସ ଚନ୍ଦ୍ର ରଥ, ରାମ ନାରାୟଣ ମିଶ୍ର, ଶ୍ରୀମତୀ ପ୍ରଣତି ପ୍ରଧାନ ଓ ପ୍ରଭାତ ଦାଶ ପ୍ରଭୃତି ଅଂଶ ଗ୍ରହଣ କରି ଓଡ଼ିଆ ଜାତି ପାଇଁ ସର୍ବସ୍ୱ ତ୍ୟାଗ କରିଥିବା ଉତ୍କଳ ଗୌରବ ଙ୍କ ସଂଘର୍ଷମୟ ଜୀବନ ଚରିତ ଯୁବପିଢି ଙ୍କର ଧ୍ୟେୟ ହେବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ । ଛାତ୍ର ସମାଜ ତଥା ଯୁବ ସମାଜ କୁ ମଧୁସୂଦନଙ୍କ ଜାତିପ୍ରେମର ଆଦର୍ଶରେ ଅନୁପ୍ରାଣିତ କରିବା' ଯଶସ୍ୱୀ ମଧୁସୂଦନ ' ପୁସ୍ତକ ରଚନାର ଉଦ୍ଦେଶ୍ୟ ବୋଲି ପୁସ୍ତକଟିର ଲେଖିକା ଶ୍ରୀମତୀ କର ତାଙ୍କର ଲେଖକୀୟ ଅଭିବ୍ୟକ୍ତି ପ୍ରକାଶ କରିଥିଲେ । ଅନୁଷ୍ଠାନର ସଂସ୍କୃତି ସମ୍ପାଦକ ରମାକାନ୍ତ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିବାସହ ଧନ୍ୟବାଦ ଅର୍ପଣ କରିଥିଲେ ।

### ଫିମି ଏଏ/ଇଓୟୁ/ଏସଇଜେଡ ୟୁନିଟସଡ଼ିକରୁ ଆଲୁମିନିୟମ୍ ରପ୍ତାନୀ ପାଇଁ

## ଆରଓଡିଟିଇପି ଯୋଜନାକୁ ତୁରନ୍ତ ସମ୍ପ୍ରସାରଣ କରିବାକୁ ଅନୁରୋଧ

ଭୁବନେଶ୍ୱର, (ସବ୍ୟୁ): ଭାରତୀୟ ଆଲୁମିନିୟମ୍ ଶିଳ୍ପର ଏକୀକୃତ ଚାହିଦାକୁ ଦୃଢ଼ କରୁଥିବା ଏକ ପଦକ୍ଷେପରେ, ଭାରତୀୟ ଖଣିଜ ଶିଳ୍ପ ମହାସଂଘ (ଫିମି) ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟକୁ ଏକ ଆନୁଷ୍ଠାନିକ ପ୍ରତିନିଧିତ୍ୱ ଦାଖଲ କରିଛି, ଯେଉଁଥିରେ ଅଗ୍ରିମ ପ୍ରାଧିକରଣ (ଏଏ) ଧାରକ, ରପ୍ତାନି ଭିତିକ ୟୁନିଟ୍ (ଇଓୟୁଏସ) ଏବଂ ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ର (ଏସଇଜେଡ) ରେ ଅବସ୍ଥିତ ଆଲୁମିନିୟମ୍-ଉତ୍ପାଦକ ୟୁନିଟସଗୁଡ଼ିକ ପାଇଁ ରପ୍ତାନି ଉତ୍ପାଦ ଉପରେ ଶୁଳ୍କ କିମ୍ବା ଟିକସ ଛାଡ଼ (ଆରଓଡିଟିଇପି) ଯୋଜନାକୁ ତୁରନ୍ତ ବିସ୍ତାର କରିବାକୁ ଅନୁରୋଧ କରାଯାଇଛି। ଏହା ଗତ ସପ୍ତାହରେ ଭାରତୀୟ ଆଲୁମିନିୟମ୍ ଆସୋସିଏସନ୍ (ଏଏଆଇ) ଦ୍ୱାରା ଅର୍ଥମନ୍ତ୍ରୀଙ୍କୁ କରାଯାଇଥିବା ସମାନ ଆବେଦନ ପରେ ହୋଇଛି, ଯାହା ଏଏ/ଇଓୟୁ/ଏସଇଜେଡ ୟୁନିଟସଡ଼ିକରୁ ଉତ୍ପନ୍ନ ହେଉଥିବା ଭାରତରୁ ପ୍ରାୟ ୪୫% ଆଲୁମିନିୟମ୍ ରପ୍ତାନିର ପ୍ରତିଯୋଗିତାମୂଳକତାକୁ ସୁରକ୍ଷିତ ରଖିବା ପାଇଁ ଆରଓଡିଟିଇପି ଲାଭର ଗୁରୁତ୍ୱକୁ ରେଖାଙ୍କିତ କରିଛି।

ବାଣିଜ୍ୟ ସଚିବ ସୁନୀଲ ବାଥର୍‌ୱାଲଙ୍କୁ ଫିମିର ପ୍ରତିନିଧିତ୍ୱ ମନ୍ତ୍ରଣାଳୟ ଦ୍ୱାରା ପ୍ରଗତିଶୀଳ ନୀତିଗତ ସଂସ୍କାରକୁ ପ୍ରଶଂସା କରିଛି କିନ୍ତୁ ଏହା ଉପରେ ଆଲୋକପାତ କରିଛି ଯେ ୫ ଫେବୃଆରୀ ୨୦୨୫ ପରେ ଆରଓଡିଟିଇପି କଭରେଜରେ ବର୍ତମାନର ବିଳମ୍ବ ଭାରତୀୟ ଆଲୁମିନିୟମ ଉତ୍ପାଦକମାନଙ୍କୁ କ୍ଷତିରେ ପକାଉଛି। ଏହି ୟୁନିଟଗୁଡ଼ିକ ଏମ୍ବେଡେଡ୍ କର ଏବଂ ଶୁଳ୍କ ବହନ କରୁଛନ୍ତି, ଯାହା ସେମାନଙ୍କର ଉତ୍ପାଦନ ଖର୍ଚ୍ଚର ୫-୧୦% ଏବଂ ଆର୍ନ୍ତଜାତୀୟ ବଜାରରେ ସେମାନଙ୍କର ପ୍ରତିଯୋଗିତାକୁ ହ୍ରାସ କରୁଛି । ଚିଠିରେ ଆହୁରି ଉଲ୍ଲେଖ କରାଯାଇଛି ଯେ ୨୦ ବିଲିୟନ ଡଲାରରୁ ଅଧିକ ନିବେଶ ଏବଂ ବାର୍ଷିକ ୪.୧ ନିୟୁତ ଟନ୍ କ୍ଷମତା ସହିତ ଭାରତୀୟ ଆଲୁମିନିୟମ କ୍ଷେତ୍ର ବିଶ୍ୱର ଦ୍ୱିତୀୟ ବୃହତ ଉତ୍ପାଦକ। ଏଏ/ଇଓୟୁ/ଏସଇଜେଡ ୟୁନିଟଗୁଡ଼ିକରୁ ରପ୍ତାନି ପାଇଁ ଆରଓଡିଟିଇପି ଲାଭ ପୁନଃସ୍ଥାପିତ କରିବାରେ କୌଣସି ବିଳମ୍ବ ହେଲେ ଉତ୍ପାଦନ ହ୍ରାସ, ଚାକିରି କ୍ଷତି ଏବଂ ଘରୋଇ ମୂଲ୍ୟ ବୃଦ୍ଧିରେ ବାଧା ସୃଷ୍ଟି ହୋଇପାରେ ବୋଲି ଏହା ଉଲ୍ଲେଖ କରାଯାଇଛି। ପୂର୍ବରୁ, ବାଣିଜ୍ୟ ମନ୍ତ୍ରଣାଳୟ ମାର୍ଚ୍ଚ ଏବଂ ସେପ୍ଟେମ୍ବର ୨୦୨୪ ରେ ଏବଂ ପୁଣି ୨୦ ମାର୍ଚ୍ଚ ୨୦୨୫ ରେ ବିଜ୍ଞପ୍ତି ମାଧ୍ୟମରେ ଆଲୁମିନିୟମ ୟୁନିଟଗୁଡ଼ିକୁ ଆରଓଡିଟିଇପି କଭରେଜ ବିସ୍ତାର କରିଥିଲା, ଯାହାର ଲାଭ କେବଳ ୫ ଫେବୃଆରୀ ୨୦୨୫ ପର୍ଯ୍ୟନ୍ତ ଲାଗୁ ହୋଇଛି।

### ଗୋବର୍ଦ୍ଧନ ବିଶ୍ୱାଳ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ

ନୀଳଗିରି,(ସବ୍ୟୁ) : ସୋମବାର ପୂର୍ବାହ୍ନରେ ନୀଳଗିରି ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଭାବେ ବିଦାୟୀ ସୂଚନା ଲୋକ ସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ ଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଠାରେ ସୂଚନା ଯୋଗ୍ୟ ସେ ଦୀର୍ଘ ଦିନ ଧରି ନୀଳଗିରି ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟଭାର ସମ୍ଭାଳି ଥିଲେ। ତୃତୀୟ ଶ୍ରୀକ୍ଷେତ୍ର ଭାବେ ବେଶ୍ ଜଣଶୁଣା ନୀଳଗିରି ର ରଥ ଯାତ୍ରା, ସ୍ୱାଧୀନତା ଦିବସ , ଗଣତନ୍ତ୍ର ଦିବସ ଏବଂ ବିଭିନ୍ନ ସରକାରୀ ଉତ୍ସବ କୁ ଦକ୍ଷତା ର ସହ ପରିଚାଳନା କରିଥିବା ଦେଖାଯାଇଛି।






## ଅକ୍ଷୟ ତୃତୀୟା ପାଇଁ ଫୋନପେ ର ସୁନିଶ୍ଚିତ କ୍ୟାଶବ୍ୟାକ ଅଫର


ଭୁବନେଶ୍ୱର, (ସବ୍ୟୁ): ଅକ୍ଷୟ ତୃତୀୟା ଅବସରରେ ୨୪ କ୍ୟାରେଟ ଡିଜିଟାଲ ଗୋଲ୍ଡ କିଣା ଉପରେ ଆକର୍ଷଣୀୟ କ୍ୟାଶବ୍ୟାକ ଅଫର ପ୍ରଦାନ କରିବାକୁ ଘୋଷଣା କରିଛି ଫୋନପେ। ଫୋନପେ ପ୍ଲାଟଫର୍ମରେ ସର୍ବନିମ୍ନ ୨୦୦୦ ଟଙ୍କାର ଡିଜିଟାଲ ଗୋଲ୍ଡ କିଣି ୟୁଜରମାନେ ଫ୍ଲାଟ ୧% କ୍ୟାଶବ୍ୟାକ (୨୦୦୦ ଟଙ୍କା ପର୍ଯ୍ୟନ୍ତ) ପାଇପାରିବେ। ଏହି ଅଫର କେବଳ ଏପ୍ରିଲ ୩୦ ତାରିଖର ଏକକାଳୀନ କାରବାର ପାଇଁ ପ୍ରଯୁଜ୍ୟ (ପ୍ରତି ୟୁଜରଙ୍କ ପାଇଁ ମାତ୍ର ଗୋଟିଏ ଥର ବୈଧ) ଅଟେ । ୟୁଜରମାନେ ପେମେଂଟ କରିବାକୁ ୟୁପିଆଇ, ୟୁପିଆଇ ଲାଇଟ, କ୍ରେଡିଟ ଓ ଡେବିଟ କାର୍ଡ, ୱାଲେଟ ଏବଂ ଗିଫ୍ଟ କାର୍ଡ ପରି ବିଭିନ୍ନ ପ୍ରକାରର ପେମେଂଟ ମାଧ୍ୟମ ବାଛି ପାରିବେ ।

ଉତ୍ସବର ଆନନ୍ଦକୁ ବହୁଗୁଣିତ କରିବା ପାଇଁ କ୍ୟାରେଟ୍ଲେନ ଷ୍ଟୋର ଏବଂ ୱେବସାଇଟରେ ଡିଜିଟାଲ ଗୋଲ୍ଡ ବଦଳାଇବା ପାଇଁ ଫୋନପେ ଏକ ସ୍ୱତନ୍ତ୍ର ଅଫର ଘୋଷଣା କରିଛି ଯେଉଁଥିରେ ସୁନା ମୁଦ୍ରା ଉପରେ ଅଧିକ ୨% ରିହାତି, ଅନ୍ୟାନ୍ୟ ଧାତୁ ଆବୃତ ହୋଇନଥିବା ଅଳଙ୍କାର ଉପରେ ଅଧିକ ୩% ରିହାତି, ଅନ୍ୟାନ୍ୟ ଧାତୁ ଆବୃତ ଅଳଙ୍କାର ଉପରେ ଅଧିକ ୫% ରିହାତି ସାମିଲ ରହିଛି । ଫୋନପେ ପ୍ଲାଟଫର୍ମରେ ୟୁଜରମାନେ ଏମଏମଟିସି-ପିଏଏମପି, ସେଫ ଗୋଲ୍ଡ ଏବଂ କ୍ୟାରେଟ୍ଲେନ ପରି ଡିଜିଟାଲ ଗୋଲ୍ଡ ବ୍ୟବସାୟ କ୍ଷେତ୍ରରେ ଅଗ୍ରଣୀ ତଥା ଭରସାଯୋଗ୍ୟ କମ୍ପାନୀମାନଙ୍କଠାରୁ ୯୯.୯୯% ଶୁଦ୍ଧତା-ପ୍ରମାଣିତ ୨୪ କ୍ୟାରେଟ ଡିଜିଟାଲ ଗୋଲ୍ଡ କିଣିପାରିବେ। ସାରା ଭାରତର ୧.୨ କୋଟିରୁ ଅଧିକ ଗ୍ରାହକ ଫୋନପେ ପ୍ଲାଟଫର୍ମରେ ସର୍ବୋଚ୍ଚ ଶୁଦ୍ଧତା ବିଶିଷ୍ଟ ୨୪ କ୍ୟାରେଟ ସୁନା କିଣିଛନ୍ତି ।


## ଜେଏନ୍‌ୟୁ ପୁରାତନ ଛାତ୍ରଛାତ୍ରୀଙ୍କ ବାର୍ଷିକ ବନ୍ଧୁମିଳନ

ଭୁବନେଶ୍ୱର (ସବ୍ୟୁ): ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀର ପୁରାତନ ଛାତ୍ରଛାତ୍ରୀମାନଙ୍କ ତରଫରୁ ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମ ଗୀତା ଗୋବିନ୍ଦ ସଦନ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ସଂଗ୍ରାମ କେଶରୀ ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଶ୍ୱ ବିଦ୍ୟାଳୟର ଦିବଂଗତ ଛାତ୍ର ଛାତ୍ରୀ ତଥା ନିକଟ ଅତୀତରେ ପହଲଗାଓଁ କାଶ୍ମୀରରେ ସନ୍ତ୍ରାସବାଦୀଙ୍କ ଆକ୍ରମଣରେ ନିହତ ଲୋକମାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଜେଏନ୍‌ୟୁର ପୂର୍ବତନ ପ୍ରଫେସର ଅଜୟ ପଟ୍ଟନାୟକ ଅଭିଭାଷଣରେ ତାଙ୍କ ଛାତ୍ର ଜୀବନର ଅଭୁଲା କାହାଣୀ ବଖାଣିଥିଲେ ଏବଂ ତାଙ୍କ ବକ୍ତବ୍ୟରେ କହିଲେ ଯେ, ଅତୀତ କଥା ଭାବିଲେ ହୃଦୟ ପ୍ରଫୁଲ୍ଲିତ ହୋଇଯାଏ ଏବଂ ନିକଟ ଅତୀତରେ ବିଶ୍ୱ ବିଦ୍ୟାଳୟ ପରିଭ୍ରମଣ କରିଥିବା ଅଭିଜ୍ଞତା ବଖାଣିଥିଲେ । ସେ ତାଙ୍କର ବକ୍ତବ୍ୟରେ ଭୁବନେଶ୍ୱର ବ୍ୟତୀତ ଓଡ଼ିଶାର ବିଭିନ୍ନ ସ୍ଥାନରେ ଏହିପରି କାର୍ଯ୍ୟକ୍ରମ ଅନୁଷ୍ଠିତ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ପ୍ରଫେସର ଅଶୋକ ପଟ୍ଟନାୟକ ନୂତନ ଭାବେ ବିଶ୍ୱ ବିଦ୍ୟାଳୟରେ ପ୍ରବେଶିକା । ପରୀକ୍ଷାରେ ସଫଳତା ହାସଲ ପାଇଁ ନୂତନ ଛାତ୍ର ଛାତ୍ରୀମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେବା ପାଇଁ ପ୍ରସ୍ତାବ ଦେଇଥିଲେ । ସେହିପରି ଡ଼ ଅମ୍ବିକା ପ୍ରସାଦ ନନ୍ଦ ଜେଏନ୍‌ୟୁର ପ୍ରତିଷ୍ଠା ଓ ଆଦର୍ଶ ସବୁ କ୍ଷେତ୍ରରେ ପ୍ରତୀୟମାନ ଏବଂ ସଂଘର କାର୍ଯ୍ୟକ୍ରମକୁ ଆହୁରି ଆଗକୁ ନେବାପାଇଁ ପ୍ରୋତ୍ସାହିତ କରିଥିଲେ । ଏହି ଅବସରରେ ସଂଘର ସ୍ମରଣିକା, ୨୦୨୫ ଉନ୍ମୋଚିତ ହୋଇଥିଲା । ପୁରାତନ ଛାତ୍ରଛାତ୍ରୀ ସଂଘର ସାଧାରଣ ସଂପାଦକ ଡ଼ ମାନସ ରଂଜନ ନନ୍ଦ ସଂଘର ଗତ ବର୍ଷ ୨୦୨୪ ରେ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ସଂଘର କୋଷାଧ୍ୟକ୍ଷ ରତିକାନ୍ତ ମହାପାତ୍ର ବିଗତ ବର୍ଷର ଆୟ ଓ ବ୍ୟୟର ତଥ୍ୟ ପୂର୍ବକ ସମସ୍ତ ପୂର୍ବତନ ଛାତ୍ରଛାତ୍ରୀମାନଙ୍କ ସଂଘର ଆଜୀବନ ସଦସ୍ୟତା ଗ୍ରହଣ କରିବାକୁ ନିବେଦନ କରିଥିଲେ । ଏହି ଅବସରରେ ଆଲୁମନି ଆସୋସିଏସନ୍‌ର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ସଭ୍ୟମାନଙ୍କୁ ଉପଢୌକନ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଇଥିଲେ । ପୂର୍ବତନ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା । ଶେଷରେ ସୁଶ୍ରୀ ସାମଲ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ଏବଂ ବନ୍ଧୁମିଳନ କାର୍ଯ୍ୟକ୍ରମରେ ବିଶ୍ୱ ବିଦ୍ୟାଳୟର ବହୁ ପୂର୍ବତନ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ ।



## ଚୀନ ରେଷ୍ଟୋରାଁରେ ନିଆଁ ଲାଗି ୨୨ ମୃତ




**ଲିଆଓନିଂ:** ଚୀନର ଲିଆଓନିଂରେ ଏକ ଦୁଃଖଦ ଦୁର୍ଘଟଣା ଘଟିଛି । ଏଠାରେ ଏକ ରେଷ୍ଟୁରାଣ୍ଟରେ ଅଗ୍ନିକାଣ୍ଡ ଘଟି ୨୨ ଜଣଙ୍କର ମୃତ୍ୟୁ ହୋଇଛି । ଅଗ୍ନିକାଣ୍ଡରେ ଅତି କମରେ ୩ ଜଣ ଆହତ ହୋଇଛନ୍ତି । ଅଗ୍ନିକାଣ୍ଡର କାରଣ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସୂଚନା ମିଳିନାହିଁ । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଅଗ୍ନିକାଣ୍ଡ ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । କୋଠାର ଝରକା ଏବଂ ଦ୍ୱାରରୁ ନିଆଁ ବାହାରୁଥିବାର ଦେଖାଯାଇଥିଲା । ଅଗ୍ନିକାଣ୍ଡ ସମ୍ପର୍କରେ ସୂଚନା ପାଇବା ପରେ ଅଗ୍ନିଶମ ବାହିନୀ ଗାଡ଼ିଗୁଡ଼ିକ ଘଟଣାସ୍ଥଳରେ ପହଞ୍ଚିଥିଲେ । ଅଗ୍ନିଶମ ବାହିନୀ ଅଧିକାରୀମାନେ କହିଛନ୍ତି ଯେ ମୃତ୍ୟୁ ସଂଖ୍ୟା ବଢ଼ିପାରେ । ରେଷ୍ଟୁରାଣ୍ଟ ଚାରିପାଖରେ ଥିବା କୋଠାଗୁଡ଼ିକୁ ଖାଲି କରିଦିଆଯାଇଛି ।

ସୂଚନା ଅନୁଯାୟୀ, ରେଷ୍ଟୁରାଣ୍ଟର ରୋଷେଇ ଘରେ ନିଆଁ ଲାଗିଥିଲା । ଲିଆଓନିଂ ପୂର୍ବରୁ ଏକ ପ୍ରମୁଖ ଶିଳ୍ପ କେନ୍ଦ୍ର ଥିଲା । ବର୍ତ୍ତମାନ, ଜନସଂଖ୍ୟା ସ୍ଥାନାନ୍ତରଣ ଯୋଗୁଁ ଏହା ଏକ କଷ୍ଟକର ପର୍ଯ୍ୟାୟ ଦେଇ ଗତି କରୁଛି । ଚୀନରେ ଅଗ୍ନିକାଣ୍ଡ ଦୁର୍ଘଟଣା ପ୍ରାୟତଃ ଘଟୁଛି । କର୍ମଚାରୀମାନେ ସାଧାରଣତଃ ତାଲିମର ଅଭାବ କିମ୍ବା ସେମାନଙ୍କ ଉପରିସ୍ଥ ଅଧିକାରୀଙ୍କ ଚାପ ହେତୁ ସୁରକ୍ଷା ମାନକଗୁଡ଼ିକୁ ଅଣଦେଖା କରୁଥିବାର ଅଭିଯୋଗ ହେଉଛି ।

# ପାକ୍ ମନ୍ତ୍ରୀଙ୍କ ଉପରେ ଡିଜିଟାଲ ଷ୍ଟ୍ରାଇକ୍

## ଖ୍ୱାଜା ଆସିଫ୍‌ଙ୍କ ଏକ୍ସ ଆକାଉଣ୍ଟ ବ୍ୟାନ

**ନୂଆଦିଲ୍ଲୀ:** ପହଲଗାମ ଆକ୍ରମଣ ପରେ, ଭାରତ ସରକାର ପାକିସ୍ତାନ ଉପରେ ଲଗାତାର ପ୍ରତିଶୋଧ ନେଉଛନ୍ତି । ଏହି ସମୟରେ, ଏକ ବଡ଼ ନିଷ୍ପତ୍ତି ନେଇ ସରକାର ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖଓ୍ୱାଜା ଆସିଫଙ୍କ ଏକ୍ସ-ଆକାଉଣ୍ଟକୁ ବ୍ୟାନ୍ କରିଦେଇଛନ୍ତି । ପହଲଗାମ ଆକ୍ରମଣ ପରେ ଭାରତ ଆଇଏସ୍ପିଆର ଏବଂ ଆଇଏସଆଇ ସହିତ ଜଡିତ ଅନେକ ପାକିସ୍ତାନୀ ସାମ୍ବାଦିକଙ୍କ ସୋସିଆଲ ମିଡିଆ ଆକାଉଣ୍ଟକୁ ମଧ ନିଷିଦ୍ଧ କରିଛି । ପୂର୍ବରୁ, ଭାରତ ପାକିସ୍ତାନୀ ଖବର ଏବଂ ସୋସିଆଲ ମିଡିଆ ପ୍ରଭାବଶାଳୀଙ୍କ ୟୁଟ୍ୟୁବ୍ ଚ୍ୟାନେଲଗୁଡ଼ିକୁ ନିଷିଦ୍ଧ କରିଥିଲା । ଭାରତ ଜିଏଏନ, ଜିଓ ନ୍ୟୁଜ୍ , ଡନ୍ ନ୍ୟୁଜ୍, ସାମା ଟିଭି ଭଳି ଅନେକ ୟୁଟ୍ୟୁବ୍ ଚ୍ୟାନେଲକୁ ବନ୍ଦ କରିଦେଇଥିଲା । କେନ୍ଦ୍ର ସରକାର ସୋମବାର ଦିନ ୧୬ଟି ପାକିସ୍ତାନୀ ୟୁଟ୍ୟୁବ୍ ଚ୍ୟାନେଲକୁ ନିଷେଧ କରିବାକୁ ନିଷ୍ପତ୍ତି ନେଇଥିଲେ । ଏହି ଚ୍ୟାନେଲଗୁଡ଼ିକ ଉପରେ ପ୍ରତିବନ୍ଧକ ଲଗାଇବାକୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ସୁପାରିଶ କରିଥିଲା । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଏହି ୟୁଟ୍ୟୁବ୍



ଚ୍ୟାନେଲଗୁଡ଼ିକ ଭାରତ ବିରୁଦ୍ଧରେ ଉତ୍ତେଜନାମୂଳକ ସୂଚନା ପ୍ରସାର କରୁଥିବା ଅଭିଯୋଗ କରିଥିଲା । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏହାର ସୁପାରିଶରେ କହିଥିଲା ଯେ, ଏହି ପାକିସ୍ତାନ ପ୍ରାୟୋଜିତ ୟୁଟ୍ୟୁବ୍ ଚ୍ୟାନେଲଗୁଡ଼ିକ ଭାରତୀୟ ସେନା ଏବଂ ସୁରକ୍ଷା ଏଜେନ୍ସିଗୁଡ଼ିକ ବିରୁଦ୍ଧରେ ଭ୍ରମାତ୍ମକ ପ୍ରଚାର ପ୍ରସାର କରିବା ପାଇଁ କାମ କରୁଛନ୍ତି । ଏହା ବ୍ୟତୀତ, ଉତ୍ତେଜକ ଏବଂ ସାମ୍ପ୍ରଦାୟିକ ଭାବରେ ସମ୍ବେଦନଶୀଳ ବିଷୟବସ୍ତୁ ମଧ ମିଥ୍ୟା ସୂଚନା ପ୍ରସାର କରିବାରେ ସାହାଯ୍ୟ କରିଥାନ୍ତି । ଭାରତ ସରକାର ଜାତୀୟ ସୁରକ୍ଷାକୁ ଆଖି ଆଗରେ ରଖି ୟୁଟ୍ୟୁବ୍ ଚ୍ୟାନେଲଗୁଡ଼ିକୁ ଅବରୋଧ କରିବାକୁ ନିଷ୍ପତ୍ତି ନେଇଥିଲେ । ସରକାର ନିଷିଦ୍ଧ ଚ୍ୟାନେଲଗୁଡ଼ିକ ବିଷୟରେ ସୂଚନା ଦେଇ ଏକ ବିଜ୍ଞପ୍ତି ସହିତ ଏକ ତାଲିକା ଜାରି କରିଥିଲେ । ଜମ୍ମୁ-କଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସରକାର ପାକିସ୍ତାନକୁ ଯେଉଁଭଳି ଜବାବ ଦେଇଛନ୍ତି । ଏହା ମାଧ୍ୟମରେ ପାକିସ୍ତାନର ଅସନ୍ତୋଷ ସ୍ପଷ୍ଟ ଭାବରେ ଦେଖାଯାଉଛି । ପହଲଗାମ ଆକ୍ରମଣ ସମ୍ପର୍କରେ ପାକିସ୍ତାନର ଅନେକ ନେତା ନିରନ୍ତର ଅବାନ୍ତର ଏବଂ ଉତ୍ତେଜନାମୂଳକ ଭାଷଣ ଦେଉଛନ୍ତି । ନିକଟରେ ପାକିସ୍ତାନର ପୂର୍ବତନ ବୈଦେଶିକ ମନ୍ତ୍ରୀ ବିଲାଓ୍ୱାଲ ଭୁଟ୍ଟୋ କହିଥିଲେ ଯେ, ଆମର ପାଣି ନଚେତ ସେମାନଙ୍କର ରକ୍ତ ସିନ୍ଧୁରେ ବହିବ । ଭୁଟ୍ଟୋଙ୍କ ଏହି ବକ୍ତବ୍ୟ ୧୯୬୦ ମସିହାରୁ ପ୍ରଚଳିତ ସିନ୍ଧୁ ଜଳ ଚୁକ୍ତିନାମାକୁ ସମାପ୍ତ କରିବା ପାଇଁ ଭାରତର ନିଷ୍ପତ୍ତି ପରେ ଆସିଥିଲା ।

## କାନାଡା ନିର୍ବାଚନ : ମାର୍କ କାର୍ଣ୍ଣିଙ୍କ ଜିତାପଟ



**ନୂଆଦିଲ୍ଲୀ:** କାନାଡା ନିର୍ବାଚନରେ ମାର୍କ କାର୍ଣ୍ଣି ନେତୃତ୍ୱାଧୀନ ଲିବରାଲ ପାର୍ଟି ନିର୍ବାଚନ ଜିଣିଛି। ସ୍ଥାନୀୟ ଗଣମାଧ୍ୟମର ଆକଳନ ଅନୁଯାୟୀ ଏହି ସୂଚନା ଦିଆଯାଇଛି। ସିବିସି ଏବଂ ସିଟିବି ନ୍ୟୁଜ୍ ପକ୍ଷରୁ ଏହି ଆକଳନ କରାଯାଇଛି। ମାତ୍ର ଏପର୍ଯ୍ୟନ୍ତ ଏହା ସ୍ପଷ୍ଟ ହୋଇନାହିଁ। ସେମାନେ ସଂସଦରେ ବହୁ ମତ ପାଇବେ ବୋଲି ଆକଳନ ହୋଇଛି। କାନାଡାର ରାଜନୀତିରେ କ୍ୟାରେନି ମତଦାତାମାନଙ୍କୁ ଆର୍ଥିକ ସଂକଟକୁ ପରିଚାଳନା କରିବେ ବୋଲି ବିଶ୍ୱାସ ଝୁଲାଇଛନ୍ତି।

ଆମେରିକାର ରାଷ୍ଟ୍ରପତିଙ୍କ ବାଣିଜ୍ୟ ଯୁଦ୍ଧ ଓ କାନାଡାର ନିର୍ବାଚନ ଦିନ ସୋସିଆଲ୍ ମିଡିଆ ପୋଷ୍ଟରେ ଏହାକୁ ପ୍ରମୁଖ ପ୍ରସଙ୍ଗ କରାଯାଇଥିଲା। ୬୦ବର୍ଷୀୟ କ୍ୟାରେନି କେବେ ନିର୍ବାଚନ ଜିତିନଥିଲେ। ଗତ ମାସରେ ସେ ଜଷ୍ଟିସ୍ ଟ୍ରୁଡୁଙ୍କୁ ସ୍ଥାନନ୍ତର କରି ଦାୟିତ୍ୱ ନେଇଥିଲେ। ପୂର୍ବରୁ ସେ କେନ୍ଦ୍ରୀୟ ବ୍ୟାଙ୍କର ଗଭର୍ଣ୍ଣର ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କର ବିଶ୍ୱସ୍ତରୀୟ ଆର୍ଥିକ ଅଭିଜ୍ଞତା ରହିଛି। ଲିବରାଲ୍ ପାର୍ଟିକୁ ଏହି ବିଜୟ ମିଳିଛି।

## ଜାତୀୟ ସୁରକ୍ଷା ଦୃଷ୍ଟିରୁ ସ୍ପାଏଓ୍ୱେୟାର ବ୍ୟବହାର ଭୁଲ୍ ନୁହେଁ

**ନୂଆଦିଲ୍ଲୀ:** ଜାତୀୟ ସୁରକ୍ଷା ଦୃଷ୍ଟିରୁ କେନ୍ଦ୍ର ସରକାର ସ୍ପାୟଓ୍ୱେୟାର୍ ବ୍ୟବହାର କରିବାରେ କୌଣସି ଗୁଲ୍ ନାହିଁ। ମାତ୍ର ଏଥିରେ ସିଭିଲ୍ ସୋସାଇଟ୍‌କୁ ଟାର୍ଗେଟ୍ କରାନଯାଉ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି। ସୁପ୍ରିମ୍‌କୋର୍ଟରେ ପେଗାସସ୍ ମାମଲା ସହ ଜଡିତ କେତେକ ମାମଲାର ଶୁଣାଣି କରାଯାଉଥିଲା। କୋର୍ଟ ମଧ କମିଟି ଦ୍ୱାରା ଚୁଡାନ୍ତ ଅନୁସନ୍ଧାନ ରିପୋର୍ଟ ଉପରେ ଆଲୋଚନା କରିଛନ୍ତି। ପେଗାସସ୍ ରିପୋର୍ଟକୁ ସର୍ବସାଧାରଣରେ ପ୍ରକାଶ କରାଯାଇପାରିବ ନାହିଁ। ଦେଶର ସୁରକ୍ଷା ସହ ଜଡିତ ପ୍ରସଙ୍ଗକୁ ଆଲୋଚନା କରାଯାଇପାରିବ ନାହିଁ। ଆମେ ଯେଉଁ ପରସ୍ଥିତିର ସମ୍ମୁଖୀନ ହେଉଛି ତାହା ସମସ୍ତେ ଜାଣିଛନ୍ତି। ଦେଶର ସାର୍ବଭୌମିକ ସହ ଜଡିତ କୌଣସି ରିପୋର୍ଟକୁ ସାର୍ବଜନୀନ କରାଯାଇପାରିବ ନାହିଁ। କୋର୍ଟ ଉଲ୍ଲେଖ କରିଛନ୍ତି ଯେ ଯାହାକୁ ସନ୍ଦେହ ଘେରରେ ଦେଖାଯାଉଛି ତାହା ଉପରେ ଇସ୍ରାଏଲ୍ ଦ୍ୱାରା ପ୍ରସ୍ତୁତ ସ୍ପାଏଓ୍ୱାୟାର୍‌କୁ ବ୍ୟବହାର କରାଯାଇପାରିବ। ଯିଏ ସନ୍ଦେହ କରିବେ ସେ



କୋର୍ଟକୁ ଯାଇପାରିବେ । ସେମାନଙ୍କୁ ଏ ନେଇ ସୂଚନା ଦିଆଯିବ। ଯଦି ଜଣେ ଏହା ନାଗରିକ ବିରୋଧରେ ବ୍ୟବହାର କରାଯାଏ ତାହା ହେଲେ ତାହା ଉପରେ ବିଚାର କରାଯିବ ବୋଲି ଜଷ୍ଟିସ୍ ଏନ୍ କୋଟିସ୍ୱରଙ୍କୁ ନେଇ ଗଠିତ ଖଣ୍ଡପିଠ କହିଛନ୍ତି। ପେଗାସସ୍ ମାଧ୍ୟମରେ ଗୁପ୍ତଚର ଅଭିଯୋଗର ସୁପ୍ରିମ୍‌କୋର୍ଟର ବୈଶୟିକ ରିପୋର୍ଟକୁ ସାର୍ବଜନୀନ କରାଯାଉ ବୋଲି ଦାବି କରାଯାଉଥିଲା। ତେବେ ଆବେଦନକାରୀ ଆମେରିକାର ଏକ ଜିଲ୍ଲା କୋର୍ଟ ରିପୋର୍ଟକୁ ଅବତାରଣା କରି ଉଲ୍ଲେଖ କରିଥିଲେ ଯେ ଏନ୍‌ଏସ୍‌ଓ ଗ୍ରୁପ୍ ଦ୍ୱାରା ପ୍ରସ୍ତୁତ ପେଗାସସ୍‌ରେ ୧୪୦୦ ଡିଭାଇସ୍‌କୁ ଟାର୍ଗେଟ କରାଯାଇଛି। ତେବେ କୋର୍ଟ ପଚାରିଥିଲେ ଏହି ରାୟକୁ ଦେଖାନ୍ତୁ। କୌଣସି ବ୍ୟକ୍ତିଗତ ଆସଙ୍କା ମଧ ବିଚାର କରାଯାଇପାରିବ ହେଲେ ଆମେ ତଥ୍ୟ ରାସ୍ତାରେ ଆଲୋଚନା କରିବାକୁ ଦେଇପାରିବୁ ନାହିଁ। ଯେଉଁ ସ୍ଥିତିର ଆମେ ସମ୍ମୁଖୀନ ହେଉଛି ସେଥିପାଇଁ ଆମକୁ ଅଧିକ ଯତ୍ନବାନ ହେବାକୁ ପଡିବ। ଜଷ୍ଟିସ୍ କାନ୍ତ ପହଲଗାମ ଘଟଣାକୁ ଉଲ୍ଲେଖ କରିଥିଲେ। ଯଦି ଦେଶ ସ୍ପାଏଓ୍ୱାୟାର ବ୍ୟବହାର କରୁଛି ଏଥିରେ ଭୁଲ୍ କେଉଁଠି । ଏହା କିଛି ଲୋକଙ୍କ ବିରୋଧରେ ବ୍ୟବହାର କରାଯାଉଛି। ଦେଶର ସୁରକ୍ଷା ସହ ବୁଝାବଣା ହୋଇପାରିବ ନାହିଁ। ଆବେଦନକାରୀ ଦାବି କରିଥିଲେ ଯେ ସୁପ୍ରିମ୍‌କୋର୍ଟର ବୈଶୟିକ କମିଟିର ରିପୋର୍ଟକୁ ସର୍ବସାଧାରଣରେ ପ୍ରକାଶ କରାଯାଉ। ସଲିସେଟ୍‌ର ଜେନେରାଲ୍ ତୁଷାର ମେହେଟା କେନ୍ଦ୍ର ସରକାରଙ୍କ ପକ୍ଷରୁ ପକ୍ଷ ରଖି କହିଥିଲେ ଯେ ଆତଙ୍କବାଦୀଙ୍କ ବିରୋଧରେ ଏହାର ବ୍ୟବହାରକୁ କଣ ବାରଣ କରାଯାଇପାରିବ।

## ବୃଦ୍ଧି ପାଇଲା ଭାରତୀୟ ସେୟାର୍ ବଜାର

**ମୁମ୍ବାଇ:** ଭାରତୀୟ ସେୟାଜ୍ ବଜାର ପାଇଁ ମଙ୍ଗଳବାର ବି ଶୁଭ ସାବ୍ୟସ୍ତ ହୋଇଛି । ନିବେଶକଙ୍କ ପାଇଁ ଖୁସି ଖବର । କାରଣ ଭାରତର ଷ୍ଟକ୍ ମାର୍କେଟ ଆଜି ସବୁଜ ଜୋନରୁ ଆରମ୍ଭ ହୋଇଛି । ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ୩୦ ସେୟାର୍ଯୁକ୍ତ ସେନ୍ସେକ୍ସ (ବିଏସ୍‌ଇ ସେନ୍ସେକ୍ସ) ଖୋଲିବାର ପରେ ପରେ ହିଁ ତୋଫାନ ବେଗରେ ବୃଦ୍ଧି ପାଇଁ ୪୦୦ ପଏଣ୍ଟ ପାର୍ କରିଥିଲା । ସେହିପରି ସେନ୍ଟ୍ରାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି (ଏନ୍‌ଏସ୍‌ଇ ନିଫ୍ଟି) ବି ୧୨୦ ପଏଣ୍ଟର ବୃଦ୍ଧିକୁ ନେଇ କାରବାର ଆରମ୍ଭ କରିଛି । ମଙ୍ଗଳବାର ଦିନ ଷ୍ଟକ୍ ବଜାରରେ କାରବାର ଆରମ୍ଭ ହେବା ମାତ୍ରେ, ବିଏସ୍‌ଇ ସେନସେକ୍ସ ଏହାର ପୂର୍ବ ବନ୍ଦ ୮୦,୨୧୮.୩୭ ତୁଳନାରେ ୮୦,୩୯୬.୯୨ ସ୍ତରରେ ଖୋଲିଥିଲା । ଏହାର କିଛି ସମୟ ପରେ ହିଁ ୪୫୦ ପଏଣ୍ଟ ବୃଦ୍ଧି ପାଇ ୮୦, ୬୬୧.୩୧ରେ ଟ୍ରେଡ୍ କରିବାର ନଜର ଆସିଥିଲା । ସେନସେକ୍ସ ପରି ଏନ୍‌ଏସ୍‌ଇ ନିଫ୍ଟି ମଧ ଗ୍ରୀନ୍ ଜୋନରେ ୨୪,୩୭୦.୭୦ରେ ଖୋଲିଥିଲା । ମିଶ୍ରିତ ବିଶ୍ୱ ସଙ୍କେତ ମଧ୍ୟରେ, ପ୍ରାୟ ୧୬୮୦ କମ୍ପାନୀର ଷ୍ଟକ୍ ବଜାର ଆରମ୍ଭରେ ଲାଭ ସହିତ ଗ୍ରୀନ୍ ଜୋନରେ କାରବାର ଆରମ୍ଭ କରିଥିବା ସୂଚନା ରହିଛି ।

## ଝିଅ ଆଇଏଏସ୍ ପାଇବା ଖୁସିରେ ବାପାର ହାର୍ଟଷ୍ଟ୍ରୋକ୍

**ପୁଣେ:** ପୁଣେର ଯବତମାଲ ଜିଲ୍ଲାର ମହାଗାଁର ଇଜାରା ଗାଁରେ ଖୁସିର ପରିବେଶରେ ହଠାତ ଦୁଃଖର ପାହାଡ ଭାଙ୍ଗି ପଡ଼ିଥିଲା । ୟୁପିଏସସି ପରୀକ୍ଷାରେ ଝିଅ ସଫଳ ହେବାପରେ ବାପା ଅତ୍ୟଧିକ ଖୁସି ହୋଇ ଝୁମି ଯାଇଥିଲେ । କିଛି ସମୟ ପରେ ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ସେ ତଳେ ପଡ଼ି ଯାଇଥିଲେ । ଚିକିତ୍ସା ପାଇଁ ପରିବାରଲୋକ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସୂଚନାଯୋଗ୍ୟ, ପ୍ରହ୍ଲାଦ ଖଣ୍ଡାରେଙ୍କ ଝିଅ ମୋହିନୀ ୟୁପିଏସସି ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲେ । ପ୍ରହ୍ଲାଦ ତାଙ୍କ ଝିଅକୁ ଜଣେ ଆଇଏଏସ ଅଧିକାରୀ କରିବାକୁ ଚାହୁଁଥିଲେ । ନିକଟରେ ମୋହିନୀ ୟୁପିଏସସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବାପାଙ୍କ ସ୍ୱପ୍ନକୁ ପୁରା କରିଥିଲେ । ସମଗ୍ର ଗାଁରେ ମୋହିନୀଙ୍କ ସଫଳତା ପାଇଁ ଉତ୍ସବର ପରିବେଶ ରହିଥିଲା । ପରସ୍ପର ମଧ୍ୟରେ ମିଠା ବଣ୍ଟାବଣ୍ଟି ଚାଲିଥିଲା । ଏତିକି ବେଳେ ପ୍ରହ୍ଲାଦ ଖଣ୍ଡାରେଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା । ତାଙ୍କୁ ପରିବାରଲୋକ ତୁରନ୍ତ ସ୍ଥାନୀୟ ଡାକ୍ତରଖାନାକୁ ନେଇ ଯାଇଥିଲେ କିନ୍ତୁ ଦୁଃଖର ବିଷୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ଜଷ୍ଟିସ ଗାଭାଇ ପରବର୍ତ୍ତି ସିଜେଆଇ



**ନୂଆଦିଲ୍ଲୀ:** ଜଷ୍ଟିସ ଭୂଷଣ ରାମକୃଷ୍ଣ ଗାଭାଇ ହେବେ ଭାରତର ପରବର୍ତ୍ତି ନୂଆ ମୁଖ୍ୟ ବିଚାରପତି । ସେ ହେବେ ଭାରତର ୫୨ତମ ମୁଖ୍ୟ ବିଚାରପତି । ତାଙ୍କ ନାମକୁ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ନାମକୁ ଅନୁମୋଦନ କରିଛନ୍ତି । ଜଷ୍ଟିସ୍ ଗଭାଇ ୧୪ ମଇ, ୨୦୨୫ରେ ଭାରତର ୫୨ତମ ମୁଖ୍ୟ ବିଚାରପତି ଭାବରେ ଶପଥ ଗ୍ରହଣ କରିବେ । ଏହା ପୂର୍ବରୁ ଭାରତର ବର୍ତ୍ତମାନର ମୁଖ୍ୟ ବିଚାରପତି ସଞ୍ଜୀବ ଖାନ୍ନା ତାଙ୍କ ନାମ ସୁପାରିଶ କରିଥିଲେ । ସିଜେଆଇ ସଞ୍ଜିବ ଖାନ୍ନାଙ୍କ କାର୍ଯ୍ୟକାଳ ମେ ୧୩ରେ ଶେଷ ହେଉଛି । ବି.ଆର. ଗଭାଇ ଦାୟିତ୍ୱ ଗ୍ରହଣ କରିବା ପରେ ୬ ମାସ ପାଇଁ ସିଜେଆଇ ଭାବରେ କାର୍ଯ୍ୟ କରିବେ ଏବଂ ନଭେମ୍ବର ୨୦୨୫ରେ ଅବସର ନେବେ ।

## ଅସୀମ ମୁନିରଙ୍କ ଉପରେ ଆଇଏସ୍‌ଆଇ ଚାପ

# ପହଲଗାମ ଆକ୍ରମଣର ପ୍ରମାଣ ନଷ୍ଟ କରିବାକୁ ନିର୍ଦ୍ଦେଶ

**ଇସ୍ଲାମାବାଦ:** ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ସେନା ମୁଖ୍ୟ ଅସୀମ ମୁନିରଙ୍କ ଉପରେ ଲଗାତାର ପ୍ରଶ୍ନ ଉଠିବାରେ ଲାଗିଛି । ସମ୍ପ୍ରତି, ପାକିସ୍ତାନ ସେନା ମୁଖ୍ୟ ହିନ୍ଦୁ-ମୁସଲିମ ଏବଂ ଦୁଇ-ରାଷ୍ଟ୍ର ତତ୍ତ୍ୱ ସହିତ ଜଡିତ ଏପରି ବୟାନ ଦେଇଛନ୍ତି, ଯାହା ତାଙ୍କ ଆଡ଼କୁ ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି । ଅନେକ ବିଶେଷଜ୍ଞ କହିଛନ୍ତି ଯେ, ମୁନିରଙ୍କ ବକ୍ତବ୍ୟ ଏବଂ ପହଲଗାମ ଆକ୍ରମଣର ପଦ୍ଧତି ମଧ୍ୟରେ ଏକ ସମ୍ପର୍କ ଅଛି । ଏବେ ପୂର୍ବତନ ପାକିସ୍ତାନୀ ସେନା ଅଧିକାରୀ ଆଦିଲ ରାଜା ସୋସିଆଲ ମିଡିଆରେ ଏକ ନୂଆ ଦାବି କରିଛନ୍ତି । ଆଦିଲ ଦାବି କରିଛନ୍ତି, ପହଲଗାମ ଆକ୍ରମଣର ମାଷ୍ଟରମାଇଣ୍ଡ ହେଉଛନ୍ତି ଅସୀମ ମୁନୀର । ବର୍ତ୍ତମାନ ପାକିସ୍ତାନରେ ଏହି ଆକ୍ରମଣର ପ୍ରମାଣ ନଷ୍ଟ କରିବା ପାଇଁ କାମ ଚାଲିଛି । ଆଦିଲ ରାଜା କହିଛନ୍ତି, ପାକିସ୍ତାନର ଗୁପ୍ତଚର ସଂସ୍ଥା ପ୍ରକାଶ କରିଛନ୍ତି ଯେ ଅନ୍ତର୍ଜାତୀୟ ସମ୍ପ୍ରଦାୟ, ବିଶେଷକରି ସାଉଦି ଆରବ, ପାକିସ୍ତାନ ସେନା ଏବଂ ଗୁପ୍ତଚର ସଂସ୍ଥା ଆଇଏସଆଇ ଉପରେ ପ୍ରବଳ ଚାପ ପକାଉଛନ୍ତି । ଏହାକୁ ଦୃଷ୍ଟିରେ ରଖି, ପହଲଗାମ




ଘଟଣା ସହିତ ଜଡିତ ସମସ୍ତ ପ୍ରମାଣ ନଷ୍ଟ କରିବାକୁ ଆଇଏସଆଇ ମୁଖ୍ୟ ଅସୀମ ମାଲିକଙ୍କୁ ନିର୍ଦ୍ଦେଶ ଦିଆଯାଇଛି କାରଣ ପହଲଗାମ ଆକ୍ରମଣର ଯୋଜନା ନିଜେ ସେନା ମୁଖ୍ୟ ଅସୀମ ମୁନୀର କରିଥିଲେ ବୋଲି ଅଭିଯୋଗ ହୋଇଛି ।

ଆଦିଲ ରାଜା ଦାବି କରିଛନ୍ତି, ଅସୀମ ମୁନୀର ପହଲଗାମ ଷଡଯନ୍ତ୍ର ରଚିଥିଲେ କାରଣ ସେ ଭାବିଥିଲେ ଯେ, ଏହି ପଦକ୍ଷେପ ତାଙ୍କର ଲୋକପ୍ରିୟତା ବୃଦ୍ଧି କରିବ । କିନ୍ତୁ, ଆକ୍ରମଣ ପରେ ଏହା ଘଟିନାହିଁ । ସାରା ବିଶ୍ୱରୁ ଆଇଏସଆଇ ଉପରେ ଚାପ ବୃଦ୍ଧି ପାଉଛି । ସାଉଦି ଆରବ ଭଳି ଦେଶ ସେମାନଙ୍କ ଉପରେ ବହୁତ ଚାପ ପକାଇଛନ୍ତି । ଏପରି ପରିସ୍ଥିତିରେ, ତାଙ୍କୁ ଘଟଣା ସହିତ ଜଡିତ ସମସ୍ତ ପ୍ରମାଣ ନଷ୍ଟ କରିବାକୁ କୁହାଯାଇଛି ।

ସୂତ୍ର ଅନୁସାରେ, ଜଣେ ଆଇଏସଆଇ ଅଧିକାରୀ ଏକ ଗୁପ୍ତ କଥାବାର୍ତ୍ତାରେ କହିଛନ୍ତି, ଅସୀମ ମୁନୀର ଜଣେ ମାନସିକ ରୋଗୀ ପରି ଲାଗନ୍ତି । ପହଲଗାମରେ , ସେ ଭାବିଥିଲେ ଯେ, ଏହା ତାଙ୍କୁ ସାଧାରଣ ସମର୍ଥନ ଦେବ । ସାଉଦି ଆରବ ଏବଂ ୟୁଏଇର ଗୁଇନ୍ଦା ସଂସ୍ଥାଗୁଡ଼ିକ ମୁନିରଙ୍କ କାର୍ଯ୍ୟ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି । ମୁନିରଙ୍କୁ ନେଇ ପାକିସ୍ତାନର ଅନ୍ୟ ସହଯୋଗୀମାନଙ୍କ ମଧ୍ୟରେ ମଧ ଅସନ୍ତୋଷ ବୃଦ୍ଧି ପାଉଛି । କଶ୍ମୀରରେ ଆତଙ୍କବାଦୀ ଆକ୍ରମଣ ପରେ, ଅସୀମ ମୁନିର ସମସ୍ୟାରେ ପଡ଼ିଛନ୍ତି । ପାକିସ୍ତାନର ଲୋକମାନେ ଭାବୁଛନ୍ତି, ଅସୀମ ମୁନୀର ନିଜର ପ୍ରଭାବ ବୃଦ୍ଧି କରିବା ପାଇଁ ପାକିସ୍ତାନକୁ ଯୁଦ୍ଧର ଦ୍ୱାରଦେଶକୁ ଆଣିଛନ୍ତି । ପାକିସ୍ତାନୀ ବିଶେଷଜ୍ଞ ଅଫତାବ ଇକବାଲ କହିଛନ୍ତି, ପାକିସ୍ତାନ ଇତିହାସରେ ପ୍ରଥମ ଥର ପାଇଁ ଜନସାଧାରଣଙ୍କ ଏକ ବଡ଼ ଅଂଶ ସେନା ବିରୋଧରେ ଥିବା ଦେଖାଯାଉଛି । ମୁନିରଙ୍କୁ ସେନାକୁ ସମର୍ଥନ କରିବା ପାଇଁ ଜନସାଧାରଣଙ୍କୁ ବାରମ୍ବାର ନିବେଦନ କରିବାକୁ ପଡୁଛି ।

## ସୀମାପାର ହେବେ କି ସୀମା



**ନୂଆଦିଲ୍ଲୀ:** ଉତ୍ତରପ୍ରଦେଶର ଗ୍ରେଟର ନୋଏଡାରେ ରହୁଥିବା ସୀମା ହାଇଦର କେନ୍ଦ୍ର ସରକାର ଦ୍ୱାରା ପାକିସ୍ତାନ ନାଗରିକଙ୍କୁ ଭାରତ ଛାଡ଼ିବା ପାଇଁ ନିର୍ଦ୍ଦେଶ ପରେ ଚର୍ଚ୍ଚାକୁ ଆସିଛନ୍ତି । ଉତ୍ତରପ୍ରଦେଶର ଡିଜିପି ପ୍ରଶାନ୍ତ କୁମାର କହିଛନ୍ତି, 'ଦେଶରେ ୭୫ଟି ଜିଲ୍ଲାରେ ପାକିସ୍ତାନ ନାଗରିକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାକିସ୍ତାନ ପଠାଇବାକୁ ବ୍ୟବସ୍ଥା କରାଯାଉଛି । ଏପର୍ଯ୍ୟନ୍ତ ଶତପ୍ରତିଶତ ପାକିସ୍ତାନ ନାଗରିକଙ୍କୁ ସେମାନଙ୍କ ଦେଶକୁ ପଠାଇ ଦିଆଯାଇଛି । କେବଳ ଜଣେ ପାକିସ୍ତାନୀ ରହି ଯାଇଛନ୍ତି । ଯାହାଙ୍କୁ ଏପ୍ରିଲ ୩୦ ତାରିଖରେ ପାକିସ୍ତାନ ପଠାଇବା ପାଇଁ ବ୍ୟବସ୍ଥା କରାଯାଉଛି । ଏହି କ୍ରମରେ ନିଜର ପ୍ରେମ ପାଇଁ ପାକିସ୍ତାନରୁ ଭାରତ ଚାଲି ଆସିଥିବା ସୀମା ହାଇଦରଙ୍କୁ ନେଇ ବିଭିନ୍ନ ପ୍ରକାର ଚର୍ଚ୍ଚା ଜାରି ରହିଛି । ପ୍ରଶ୍ନ ଉଠୁଛି ଯେ ପାକିସ୍ତାନରୁ ଭାରତ ଆସିଥିବା ସୀମା ହାଇଦରଙ୍କୁ ତାଙ୍କ ଦେଶକୁ ଫେରାଇ ଦିଆଯିବ କି? ଏଭଳି ପ୍ରସଙ୍ଗ ଉପରେ ସୀମାଙ୍କ ଓକିଲ ଏପି ସିଂହ କହିଛନ୍ତି, 'ସୀମା ହାଇଦରଙ୍କ ନାଗରିକତା ସମ୍ପର୍କିତ କାଗଜପତ୍ର ଭାରତ ସରକାର ଏବଂ ରାଷ୍ଟ୍ରପତିଙ୍କ ନିକଟରେ ବିଚାରାଧୀନ ଅଛି । ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ଏପର୍ଯ୍ୟନ୍ତ ନିଆଯାଇ ନାହିଁ । ଏପର୍ଯ୍ୟନ୍ତ ସୀମା ହାଇଦରଙ୍କୁ ଏପ୍ରିଲ ୩୦ ସୁଦ୍ଧା ଭାରତ ଛାଡିବାକୁ କୌଣସି ପ୍ରକାର ନୋଟିସ ଦିଆଯାଇ ନାହିଁ ।

## କୋଣାର୍କ କପ କ୍ରିକେଟ୍: ରାମେଶ୍ୱର ସ୍ପୋର୍ଟିଂ ଚାମ୍ପିଅନ



କୋଣାର୍କ,୨୯।୪(ସବ୍ୟୁ): କୋଣାର୍କ ସ୍ପୋର୍ଟ୍ସ ଏକାଡେମୀ ପକ୍ଷରୁ କୋଣାର୍କ ଭଗବତୀ ମହାବିଦ୍ୟାଳୟ ଖେଳ ପଡିଆରେ ଆୟୋଜିତ ପ୍ରଥମ ରାଜ୍ୟ ସ୍ତରୀୟ କୋଣାର୍କ କପ ଟି ଟ୍ୱେଣ୍ଟି କ୍ରିକେଟ ଟୁର୍ଣ୍ଣାମେଣ୍ଟ ର ଫାଇନାଲ ମ୍ୟାଚରେ ଭାରତ ଭୁଷଣ କ୍ରିକେଟ ଏକାଡ଼େମୀକୁ ରାମେଶ୍ୱର ସ୍ପୋର୍ଟିଂ ଚାମ୍ପିଅନ ହୋଇଛି । ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କ୍ରୀଡ଼ା, ଯୁବ ବ୍ୟାପାର ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗ ଦେଇ ଚାମ୍ପିଅନ ଦଳକୁ ୩୫ ହଜାର ଟଙ୍କା ଓ ଚାମ୍ପିଅନ ଟ୍ରଫି ପ୍ରଦାନ କରିଥିଲେ । ଏହି ଅବସରରେ କୋଣାର୍କ ଭଳି ଏକ ଆନ୍ତର୍ଜାତୀୟ ପର୍ଯ୍ୟଟନ ସ୍ଥଳୀରେ କ୍ରୀଡା ଭିତ୍ତିଭୂମିର ବିକାଶ ପାଇଁ ସରକାର ପ୍ରତିବଦ୍ଧ ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଥିଲେ । ପ୍ରଥମେ ବ୍ୟାଟିଂ କରି ଭୁବନେଶ୍ୱର ଭାରତ ଭୁଷଣ କ୍ରିକେଟ ଏକାଡ଼େମୀ ନିର୍ଦ୍ଧାରିତ ୨୦ ଓଭର ମ୍ୟାଚରେ ୭ ୱିକେଟ ହରାଇ ୧୩୨ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ସିଦ୍ଧାର୍ଥ ଜେନା ସର୍ବାଧିକ ୨୭ବଲରେ ୨୩ ରନ , ଶିଶିର ପଟ୍ଟନାୟକ ୨୩ ବଲ୍ ରେ ୨୩ ରନ ସଂଗ୍ରହ କରିଥିଲେ । ରାମେଶ୍ୱର ପକ୍ଷରୁ ଆଶୁତୋଷ ନାୟକ ୪ ଓଭର ବୋଲିଂ କରି ୨୩ ରନ ଦେଇ ଦୁଇ ୱିକେଟ ଅକ୍ତିଆର କରିଥିଲେ । ଗୌତମ ଗୋପାଳ ଦୁଇ ୱିକେଟ ଅକ୍ତିଆର କରିଥିଲେ । ଜବାବରେ ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ ୧୮ .୪ ଓଭରରେ ୫ ୱିକେଟ ହରାଇ ୧୩୮ ରନ କରି ବିଜୟ ଲକ୍ଷ ହାସଲ କରିଥିଲେ । ରାମେଶ୍ୱର ପକ୍ଷରୁ ଗୌତମ ଗୋପାଳ ୩୫ବଲ ଖେଳି ଅପରାଜିତ ୫୨ରନ ସଂଗ୍ରହ କରିଥିଲେ । ବିବିସିଏ ର ଆଶିଷ ଭୂୟାଁ ଓ ଚିରାଗ ସୋନି ଉଭୟ ଦୁଇଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ । ରାମେଶ୍ୱର ସ୍ପୋଟିଂର ଗୌତମ ଗୋପାଳ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ସିରିଜ୍ ଭାବେ ପୁରସ୍କୃତ ହୋଇଥିଲେ । ଟୁର୍ଣ୍ଣାମେଣ୍ଟର ଉଦଯାପନୀ ସମାରୋହରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ବାଇଧର ମଲ୍ଲିକ , ପୁରୀ ଅଲମ୍ପିକ୍ସ ଆସୋସିଏସନ୍ କୋଷାଧ୍ୟକ୍ଷ ରବି ପ୍ରତିହାରୀ ,କୋଣାର୍କ ଭଗବତୀ ମହାବିଦ୍ୟାଳୟ ଅଧକ୍ଷ ଅବତାର ମିଶ୍ର ,ଆର ଡି ମହିଳା ମହାବିଦ୍ୟାଳୟ ପ୍ରଫେସର ସୁଚିସ୍ମିତା ସରଦାର ଯୋଗ ଦେଇଥିଲେ । ରନର୍ସ ଅପ ଦଳକୁ ୨୫ ହଜାର ଟଙ୍କା ଓ ରନର୍ସ ଅପ ଟ୍ରଫି ପ୍ରଦାନ କରାଯାଇଥିଲା ।

ଓସିଏ ପ୍ୟାନେଲ ଆମ୍ପେୟାର ଆୟସକାନ୍ତ ମିଶ୍ର , ସତ୍ୟବ୍ରତ ମହାପାତ୍ର ଦେବେନ୍ଦ୍ର ନାଥ ମିଶ୍ର ଫାଇନାଲ ମ୍ୟାଚ ପରିଚାଳନା କରିଥିଲେ । କୋଣାର୍କ ସ୍ପୋର୍ଟସ ଏକାଡେମୀ ସଭାପତି ଚନ୍ଦ୍ରଶେଖର ରାଉତରାୟ ,ସମ୍ପାଦକ ରମାକାନ୍ତ ଖଟୋଇ, କୋଷାଧ୍ୟକ୍ଷ ଶିଶିର ସେଠ, ଉପସଭାପତି ରଶ୍ମି ରଞ୍ଜନ ବିଶ୍ୱାଳ , ପିଙ୍କନ୍ ଜେନା, ଟୁର୍ଣ୍ଣାମେଣ୍ଟର ସଂଯୋଜକ ସୁଜିତ୍ ରାଉତରାୟ ,ବରିଷ୍ଠ ସଭ୍ୟ ସଂଗ୍ରାମ କେଶରୀ ସାହୁ , ବିଶ୍ୱଜିତ୍ ରାଉତରାୟ , ରମେଶ ସ୍ୱାଇଁ , ପ୍ରସନ୍ନ ମହାନ୍ତି, ମନୋଜ ନାୟକ , ମଙ୍ଗୁଳି ମୁଦୁଲି ପ୍ରଦୀପ ସିହ୍ନା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ ।

# ଦିଲ୍ଲୀକୁ ଧରାଶାୟୀ କଲା କେକେଆର


**ଆଇପିଏଲ୍ ମହାସମର**

ନୂଆଦିଲ୍ଲୀ,୨୯।୪ (ଏଜେନ୍ସି):ଗତଥରର ଚାମ୍ପିଅନ୍ କୋଲକାତା ନାଇଟ୍ ରାଇଡର୍ସ ଏଥର ଆଇପିଏଲ୍‌ରେ ନିରାଶା ପ୍ରଦର୍ଶନ ଦେଖାଇଥିବା ବେଳେ ମଙ୍ଗଳବାର ମ୍ୟାଚ ବିଜୟ ପରେ ଦଳକୁ ସାମାନ୍ୟ ଆସ୍ୱସ୍ତି ମିଳିଛି । ଆଇପିଏଲ୍‌ର ୪୮ତମ ମ୍ୟାଚରେ କୋଲକାତା ନାଇଟ୍ ରାଇଡର୍ସ ୧୪ ରନ୍ ବ୍ୟବଧାନରେ ଦିଲ୍ଲୀ କ୍ୟାପିଟାଲ୍ସକୁ ଧରାଶାୟୀ କରି ଚଳିତ ଆଇପିଏଲ୍‌ରେ ଚତୁର୍ଥ ବିଜୟ ହାସଲ କରିଛି । ଏହି ମ୍ୟାଚରେ କୋଲକାତା ୨୦ ଓଭରରେ ୯ ୱିକେଟ୍ ହରାଇ ୨୦୪ ରନ୍ କରିଥିଲା । ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୯ ୱିକେଟ୍ ହରାଇ ୧୯୦ ରନ କରିବାକୁ ସମର୍ଥ ହୋଇଥିଲା ।

ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ

**ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ବେଙ୍ଗାଲୁରୁ | ୧୦ | ୭ | ୩ | ୧୪ |
| ମୁମ୍ବାଇ | ୧୦ | ୬ | ୪ | ୧୨ |
| ଗୁଜରାଟ | ୯ | ୬ | ୩ | ୧୨ |
| ଦିଲ୍ଲୀ | ୧୦ | ୬ | ୪ | ୧୨ |
| ପଞ୍ଜାବ | ୯ | ୫ | ୩ | ୧୧ |
| ଲକ୍ଷ୍ନୌ | ୧୦ | ୫ | ୫ | ୧୦ |
| କୋଲକାତା | ୧୦ | ୪ | ୫ | ୯ |
| ରାଜସ୍ଥାନ | ୧୦ | ୩ | ୭ | ୬ |
| ସନ୍‌ରାଇଜର୍ସ | ୯ | ୩ | ୬ | ୬ |
| ଚେନ୍ନାଇ | ୯ | ୨ | ୭ | ୪ |



କରିଥିବା କୋଲକାତା ନାଇଟ୍ ରାଇଡର୍ସ ପକ୍ଷରୁ ପ୍ରାରମ୍ଭରୁ ମଧ୍ୟମ ପର୍ଯ୍ୟନ୍ତ ବ୍ୟାଟର ଅର୍ଦ୍ଧଶତକ ହାସଲ କରିପାରିନଥିଲେ ମଧ୍ୟ ଉପଯୋଗୀ ଇନିଂସ ଖେଳିଥିଲେ । ଓପନର ରହମନୁଲ୍ଲା ଗୁରବାଜ ୧୨ ବଲ୍‌ରୁ ୨୬, ସୁନୀଲ ନାରିନ ୧୬ ବଲ୍‌ରୁ ୨୭, ଅଧିନାୟକ ଆଜିଙ୍କ୍ୟ ରାହାଣେ ୧୪ ବଲ୍‌ରୁ ୨୬, ଅଙ୍ଗକିସ ରଘୁବଂଶୀ ୩୨ ବଲ୍‌ରୁ ୪୪ ରନ୍, ରିଙ୍କୁ ସିଂ ୨୫ ବଲ୍‌ରୁ ୩୫ ରନ୍, ଆନ୍ଦ୍ରେ ରସେଲ ୯ ବଲ୍‌ରୁ ୧୭ ଓ ରୋଭମ୍ୟାନ୍ ପାୱେଲ ୫ ରନ୍ କରିବାରୁ କୋଲକାତା ୨୦ ଓଭରରେ ୯ ୱିକେଟ୍ ହରାଇ ୨୦୪ ରନ୍ କରିଥିଲା । ବୋଲିଂରେ ଦିଲ୍ଲୀର ମିଚେଲ୍ ଷ୍ଟାର୍କ ୩ଟି, ବିପ୍ରଜନିଗମ ଓ ଅକ୍ଷର ପଟେଲ ୨ଟି ଲେଖାଏଁ, ଦୁଷ୍ମନ୍ତ ଚାମିରା ଗୋଟିଏ ୱିକେଟ୍ ସଫଳତା ହାସଲ କରିଥିଲେ ।

୨୦୫ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରିଥିବା ଦିଲ୍ଲୀ ପ୍ରଥମ ଓଭରରେ ଦ୍ୱିତୀୟ ବଲ୍‌ରେ ଅଭିଶେକ ପୋରେଲଙ୍କୁ ହରାଇଥିଲା । ପୋରେଲ ୪ ରନ୍ କରି ପାଭିଲିୟନ୍ ଫେରିଥିଲା । ଭଲ ଫର୍ମରେ ଥିବା ଲୋକେଶ ରାହୁଲ ୭ ରନ୍ କରି ରନ୍‌ଆଉଟ୍ ହେବାରୁ ଦଳର ବିଜୟ ଆଶା ମଉଳି ଯାଇଥିଲା । କିନ୍ତୁ ଫାଫ ଡୁପ୍ଲେସିସ୍ ୪୫ ବଲ୍‌ରୁ ୬୨, କରୁଣ ନାୟକ ୧୫, ଅଧିନାୟକ ଅକ୍ଷର ପଟେଲ୨୩ ବଲ୍‌ରୁ ୪୩ ରନ୍ ଓ ବିପର୍ଯ୍ୟୟ ନିଗମ୍ ୧୯ ବଲ୍‌ରୁ ୩୮ ରନ୍ କରିବା ସତ୍ତ୍ୱେ ଦିଲ୍ଲୀ ୨୦ ଓଭରରେ ୧୯୦/୯ ରନ୍ କରିବାକୁ ସକ୍ଷମ ହୋଇଥିଲା । କୋଲକାତାର ସୁନୀଲ ନାରିନ୍ ୪ ଓଭରରେ ୨୯ ରନ୍ ଦେଇ ୩ ୱିକେଟ୍ ହାସଲ କରିଥିଲେ । ବରୁଣ ଚକ୍ରବର୍ତ୍ତୀଙ୍କୁ ୨ଟି, ଅନୁକୁଲ ରୟ, ବୈଭବ ଅରୋରା, ଆନ୍ଦ୍ରେ ରସେଲ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ । ଚଳିତ ଆଇପିଏଲ୍‌ରେ ଭଲ ପ୍ରଦର୍ଶନ ଦେଖାଇଥିବା ଦିଲ୍ଲୀ ୧୦ ମ୍ୟାଚରୁ ୧୨ ପଏଣ୍ଟ ସହ ଟେବୁଲର ଚତୁର୍ଥ ସ୍ଥାନରେ ରହିଛି ।

**ଆଜିର ମ୍ୟାଚ**

**ଚେନ୍ନାଇ–ପଞ୍ଜାବ**
**ସମୟ: ରାତି ୭.୩୦**
**ସ୍ଥାନ: ଚେନ୍ନାଇ**
**ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ହଟ୍‌ଷ୍ଟାର**

# ଛାତ ଉପରେ ପ୍ରଶିକ୍ଷଣଠୁ ଆଇପିଏଲ୍‌ରେ ଶତକ

ନୂଆଦିଲ୍ଲୀ,୨୯।୪ (ଏଜେନ୍ସି): କରୋନା ସମୟରେ ଚାରିଆଡେ ହା ହା କାର ସ୍ଥିତି ଥିଲା । ଏହି ସମୟରେ ବିହାରର ଜଣେ ୧୦ ବର୍ଷ ବୟସର ପିଲା ତାଙ୍କ ଘରର ଛାତ ଉପରେ ବ୍ୟାଟିଂ ଅଭ୍ୟାସ କରୁଥିଲା । କରୋନା ଯୋଗୁଁ କ୍ରିକେଟ୍ ଗ୍ରାଉଣ୍ଡ ବନ୍ଦ ଥିବାରୁ ବିଧିବଦ୍ଧ ପ୍ରଶିକ୍ଷଣ ବ୍ୟବସ୍ଥା ମଧ୍ୟ ନଥିଲା । ହେଲେ ଛୋଟ ପିଲାଟି ନିଜ ଛାତ ଉପରେ ଅଗଣିତ ସମୟ ବ୍ୟାଟିଂ କରି ନିଜ ସଟ୍‌କୁ ସଠିକ କରିବାରେ ଲାଗି ପଡିଥିଲା ।

ସ୍ୱପ୍ନ ଥିଲା ପୁରା ବିଶ୍ୱକୁ ନିଜ ବ୍ୟାଟିଂର ଚମକ ଦେଖାଇବ । ଏବେ ଏହି ସ୍ୱପ୍ନ କିଛି ମାତ୍ରାରେ ସତ ହୋଇଛି । ୨୦୨୧ରେ ମାତ୍ର ୧୦ ବର୍ଷ ବୟସ ହୋଇଥିବା ପିଲାଟି ଆଇପିଏଲ୍‌ରେ ଶତକ ମାରି ଚହଲ ସୃଷ୍ଟି କରିଛନ୍ତି । ଏହି ପିଲା ଜଣଙ୍କ ହେଉଛନ୍ତି ବିହାରର ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ । ସେ ଏବେ ବନିଯାଇଛନ୍ତି ୱଣ୍ଡର ବଏ ସୂର୍ଯ୍ୟବଂଶୀ । ଆଇପିଏଲ୍ ଇତିହାସରେ ସେ ସର୍ବକନିଷ୍ଠ ଖେଳାଳି ଭାବେ ଡେବ୍ୟୁ କରି ରେକର୍ଡ କରିଥିଲେ । ନିଜର ତୃତୀୟ ମ୍ୟାଚରେ ଇତିହାସ ରଚିଛନ୍ତି । ସେ ଗୁଜରାଟ ଟାଇଟନ୍ସ ବିପକ୍ଷରେ ୩୫ ବଲରୁ ଶତକ ହାସଲ କରି ସମସ୍ତଙ୍କୁ ନିଜ ଦକ୍ଷତାର ପରିଚୟ ଦେଇଛନ୍ତି । ଜୟପୁରର ସବାଇ ମାନସିଂ ଷ୍ଟାଡିୟମ୍‌ରେ ଅପ୍ରତ୍ୟାଶିତ ଓ ଆଶ୍ଚର୍ଯ୍ୟଜନକ ଘଟଣା ଭାବେ ସୂର୍ଯ୍ୟବଂଶୀ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଦବଦବା ସୃଷ୍ଟି କରିଥିବା ମହମ୍ମଦ ସିରାଜ, ରସିଦ ଖାନ୍, ୱାଶିଂଟନ ସୁନ୍ଦର ଓ ପ୍ରସିଦ୍ଧ କୃଷ୍ଣାଙ୍କୁ ପ୍ରବଳ ଧୁଲେଇ କରିଥିଲେ । ଆଇପିଏଲ୍ ଇତିହାସରେ ଦ୍ୱିତୀୟ ଦ୍ରୁତତମ ଶତକ ହାସଲ କରିବାର ରେକର୍ଡ କରିଛନ୍ତି । କ୍ରିସ୍ ଗେଲ୍ ୩୦ ବଲରେ ଶତକ ହାସଲ କରିଥିବା ବେଳେ ସୂର୍ଯ୍ୟବଂଶୀ ୩୫ ବଲ୍‌ରେ ଶତକ ମାରିଛନ୍ତି । ସେ ଆଇପିଏଲ୍ ଇତିହାସର ଦ୍ୱିତୀୟ ଦ୍ରୁତତମ ବ୍ୟାଟର ହୋଇଥିବା ବେଳେ ଭାରତୀୟଙ୍କ ମଧ୍ୟରେ ପ୍ରଥମ । ତାଙ୍କ ପୂର୍ବରୁ ୟୁସୁଭ ପଠାନ ୩୭ ବଲ୍‌ରେ ଶତକ ମାରିଥିଲେ । ସେ ଦ୍ରୁତତମ ଶତକ ହାସଲ କରିଥିବା ଭାରତୀୟଙ୍କ ତାଲିକାରେ ନଂ.୧ରେ ଥିଲେ । କିନ୍ତୁ ତାଙ୍କୁ ସୂର୍ଯ୍ୟବଂଶୀ ପଛରେ ପକାଇ ଦେଇଛନ୍ତି । ସୂର୍ଯ୍ୟବଂଶୀ ନିଜ ବିସ୍ଫୋରକ ବ୍ୟାଟିଂ ବଳରେ ଭାରତୀୟ କ୍ରିକେଟ୍‌ର ତାରକା ହେବାର ସଂକେତ ଦେଇଛନ୍ତି ।



ବୈଭବ ନିଜ କ୍ରିକେଟ୍ କ୍ୟାରିୟରକୁ ଆଗକୁ ନେବା ପାଇଁ ରାସ୍ତା ସମ୍ପର୍କରେ ମଧ୍ୟ ସମସ୍ତଙ୍କୁ ଜଣା ନାହିଁ । କ୍ରିକେଟ୍ ଖେଳ ଆରମ୍ଭ କରିବା ବେଳେ ବୈଭବ କୌଣସି ଅତ୍ୟାଧୁନିକ ଟ୍ରେନିଂ କିମ୍ବା ଖ୍ୟାତନାମା ଏକାଡେମୀର ସୁବିଧା ପାଇନଥିଲେ । ମାତ୍ର ୧୦ ବର୍ଷ ବୟସରେ ସେ ଘରର ଛାତ ଉପରେ ଯେଉଁ ଅଭ୍ୟାସ କରି ମୁଳଦୁଆ ପକାଇଥିଲେ ତାହା ଏବେ କାମରେ ଆସିଛି । ସେ ସମୟର ଭିଡିଓ ମଧ୍ୟ ଏବେ ଖୁବ୍ ଜୋରରେ ଭାଇରାଲ ହେଉଛି ।

ବୈଭବ ୨୦୨୪ ଅକ୍ଟୋବରରେ ଚର୍ଚ୍ଚାକୁ ଆସିଥିଲେ । ସେ ଅଷ୍ଟ୍ରେଲିଆ ୧୯ ବର୍ଷରୁ କମ୍ ଦଳ ବିପକ୍ଷରେ ଭାରତ ପାଇଁ ୬୨ ବଲରେ ବିସ୍ଫୋରକ ୧୦୪ ରନ୍‌ର ଇନିଂସ ଖେଳିଥିଲେ । ଏଥିସହ ୧୯ ବର୍ଷରୁ କମ୍ କ୍ରିକେଟ୍‌ରେ ଦ୍ରୁତତମ ଶତକ ହାସଲ କରିବାର ରେକର୍ଡ ମଧ୍ୟ କରିଥିଲେ । ୫୮ ଟି ବଲରୁ ଶତକ ଦେଖିବାକୁ ମିଳିଥିଲା । ଏହି ଇନିଂସରେ ସେ ୧୪ଟି ଚୌକା ଓ ୪ଟି ଛକା ମାରିଥିଲେ । ୨୦୨୪ ଜାନୁଆରୀରେ ବୈଭବ ଚତୁର୍ଥ କନିଷ୍ଠ ଭାବେ ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ଡେବ୍ୟୁ କରିଥିଲେ । ୧୨ ବର୍ଷ ୨୮୪ ଦିନ ବୟସରେ ସେ ରଣଜୀ ଟ୍ରଫି ଖେଳିଥିଲେ । ସାମସ ମୁଲାନୀଙ୍କ ମୁମ୍ବାଇ ବିପକ୍ଷରେ ସେ ଡେବ୍ୟୁ କରିଥିଲେ । କୁଚ ବେହେରା ଟ୍ରଫିର ୨୦୨୩ ସଂସ୍କରଣରେ ସେ ବିହାର ପାଇଁ ଖେଳିଥିଲେ । ଝାଡ଼ଖଣ୍ଡ ବିପକ୍ଷ ମ୍ୟାଚରେ ସେ ୧୫୧ ରନ୍‌ର ଇନିଂସ ଖେଳିଥିଲେ । ଏହି ଇନିଂସରେ ବୈଭବ ୨୨ଟି ଚୌକା ଓ ୩ଟି ଛକା ମାରିଥିଲେ । ସମାନ ମ୍ୟାଚର ଦ୍ୱିତୀୟ ଇନିଂସରେ ସେ ୭୬ ରନ୍ କରିଥିଲେ । ୪ଟି ଦଳକୁ ନେଇ ଅନୁଷ୍ଠିତ ୧୯ ବର୍ଷରୁ କମ ସିରିଜ୍‌ରେ ମଧ୍ୟ ଭଲ ଖେଳିଥିଲେ । ସେ ଯଥାକ୍ରମେ ୫୩, ୭୪, ୦, ୪୧, ୦ କରିଥିଲେ । ୧୯ ବର୍ଷରୁ କମ୍ ଭାରତ ଏ, ବି, ଇଂଲଣ୍ଡ ଓ ବାଂଲାଦେଶକୁ ନେଇ ଟୁର୍ଣ୍ଣାମେଣ୍ଟ ଖେଳାଯାଇଥିଲା ।

ଆଇପିଏଲ୍‌ରେ ବୈଭବଙ୍କ ବେସ୍ ପ୍ରାଇସ୍ ୩୦ ଲକ୍ଷ ଟଙ୍କା ଥିଲା । ଦିଲ୍ଲୀ ପକ୍ଷରୁ ତାଙ୍କ ପାଇଁ ବିଡ୍ ଆରମ୍ଭ ହୋଇଥିଲା । ଏହାପରେ ଏଥିରେ ରାଜସ୍ଥାନ ସାମିଲ ହୋଇଥିଲା । ଉଭୟ ଦଳ ୧ କୋଟି ଯାଏଁ ବିଡ ଡାକିଥିଲେ । ଦାମ୍ ୧ କୋଟି ୧୦ ଲକ୍ଷ ହୋଇଯିବାରୁ ଦିଲ୍ଲୀ ନିଲାମରୁ ଓହରି ଯାଇଥିଲା । ଶେଷରେ ରାଜସ୍ଥାନ ତାଙ୍କୁ ୧.୧୦ କୋଟି ଟଙ୍କା ଦେଇ ଦଳରେ ସାମିଲ କରିଥିଲା । ରାଜସ୍ଥାନ ରାୟାଲ୍ସର ନିୟମିତ ଅଧିନାୟକ ସଞ୍ଜୁ ସାମସନ ଆହତ ହେବାରୁ ତାଙ୍କୁ ଲକ୍ଷ୍ନୌ ବିପକ୍ଷ ମ୍ୟାଚରେ ରାଜସ୍ଥାନ ଖେଳାଇଥିଲା । ସେ ପ୍ରଥମ ମ୍ୟାଚରେ ସୂର୍ଯ୍ୟବଂଶୀ ୩୪ ରନ୍ ଓ ଦ୍ୱିତୀୟ ମ୍ୟାଚରେ ୧୬ ରନ୍ କରିଥିଲେ । କିନ୍ତୁ ଗୁଜରାଟ ବିପକ୍ଷ ମ୍ୟାଚରେ ଶତକ ହାସଲ କରିଥିଲେ ।

## ଇଂଲଣ୍ଡ ଗସ୍ତରେ ଯିବେ ବୈଭବ

ନୂଆଦିଲ୍ଲୀ,୨୯।୪ (ଏଜେନ୍ସି): ଭାରତ–ଇଂଲଣ୍ଡ ମଧ୍ୟରେ ଜୁନ୍‌ରୁ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ଆରମ୍ଭ ହେବ । ଏହାର ଠିକ୍ ପୂର୍ବରୁ ଭାରତ ଏ ଟିମ୍ ଇଂଲଣ୍ଡ ଯିବ । ଆଇପିଏଲ୍ ପରେ ଭାରତର ୧୯ ବର୍ଷରୁ କମ୍ ଦଳ ସେଠାରେ ୫ଟି ଦିନିକିଆ ଓ ୨ଟି ଟେଷ୍ଟ ମ୍ୟାଚ ଖେଳିବ । ଏହି ଟିମ୍‌ରେ ବୈଭବ ସୂର୍ଯ୍ୟବଂଶୀଙ୍କୁ ସୁଯୋଗ ମିଳିପାରେ । ବୈଭବ ଏବଂ ଆୟୁଷ ମାହେତ୍ର ଚଳିତ ଆଇପିଏଲ୍‌ରେ ପ୍ରଭାବିତ କରିଛନ୍ତି । ରାଜସ୍ଥାନ ରୟାଲ୍ସ ପକ୍ଷରୁ ଖେଳୁଥିବା ବୈଭବ ଗୁଜରାଟ ଟାଇଟନ୍ସ ବିପକ୍ଷରେ ୩୫ ବଲରେ ଶତକ ହାସଲ କରିଥିଲେ । ପୂର୍ବରୁ ଅଷ୍ଟ୍ରେଲିଆ ବିପକ୍ଷ ୧୯ ବର୍ଷରୁ କମ୍ ମ୍ୟାଚରେ ମଧ୍ୟ ବୈଭବ ଶତକ ହାସଲ କରିଛନ୍ତି । ଆସନ୍ତା ବର୍ଷ ୧୯ ବର୍ଷରୁ କମ୍ ବିଶ୍ୱକପ୍ ହେବାର ଅଛି । ଏହି ଦୁଇ ଯୁବ ଖେଳାଳିଙ୍କ ଉପରେ ନଜର ରଖିଛି । ଇଂଲଣ୍ଡ ଗସ୍ତରେ ଏମାନେ ହାସଲ କରିବାକୁ ଥିବା ଅଭିଜ୍ଞତା ଆଗକୁ ନାମ୍ବିଆ ଓ ଜିମ୍ବାୱେରେ ହେବାକୁଥିବା ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ କାମ ଦେବ । ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ପରେ ଏମାନଙ୍କ ବିକଳ୍ପ ବିସିସିଆଇ ଏବେ ଠାରୁ ବିସିସିଆଇ ପ୍ରସ୍ତୁତି ଆରମ୍ଭ କରିଛି ।

## କୋଚ୍‌ଙ୍କ ଉପରେ ସନ୍ତୁଷ୍ଟ ନାହାନ୍ତି କେକେଆର୍ ଖେଳାଳି

କୋଲକାତା,୨୯।୪ (ଏଜେନ୍ସି):ଚଳିତ ଆଇପିଏଲ୍‌ର ଗତ ସଂସ୍କରଣର ଚାମ୍ପିଅନ୍ କୋଲକାତା ନାଇଟ୍ ରାଇଡର୍ସର ପ୍ରଦର୍ଶନ ଏପର୍ଯ୍ୟନ୍ତ ନୈରାଶ୍ୟଜନକ ରହିଛି । କେକେଆର୍ କୋଚ ଚନ୍ଦ୍ରକାନ୍ତ ପଣ୍ଡିତଙ୍କ ନିଷ୍ପତ୍ତି ଉପରେ ଦଳର ଖେଳାଳିମାନେ ସନ୍ତୁଷ୍ଟ ନାହାନ୍ତି । ରିପୋର୍ଟ ମୁତାବକ ଦଳର ଜଣେ ସିନିୟର ଖେଳାଳିଙ୍କ ବିରୋଧୀ ଦଳର ଜଣେ ଖେଳାଳିଙ୍କ ସହ ରାତ୍ରିଭୋଜନ କରୁଥିବା ଶୁଣି ଚନ୍ଦ୍ରକାନ୍ତ ପଣ୍ଡିତ ରାଗି ଯାଇଥିଲେ । ପଣ୍ଡିତ କେକେଆର୍ ଟିମ୍ ପାଇଁ ଏକ ୫୦୦ ଟଙ୍କିଆ ନିୟମ ଲାଗୁ କରିଛନ୍ତି । ଡିନର ସମୟରେ ଯେଉଁ ଖେଳାଳି ଡେରିରେ ପଡିବ ତାକୁ ୫୦୦ ଟଙ୍କା ଜୋରିମାନା ଦେବାକୁ ପଡିବ । ସେ ଟିମ୍ ମଧ୍ୟରେ ଏକତା ରଖିବା ଏହାକୁ କେହି ପସନ୍ଦ କରୁନାହାନ୍ତି । ଜଣେ ଖେଳାଳି ସ୍ପଷ୍ଟ କରି କହିଛନ୍ତି ଯେ, ଗୌତମ ଗମ୍ଭୀର କୋଚ ଥିବା ବେଳେ ଦଳ ଭିତରେ ଏକତା ଥିଲା । ସେହିପରି ହର୍ସିତ ରାଣା କହିଛନ୍ତି ଅଭିଶେକ ନାୟର ସାର୍ ଫେରିଛନ୍ତି । ଚନ୍ଦୁ ଓ ବ୍ରାଭୋ ସାର୍ ମଧ୍ୟ ଅଛନ୍ତି । ଏହା ସତ୍ତ୍ୱେ କିଛି ଅସୁବିଧା ମଧ୍ୟ ରହିଛି । ସବୁ କିଛି ସ୍ପଷ୍ଟ ଭାବେ କହି ହେବ ନି । କେକେଆର୍ ଏବେ ପ୍ଲେ ଅଫ୍ ପ୍ରଦର୍ଶନ ପାଇଁ ସଂଘର୍ଷ ଜାରି ରଖିଛନ୍ତି ।

## ତୃଣମୂଳସ୍ତରରେ ଭଲିବଲ ବିକାଶ: କିଟ୍–ଏଫ୍‌ଆଇଭିବି ଆଲୋଚନା

ଭୁବନେଶ୍ୱର,୨୯।୪ (ସବ୍ୟୁ): ତୃଣମୂଳସ୍ତରରେ ଭଲିବଲର ବିକାଶ ନେଇ କିଟ୍ ଓ ଏଫ୍‌ଆଇଭିବି ମଧ୍ୟରେ ଆଲୋଚନା ହୋଇଛି । ଏସମ୍ପର୍କରେ ଆଲୋଚନା ପାଇଁ କିଟ୍ ଓ କିସ୍ ପକ୍ଷରୁ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସ୍ୱିଜରଲାଣ୍ଡ ସ୍ଥିତ ଏଫ୍‌ଆଇଭିବି ମୁଖ୍ୟ କାର୍ଯ୍ୟାଳୟକୁ ନିମନ୍ତ୍ରଣ କରାଯାଇଥିଲା । ଏଫ୍‌ଆଇଭିବି ହେଉଛି ଭଲିବଲର ଅନ୍ତର୍ଜାତୀୟ ସଂଗଠନ । ଭାରତରେ ବିଶେଷକରି ଓଡ଼ିଶାର ବିଶ୍ୱବିଦ୍ୟାଳୟ ଗୁଡିକରେ ତୃଣମୂଳସ୍ତରରେ ଭଲିବଲର ପ୍ରଚାରପ୍ରସାର ଉପରେ ଏଫ୍‌ଆଇଭିବି କର୍ତ୍ତୃପକ୍ଷ ଓ ଅଚ୍ୟୁତ ସାମନ୍ତଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ଏହି ଆଲୋଚନାରେ ଏଫ୍‌ଆଇଭିବି ସଭାପତି ଫାବିଓ ଆଜେଭେଦୋ, ପୂର୍ବତନ ସଭାପତି ଆର୍‌ଏସ୍ ଗ୍ରାସା ଓ ସାଧାରଣ ନିର୍ଦ୍ଦେଶକ ଷ୍ଟିଭ ଟଟନ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଶ୍ରୀ ସାମନ୍ତ ଭାରତୀୟ ଭଲିବଲ ସଂଘର ସଭାପତି ପଦ ଛାଡିବା ପରେ ଭାରତରେ ଭଲିବଲର ଆଖିଦୃଶିଆ ଉନ୍ନତି ହୋଇନଥିବା ଏଫ୍‌ଆଇଭିବି କର୍ତ୍ତୃପକ୍ଷ ପ୍ରକାଶ କରିଥିଲେ । ଖୁବ୍ ଶୀଘ୍ର କିଟ୍ ଓ କିସ୍ ଜରିଆରେ ଭାରତ ତଥା ବିଶେଷ କରି ଓଡ଼ିଶାର ଭଲିବଲର ପ୍ରସାର ନିମନ୍ତେ ଅନେକ ଗୁଡିକ ସେଣ୍ଟର ଅଫ୍ ଏକ୍ସିଲେନ୍ସି ଖୋଲିଯିବ ବୋଲି ଏଫ୍‌ଆଇଭିବି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଏହି କେନ୍ଦ୍ର ଗୁଡିକରେ ଖେଳାଳି ଓ ପ୍ରଶିକ୍ଷକଙ୍କୁ ଉନ୍ନତ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଆଗାମୀ ଦିନରେ ଓଡ଼ିଶାରେ ୪୦୦ ବିଦ୍ୟାଳୟରେ ଏହି ଧାରାରେ ସାମିଲ କରାଯିବ । ପ୍ରତ୍ୟେକ ବିଦ୍ୟାଳୟକୁ ଭଲିବଲ ଓ ନେଟ୍ ଯୋଗାଣ ଦିଆଯିବ ବୋଲି ଏଫ୍‌ଆଇବି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଛନ୍ତି । ସେହିପରି ବିଚ ଭଲିବଲର ବିକାଶ ପାଇଁ ଏଫ୍‌ଆଇବି ପକ୍ଷରୁ ପ୍ରଶିକ୍ଷକ ଯୋଗାଇ ଦିଆଯିବ । ଏହା ସହ ପ୍ରତିବର୍ଷ ଏଫ୍‌ଆଇବି କିଟ୍ ଓ କିସ୍ ପରିଦର୍ଶନରେ ଆସି ଓଡ଼ିଶାରେ ହୋଇଥିବା ଭଲିବଲ ବିକାଶ ମୂଳକ କାର୍ଯ୍ୟର ସମୀକ୍ଷା କରିବ । ଏଥିରେ ସନ୍ତୋଷବ୍ୟକ୍ତ କରି ଶ୍ରୀ ସାମନ୍ତ କହିଛନ୍ତି ଏହାଦ୍ୱାରା ଓଡ଼ିଶାରେ ଭଲିବଲ ଓ ବିଚ୍ ବଲିବଲର ଯଥେଷ୍ଟ ବିକାଶ ଘଟିବା ସହ ତୃଣମୂଳସ୍ତରରେ କ୍ରୀଡା ପ୍ରତିଭା ସୃଷ୍ଟି ହୋଇପାରିବେ ।



## ଏସୀୟ ଜୁଜିଟସୁ: ଭାଗ ନେବେ ଅନୁପମାଙ୍କ ସହ ୪ ଜଣ




ଭୁବନେଶ୍ୱର,୨୯।୪ (ସବ୍ୟୁ): ମେ ୨୧ରୁ ୨୫ ତାରିଖ ପର୍ଯ୍ୟନ୍ତ ଜୋର୍ଡାନରେ ନବମ ଏସୀୟ ଜୁଜିଟସୁ ପ୍ରତିଯୋଗିତା ଆୟୋଜିତ ହେବ । ଏଥିନିମନ୍ତେ ଭାରତୀୟ ଖେଳାଳିଙ୍କ ମନୋନୟନ ଶିବିର ଉତ୍ତରଖଣ୍ଡରେ ଗତ ୨୭ ତାରିଖରେ ଅନୁଷ୍ଠିତ ହୋଇଥିଲା । ଓଡ଼ିଶାର ଏସୀୟ ଜୁଜିଟସୁ ପଦକ ବିଜେତା ଅନୁପମା ସ୍ୱାଇଁଙ୍କ ବ୍ୟତୀତ ସନ୍ତୋଷ ସିଂ (୭୭ କିଲୋଗ୍ରାମ୍), ସ୍ୱରାଜ ଜାନୀ (ପୁରୁଷ ୬୯ କିଲୋଗ୍ରାମ୍) ଓ ଦେବାଶିଷ ସାମନ୍ତରାୟ (୬୨ କିଲୋଗ୍ରାମ୍) ଆଗାମୀ ଏସୀୟ ପ୍ରତିଯୋଗିତା ନିମନ୍ତେ ଭାରତୀୟ ସଂଘ ଦ୍ୱାରା ମନୋନୀତ ହୋଇଛନ୍ତି । ବିଗତ ୫ଟି ଏସୀୟ ପ୍ରତିଯୋଗିତାର ପଦକ ବିଜେତା ତଥା ଏସିଆନ୍ ଗେମ୍ସର ଜୁଜିଟସୁରେ ଭାଗ ନେଇଥିବା ଅନୁପମା ସ୍ୱାଇଁ ଏସୀୟ ପ୍ରତିଯୋଗିତାର ବରିଷ୍ଠ ମହିଳା ୫୨ କିଲୋ ବିଭାଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ । ଉତ୍ତରାଖଣ୍ଡର ହଲଦ୍ୱାନୀଠାରେ ଅନୁଷ୍ଠିତ ଜୁଜିଟସୁ ପ୍ରଶିକ୍ଷଣ ଶିବିର ଓ ରେଫରୀ ପରୀକ୍ଷାରେ ଓଡ଼ିଶାର ତନେସ ପୁନିତ ଲେଙ୍କା ଓ ସୋରାଜ ଜାନୀ ଏଫ୍‌ଆଇ ନିୱାଜ ବିଭାଗର ଗ୍ରେଡ ଏ ରେଫରୀ ପରୀକ୍ଷାରେ ସଫଳତାର ସହ କୃତକାର୍ଯ୍ୟ ହୋଇଛନ୍ତି । ମନୋନୀତ ପ୍ରତିଯୋଗୀ ଓ ରେଫରୀମାନଙ୍କର ଓଡ଼ିଶା ଜୁଜିଟସୁ ତରଫରୁ ଶୁଭେଚ୍ଛା ଜଣାଯାଇଛି ।

**ସୂଚନା**

ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି